

‘ରାମାୟଣ’କୁ ନା କରିଥିଲେ ପ୍ରିୟଙ୍କା

▶ପୃଷ୍ଠା ୧୧ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-350 ◆BHUBANESWAR ◆WEDNESDAY ◆18 JUNE 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୨ ◆ସଂଖ୍ୟା-୩୫୦ ◆ଭୁବନେଶ୍ୱର ◆ବୁଧବାର ◆୧୮ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ମଧ୍ୟପ୍ରାଚ୍ୟରେ ମହାଲଢ଼େଇ

# ଯୁଦ୍ଧକୁ ଡେଇଁବ ଆମେରିକା

▶▶ ଲଢୁଆ ବିମାନ ପଠାଇଲା ଆମେରିକା

▶▶ ତେହରାନ ଖାଲି କରିବାକୁ କହିଲେ ଟ୍ରମ୍ପ

▶▶ ଖାମନେଇଙ୍କୁ ବି ହତ୍ୟା କରାଯିବ: ଇସ୍ରାଏଲ

■ ତେହରାନ, ୧୭।୬ (ଏଜେନ୍ସି): ଇରାନ-ଇସ୍ରାଏଲ ମଧ୍ୟରେ ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ଯୁଦ୍ଧ ପଞ୍ଚମ ଦିନରେ ପହଞ୍ଚିଛି। ଉଭୟ ଇରାନ ଏବଂ ଇସ୍ରାଏଲ ପରସ୍ପର ଉପରକୁ କ୍ଷେପଣାସ୍ତ୍ର ମାଡ଼ କରିବା ସହିତ ଏବେ ଜନବସତି ଅଞ୍ଚଳକୁ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି। ଏଥିରେ ବର୍ତ୍ତମାନ ସୁଦ୍ଧା ଶତାଧିକ ଲୋକ ପ୍ରାଣ ହରାଇଥିବା ବେଳେ ହଜାର ହଜାର ଲୋକ ବାସଚ୍ୟୁତ ହୋଇଛନ୍ତି। ଯୁଦ୍ଧ ଥମିବାର ନାଁ ଧରୁ ନ ଥିବା ବେଳେ ଇରାନ ରାଜଧାନୀ ତେହରାନ ଉପରେ ବଡ଼ଧରଣର ଆକ୍ରମଣ କରିବା ଲାଗି ଆମେରିକା ଯୋଜନା କରୁଛି। ତୁରନ୍ତ ତେହରାନ ଖାଲି କରିବା ଲାଗି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନବାସୀଙ୍କୁ ପରାମର୍ଶ ଦେବାପରେ ଏଭଳି ଆଭାସ ମିଳିଛି।

କେବଳ ସେତିକି ନୁହେଁ, ଇସ୍ରାଏଲକୁ ଆମେରିକା ଲଢୁଆ ବିମାନ ପଠାଇବା ପରେ ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧର ଆଶଙ୍କା ଘନେଇଛି। ଦୁଇ ଦେଶ ମଧ୍ୟରେ ଚାଲିଥିବା ଲଢ଼େଇକୁ ଆମେରିକା ଖୁବ୍‌ଶୀଘ୍ର ଲମ୍ଫ ମାରିପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।


ଅନ୍ୟପକ୍ଷରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇଙ୍କୁ ହତ୍ୟା କରାଯିବ ବୋଲି ଇସ୍ରାଏଲ୍ ଚେତାବନୀ ଦେଇଛି। ଇରାନ-ଇସ୍ରାଏଲ ଯୁଦ୍ଧର ଅବସାନ ପାଇଁ ଆନ୍ତର୍ଜାତିକ ସ୍ତରରେ ସେମିତି ଆଖିଦୃଶିଆ ଉଦ୍ୟମ ହେଉନଥିବା ବେଳେ ଟ୍ରମ୍ପ ଆଜି ଧମକ ଦେଇ କହିଛନ୍ତି, ଇରାନ ସହ କଥାବାର୍ତ୍ତା କରିବା ମୁଡ୍‌ରେ ସେ ନାହାନ୍ତି। ପରମାଣୁ ଅସ୍ତ୍ର ▶ପୃଷ୍ଠା-୭



## ଯୁଦ୍ଧରୁ ବେପାର

### ହୋଟେଲ୍ ମେନୁରେ ‘ସ୍କାଏ ମିସାଇଲ୍ ଭ୍ୟୁ’ ଫିଚର୍

■ ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ଇରାନ-ଇସ୍ରାଏଲ ମଧ୍ୟରେ ଚାଲିଥିବା ଘମାଘୋଟ ଯୁଦ୍ଧକୁ ନେଇ ବିଶ୍ୱ ଚିନ୍ତିତ ଥିବା ବେଳେ ଲେବାନନ୍ ଏହି ଯୁଦ୍ଧକୁ ଆୟର ଉତ୍ସ କରିଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଲେବାନନ୍‌ର ହୋଟେଲଗୁଡ଼ିକ ସେମାନଙ୍କର ମେନୁରେ ‘ସ୍କାଏ ମିସାଇଲ୍ ଭ୍ୟୁ’ ପ୍ରିମିୟମ୍ ଫିଚର ଯୋଡ଼ିଛନ୍ତି। ରାଜଧାନୀ ବେରୁତ୍‌ର ଏକ ବାର୍ ଛାତ ଉପରୁ ଗ୍ରାହକମାନେ ଇସ୍ରାଏଲ୍ ଉପରେ ଇରାନ୍ ପକ୍ଷରୁ କରାଯାଉଥିବା ମିସାଇଲ ମାଡ଼ ଦେଖିବା ସହ ସେଲ୍‌ଫି ମଧ୍ୟ ନେଉଛନ୍ତି।



ଏଥିରେ ସ୍ୱତନ୍ତ୍ର ସିଟ୍ ପାଇଁ ଅଲଗା ଫି’ ରଖାଯାଇଛି। ଏପରି ଏକ ହୋଟେଲର ବିଲ୍ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

# ପାଣି ଦୂଷିତ-ମଦ ବିଷାକ୍ତ-ନାରୀ ଅସୁରକ୍ଷିତ

## ଡେଉଁଛି ଡାଇରିଆ

## ଦିନକରେ ୫ ଜିଲ୍ଲାରେ ୩୦୦ ନୂଆ ଆକ୍ରାନ୍ତ

■ ଭୁବନେଶ୍ୱର/ଯାଜପୁର/କେନ୍ଦ୍ରାପଡ଼ା, ୧୭।୬ (ସମିସ): ଗତ ୬ ତାରିଖରୁ ଯାଜପୁରରେ ବ୍ୟାପିଥିବା ଡାଇରିଆ ଡେଇଁଡେଇଁ ମାଡୁଛି। ଦୈନିକ ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ବଦଳରେ ବଢ଼ିଚାଲିଛି। ୧୨ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ଯାଜପୁରରେ ହଇଜା ନିୟନ୍ତ୍ରଣ ହୋଇ ନ ଥିବାବେଳେ ଝାଡ଼ାବାନ୍ତି ୯ ଜିଲ୍ଲାକୁ ବ୍ୟାପିଛି। ଯାଜପୁର ପରେ କଟକ, କେନ୍ଦ୍ରାପଡ଼ା, ଭଦ୍ରକ, କେନ୍ଦୁଝର, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା ପରେ ଆଜି ବାଲେଶ୍ୱରକୁ ଡାଇରିଆ ମାଡ଼ିଗଲାଣି। ଯାଜପୁର ଜିଲ୍ଲାର କୋରେଇ, ବଡ଼ଚଣା, ଧର୍ମଶାଳାରେ ସ୍ଥିତିରେ ସାମାନ୍ୟ ଉନ୍ନତି ଘଟିଥିବାବେଳେ ଯାଜପୁର ଓ ବରୀ ବ୍ଲକରେ ଝାଡ଼ାବାନ୍ତି ଭୟଙ୍କର ରୂପ ନେଇଛି। ସୁକିନ୍ଦା ବ୍ଲକ କାଙ୍କଡ଼ପାଳ ପଞ୍ଚାୟତ ଗରାମିଆଁ ଗାଁରେ ଜଣଙ୍କର ମୃତ୍ୟୁ ଘଟିଛି। ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ମଧ୍ୟରେ ଅର୍ଦ୍ଧାଧିକ ଶିଶୁ ରୋଗୀ ଥିବା ଜଣାପଡ଼ିଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଜିଲ୍ଲାରେ ୧୮୫ ଜଣ ନୂଆ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ୧୫ ଜଣଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।



ରାଜ୍ୟର ମୋଟ ୯ ଜିଲ୍ଲା ସଂକ୍ରମିତ

୧୨ ଦିନରେ ଗଡ଼ିଲାଣି ୨୦ ମୁଣ୍ଡ

୩୦ ଜିଲ୍ଲା ପାଇଁ ସତର୍କତା ଜାରି

କେନ୍ଦ୍ରୀୟ ଟିମ୍ ମଧ୍ୟ ତିନି ଦିନ ଧରି ଯାଜପୁରରେ ସ୍ଥିତି ଅନୁଧ୍ୟାନ କରୁଥିଲେ ହେଁ ଏଯାବତ୍ ଝାଡ଼ାବାନ୍ତିର ମୂଳ ଉତ୍ସ ଖୋଜି ପାଉନାହାନ୍ତି। ▶ପୃଷ୍ଠା-୭

## ରାଜଧାନୀରେ ମଦମୃତ୍ୟୁ

■ ଭୁବନେଶ୍ୱର, ୧୭।୬ (ସମିସ): ସରକାର ବର୍ଷପୂର୍ତ୍ତି ଉତ୍ସବ ପାଳନ କରୁଥିବାବେଳେ ରାଜଧାନୀରେ ବିଷାକ୍ତ ମଦ ପିଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ଗତବର୍ଷ ଚିକିଟି ଅଞ୍ଚଳରେ ବିଷାକ୍ତ ମଦ ମୃତ୍ୟୁ ଘଟଣାର ତଦନ୍ତ ଏଯାଏ ଆରମ୍ଭ ହୋଇ ନ ଥିବାବେଳେ ଖୋଦ୍ ରାଜଧାନୀରେ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। କଟକ-ପୁରୀ ରୋଡ୍‌ର ଷ୍ଟେସନବଜାର ନିକଟରେ ଥିବା ଏକ ବିଦେଶୀ ମଦ ଦୋକାନରୁ ବିଷାକ୍ତ ମଦ ପିଇ ଲକ୍ଷ୍ମୀସାଗର ଉପର ସାହିର ୨ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

**୨ ମୃତ, ୩ ଗୁରୁତର**

ମୃତ୍ୟୁବରଣ କରିଥିବା ଦୁଇ ଯୁବକ ହେଲେ ସନ୍ତୋଷ କୁମାର ପଟ୍ଟନାୟକ ଏବଂ ବିଶ୍ୱଜିତ ବେହେରା। ଅନ୍ୟପକ୍ଷରେ ବିଷାକ୍ତ ମଦ ପିଇ ୩ଜଣ ଗୁରୁତର ଭାବରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳବାସୀ ମଦ ଦୋକାନ ଆଗରେ ହୋ ହାଲ୍ଲା କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ଅବକାରୀ ବିଭାଗ କର୍ମଚାରୀ ଉକ୍ତ ଦୋକାନରୁ ମଦ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ▶ପୃଷ୍ଠା-୭

## ଗୋପାଳପୁର ଗଣଦୁଷ୍କର୍ମ

## ରାଜ୍ୟକୁ ଲଜ୍ଜା

ଡିଜିଙ୍କୁ ଜାତୀୟ ମହିଳା କମିଶନଙ୍କ ରିପୋର୍ଟ ତଲବ

କ୍ରାଇମବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ ଦେଲେ ପୁଲିସ ଡିଜି

ପୁଲିସ କବ୍‌ଜାରେ ୪ ନାବାଳକଙ୍କ ସମେତ ୧୦



■ ଭୁବନେଶ୍ୱର/ ବ୍ରହ୍ମପୁର, ୧୭।୬ (ସମିସ): ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ତାଙ୍କ ବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ ଘଟଣା ସାରା ଦେଶକୁ ଦୋହଲାଇ ଦେଇଛି। ବିଳମ୍ବରେ ହେଲେ ମଧ୍ୟ ପୁଲିସ ଏହି ଘଟଣାରେ ୧୦ ଅଭିଯୁକ୍ତଙ୍କୁ ଗିରଫ କରିଛି, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ୪ ନାବାଳକ। ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିବା ଅନ୍ୟ ଯୁବକମାନଙ୍କୁ ଏହି ନାବାଳକମାନେ ସହଯୋଗ କରିଥିବା ଅଭିଯୋଗ ହୋଇଛି। ଜାତୀୟ ମହିଳା କମିଶନ ବିଜୟା ରାହତକର ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ୩ ଦିନ ▶ପୃଷ୍ଠା-୭

### ନିନ୍ଦାକଲେ ମୁଖ୍ୟମନ୍ତ୍ରୀ ମୋହନ

■ ଭୁବନେଶ୍ୱର, ୧୭।୬ (ସମିସ): ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହା ସହ ଅପରାଧୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ▶ପୃଷ୍ଠା-୭

### ନବୀନଙ୍କ କ୍ଷୋଭ

■ ଭୁବନେଶ୍ୱର, ୧୭।୬ (ସମିସ): ଗୋପାଳପୁରରେ ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ସାଂଘାତିକ ସ୍ଥିତିକୁ ପଦାରେ ପକାଇ ଦେଇଛି। ଏପରି ସ୍ୱର୍ଶକାତର ଘଟଣାକୁ ରାଜ୍ୟବାପୀ କଡ଼ା ନିନ୍ଦା କରାଯାଉଥିବା ବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଦୃଢ଼ ନିନ୍ଦା କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ପ୍ରତିକ୍ରିୟା ରଖି ରାଜ୍ୟରେ ମହିଳାମାନଙ୍କ ନିରାପତ୍ତା ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ▶ପୃଷ୍ଠା-୭



ଗଣଦୁଷ୍କର୍ମ ଖବର ଅତ୍ୟନ୍ତ ସ୍ୱର୍ଶକାତର

ମହିଳାଙ୍କ ସୁରକ୍ଷା ଅଭାବ ଚିନ୍ତାଜନକ

## ପ୍ରେମିକାକୁ ଉପହାର ଦେବାକୁ ଚୋରି

■ କେନ୍ଦ୍ରାପଡ଼ା, ୧୭।୬ (ସମିସ): ପ୍ରେମିକାକୁ ଖୁସି କରିବାକୁ ଯାଇ ଚୋରି କରିବାକୁ ପଡ଼ିଲା। ଚୋର ଗ୍ୟାଙ୍ଗରେ ସାମିଲ ହୋଇ ପୁଲିସ ହାବୁଡ଼ରେ ପଡ଼ିଲେ। ପୁଲିସର ପଚରାଉଚରା ପରେ ସବୁ ଘଟଣାର ପର୍ଦ୍ଦାଫାସ ହୋଇଛି। ପ୍ରେମିକାକୁ ରଜ ଉପହାର ଦେବା ପାଇଁ ଜଣେ ଯୁବକ ଚୋର ଦଳରେ ମିଶିଥିଲେ। ଶେଷରେ ଗାଡ଼ିରୁ ଡେଇଁ ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଲା। ଏହି ଦଳର ଅନ୍ୟ ଜଣେ ସଦସ୍ୟଙ୍କୁ ଗାଁ ଲୋକ ଧରି ପୁଲିସ ଜିମାଦେଲେ। ଏହି ଯୁବକ ସମସ୍ତ ଘଟଣା ପୁଲିସ ସମ୍ମୁଖରେ ବର୍ଣ୍ଣନା କରିଛି। ପ୍ରେମିକାକୁ ଉପହାର ଦେବା ପାଇଁ ଯୁବକଙ୍କ ପାଖରେ ଟଙ୍କା ନ ଥିଲା। ସେ ଏକ ଚୋର ଦଳରେ ସାମିଲ ହୋଇଥିଲେ ବୋଲି ପୁଲିସ ଆଗରେ ବୟାନ ଦେଇଛି। ଥାନା ଜିମାରେ ଥିବା ଅଭିଯୁକ୍ତ କାର୍ତ୍ତିକର ବୟାନ ଆଧାରରେ ପୁଲିସ ଜଣେ ଯୁବତୀଙ୍କୁ ଥାନାକୁ ଆଣି ଜେରା କରିଛି।

**ଗାଡ଼ିରୁ ଡେଇଁ ପ୍ରେମିକ ମୃତ; ପ୍ରେମିକାକୁ ପୁଲିସ୍‌ର ଜେରା**

ସୂଚନା ମୁତାବକ, ସଦର ଥାନା ଅନ୍ତର୍ଗତ ଭାଣ୍ଡିଲୋ ଗ୍ରାମର ସିପୁନ ବିଶ୍ୱାଳ ଓ କାର୍ତ୍ତିକ ସ୍ୱାଇଁ ଦୁଇ ଭଉଣୀଙ୍କୁ ପ୍ରେମ କରୁଥିଲେ । ରଜରେ ନିଜ ନିଜ ପ୍ରେମିକାଙ୍କୁ କିଛି ଉପହାର ଦେବା ପାଇଁ କଥା ଦେଇଥିଲେ। ଦାମୀ ଉପହାର ଦେଇ ଖୁସି କରିବାକୁ ଚାହିଁଥିଲେ ହେଁ ସେମାନଙ୍କ ନିକଟରେ ଅର୍ଥ ନ ଥିଲା। ତେଣୁ ଅର୍ଥ କିପରି ଯୋଗାଡ କରିବେ, ସେହି ଚିନ୍ତାରେ ଉଭୟ ରହିଥିଲେ। ଏହି ସମୟରେ ତାଙ୍କ ସହ ଭେଟ ହୋଇଥିଲେ ଚୋର ଦଳର ମାଷ୍ଟର ମାଇଣ୍ଡ ସତ୍ୟରଞ୍ଜନ ଜେନା। ସତ୍ୟରଞ୍ଜନ ଉଭୟଙ୍କୁ କହିଥିଲା ଏକ କାମ ଅଛି। ଏହି କାମ କଲେ ଭଲ ପଇସା ମିଳିବ। ଉଭୟଙ୍କୁ ୧୩ ତାରିଖ ରାତିରେ ସଦର ଥାନା ଅନ୍ତର୍ଗତ ଜଣ୍ଟିଲୋ ଛକକୁ ନେଇଥିଲା ସତ୍ୟରଞ୍ଜନ। ସେଠାରୁ ▶ପୃଷ୍ଠା-୭

## ପୁଣି ଯାନ୍ତ୍ରିକ ତ୍ରୁଟି

## ଦିନକରେ ୭ ଏୟାର୍ ଇଣ୍ଡିଆ ବିମାନ ବାତିଲ

■ ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ଏୟାର ଇଣ୍ଡିଆ ମଙ୍ଗଳବାର ତା’ର ଏକାଧିକ ଅନ୍ତର୍ଜାତୀୟ ବିମାନ ଉଡାଣକୁ ବାତିଲ କରିଛି। ଅହମଦାବାଦ ବିମାନ ଦୁର୍ଘଟଣା ପରେ ବୋଇଂର ପ୍ରମୁଖ ବିମାନଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ବୋଇଂର ୭୮୭-୮ ଡ୍ରିମ୍‌ଲାଇନର ବିମାନର ଏହି ୭ଟି ଅନ୍ତର୍ଜାତୀୟ ଉଡାଣକୁ ବାତିଲ କରାଯାଇଛି ବୋଲି ଏୟାର ଇଣ୍ଡିଆ ତରଫରୁ କୁହାଯାଇଛି। ବାତିଲ ହୋଇଥିବା ବିମାନଗୁଡ଼ିକର ହେଲା ଏଆଇ ୯୧୫ (ଦିଲ୍ଲୀ- ଦୁବାଇ), ଏଆଇ୧୫୩ (ଦିଲ୍ଲୀ- ଭିଏନା), ଏଆଇ ୧୪୩ (ଦିଲ୍ଲୀ- ପ୍ୟାରିସ୍), ଏଆଇ ୧୫୯ (ଅହମ୍ମଦାବାଦ୍- ଲଣ୍ଡନ), ଏଆଇ୧୭୦ (ଲଣ୍ଡନ-ଅମ୍ରିତଶର) ଏଆଇ ୧୩୩ (ବେଙ୍ଗାଲୁରୁ- ଲଣ୍ଡନ) ଓ ଏଆଇ ୧୭୯ (ସାନଫ୍ରାନସିସ୍କୋ-ମୁମ୍ବାଇ)।

ସାନଫ୍ରାନସିସ୍କୋ-ମୁମ୍ବାଇ ବିମାନରୁ ଓହ୍ଲାଇଗଲେ ଯାତ୍ରୀ

ଏୟାର୍ ଇଣ୍ଡିଆର ଇଞ୍ଜିନିୟରିଂ ମୁଖ୍ୟଙ୍କୁ ଡିଜିସିଏର ସମନ



ସେହିପରି ବୈଷୟିକ କାରଣ ଦୃଷ୍ଟିରୁ ଦିଲ୍ଲୀ ଆସୁଥିବା ଏଆଇ ୩୧୫ ବିମାନକୁ ପାଇଲଟ ପୁଣି ହଂକଂକୁ ଫେରାଇ ନେବାକୁ ବାଧ୍ୟ ହୋଇଛନ୍ତି। ଅନ୍ୟପଟେ ମଙ୍ଗଳବାର ସାନ୍ ଫ୍ରାନ୍‌ସିସ୍କୋରୁ ମୁମ୍ବାଇ ଆସୁଥିବା ବିମାନରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଫଳରେ ଯାତ୍ରୀମାନଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିଲା। ସେହିପରି ଲୁଫ୍‌ଥାନ୍‌ସା ଓ ବ୍ରିଟିଶ ଏୟାରୱେଜ୍‌ର ଦୁଇଟି ଡ୍ରିମ୍‌ଲାଇନର ବିମାନକୁ ଯାତ୍ରା ଆରମ୍ଭ କରିଥିବା ଏୟାରପୋର୍ଟକୁ ଫେରିବାକୁ ପଡ଼ିଥିଲା। ଏହି ଦୁଇଟି ବିମାନ ଫ୍ରାଙ୍କଫର୍ଟ ଓ ଲଣ୍ଡନରୁ ଯଥାକ୍ରମେ ହାଇଦରାବାଦ ଓ ଲଣ୍ଡନ ଯାତ୍ରା କରିବାର କାର୍ଯ୍ୟକ୍ରମ ଥିଲା।

ଅହମଦାବାଦ ଦୁର୍ଘଟଣା ପରେ ଗତ ୫ ଦିନମଧ୍ୟରେ ଅହମ୍ମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ଦ୍ୱିତୀୟ ଫ୍ଲାଇଟ୍‌କୁ ବାତିଲ କରାଯାଇଛି। ମଙ୍ଗଳବାର ଏଆଇ-୧୫୯ ଅହମ୍ମଦାବାଦରୁ ଅପରାହ୍ଣ ୧.୧୦ରେ ଲଣ୍ଡନ ଯାତ୍ରା ଆରମ୍ଭ କରିବାର କାର୍ଯ୍ୟକ୍ରମ ଥିଲା। ଟେକ୍ ଅଫ୍‌ର କିଛି ଘଣ୍ଟା ପୂର୍ବରୁ ବିମାନରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏବେ ଏହି ବିମାନ ବୁଧବାର ଲଣ୍ଡନ ଯାତ୍ରା କରିବ ବୋଲି କୁହାଯାଇଛି। ସେହିପରି ଗୋଟିଏ ଦିନ ପୂର୍ବରୁ ଅର୍ଥାତ ସୋମବାର ଅହମଦାବାଦରୁ ଲଣ୍ଡନ ଯିବାକୁଥିବା ଫ୍ଲାଇଟ୍‌କୁ ମଧ୍ୟ ବାତିଲ କରାଯାଇଥିଲା। ତେବେ ବୈଷୟିକ ତ୍ରୁଟି ନୁହଁ; ଆବଶ୍ୟକ ସଂଖ୍ୟକ ବିମାନ ନଥିବାରୁ ଉଡାଣ ବାତିଲ ହୋଇଛି ବୋଲି ଏୟାର ଇଣ୍ଡିଆ କହିଛି। ଅନ୍ୟପକ୍ଷରେ ବାରମ୍ବାର ଯାନ୍ତ୍ରିକ ତ୍ରୁଟି ପାଇଁ ଏୟାର୍ ଇଣ୍ଡିଆର ଇଞ୍ଜିନିୟରିଂ ମୁଖ୍ୟଙ୍କୁ ଡିଜିସିଏ ପକ୍ଷରୁ ସମନ ଜାରି କରାଯାଇଛି।


SIKSHA ‘O’ ANUSANDHAN

SAAT-2025

Empowering students for a brighter future

LAW PROGRAMMES OFFERED
- BA LLB (H) - Integrated Law
- BBA LLB (H) - Integrated Law
- LLB (H) - 3 Years Law
- LLM

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 09th Best in Law Category
- 14th Best in University Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# ଆମେରିକାରେ ପାକିସ୍ତାନ ସେନାମୁଖ୍ୟଙ୍କୁ ବିରୋଧ

ୱାସିଂଟନ୍, ୧୭।୬(ଏଜେନ୍ସି): ଆମେରିକା ଗସ୍ତରେ ଯାଇଥିବା ପାକିସ୍ତାନ ସେନାଧକ୍ଷ ଅସିମ ମୁନିରଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଏକ ସରକାରୀ ଗସ୍ତରେ ଆମେରିକାର ଯାଇଥିବା ମୁନିରଙ୍କୁ ୱାସିଂଟନ ଡିସିରେ ପାକିସ୍ତାନ ନାଗରିକ ଓ ପାକିସ୍ତାନ



ବଂଶୋଦ୍ଭବ ଲୋକଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏମାନେ ଏକାଠି ହୋଇ ମୁନିରଙ୍କ ହୋଟେଲ ନିକଟରେ ତାଙ୍କ ବିରୋଧରେ ସ୍ଲୋଗାନମାନ ଦେଇଥିଲେ। ପାକିସ୍ତାନରେ ଗଣତନ୍ତ୍ରକୁ ପୁଣି ଥରେ ନିରପେକ୍ଷ ଓ ସ୍ବଚ୍ଛ ଭାବେ ପ୍ରତିଷ୍ଠା କରିବାକୁ ସେମାନେ ଦାବି କରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି। ହୋଟେଲ ନିକଟ୍‌ରେ ଏକ ମୋବାଇଲ୍ ଇଲେକଟ୍ରୋନିକ୍ ବିଲ୍‌ବୋର୍ଡ ଦେଖିବାକୁ ମିଳିଥିଲା। ଏଥିରେ ଅସିମ ମୁନିର, ଗଣହତ୍ୟାକାରୀ। ଯେବେ ବନ୍ଧୁକ ଗର୍ଜିବ, ତେବେ ଲୋକତନ୍ତ୍ରର ହତ୍ୟା ହେବ' ବୋଲି ଦେଖିବାକୁ ମିଳିଥିଲା। ସେହିପରି ଏମାନେ 'ଶେମ୍ ଅନ୍ ୟୁ ଶେମ୍ ଫ୍ରି ପାକିସ୍ତାନ' ଭଳି ସ୍ଲୋଗନ ଦେଇଥିଲେ। ଏମାନେ ସବୁ ଇମ୍ରାନ ଖାନ୍‌ଙ୍କ 'ତହରିକ-ଇ- ଇନ୍‌ସାଫ୍' ପାର୍ଟିର ସମର୍ଥକ ଓ ଏମାନେ ଏହି ବିରୋଧ ପ୍ରଦର୍ଶନ ଆୟୋଜନ କରୁଛନ୍ତି ବୋଲି କୁହାଯାଇଛି। ପାକିସ୍ତାନରେ ଅଧିଷ୍ଠିତ ଏବେକାର ସରକାରଙ୍କୁ ଏମାନେ ଦୀର୍ଘ ବର୍ଷ ଧରି ବିରୋଧ କରିଆସୁଛନ୍ତି।

# ସୋନିଆ ଗାନ୍ଧୀଙ୍କ ପାକସ୍ଥଳୀ ସଂକ୍ରମଣ

ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ଦିଲ୍ଲୀର ସାର୍ ଗଙ୍ଗା ରାମ ହସ୍ପିଟାଲରେ ରବିବାରଠାରୁ ଭର୍ତ୍ତି ହୋଇଥିବା କଂଗ୍ରେସର ସଂସଦୀୟ ଦଳ ମୁଖ୍ୟ



ସୋନିଆ ଗାନ୍ଧୀଙ୍କ ପାକସ୍ଥଳୀ ସଂକ୍ରମଣ ହୋଇଛି। ଏବେ ସେ ଡାକ୍ତରଙ୍କ ପର୍ଯ୍ୟବେକ୍ଷଣରେ ଅଛନ୍ତି। ଧିରେ ଧିରେ ସୁସ୍ଥ ହେଉଛନ୍ତି ବୋଲି ହସ୍ପିଟାଲର ଅଧକ୍ଷ ଡ଼. ଅଜୟ ସ୍ୱରୂପ କହିଛନ୍ତି। ତେବେ ସେ କେଉଁ ଦିନ ମେଡିକାଲରୁ ଛାଡ଼ ପାଇବେ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ତାଙ୍କ ଖାଦ୍ୟପଦାର୍ଥ ଏବଂ ସ୍ୱାସ୍ଥ୍ୟାବସ୍ଥା ଉପରେ ଡ. ଏସ ନଣ୍ଡି ଏବଂ ଡ. ଅମିତାଭ ଯାଦବ ତୀକ୍ଷଣ ଦୃଷ୍ଟି ରଖିଛନ୍ତି। ରବିବାର ତାଙ୍କୁ ଗ୍ୟାଷ୍ଟ୍ରୋ ବିଭାଗରେ ଭର୍ତ୍ତି କରାଯାଇଥିଲା।

# ୟୁକ୍ରେନର ୨୭ ଠିକଣାରେ ରୁଷ୍ ଆକ୍ରମଣ: ୧୫ ମୃତ

ମସ୍କୋ, ୧୭।୬ (ଏଜେନ୍ସି): ୟୁକ୍ରେନ ରାଜଧାନୀ କିଭ୍ ଉପରେ ରୁଷ୍ ଜୋରଦାର ଆକ୍ରମଣ କରିଛି। ମଙ୍ଗଳବାର ସକାଳେ ଅନେକ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ୧୪ ଜଣଙ୍କ ମୃତ୍ୟୁ ହୋଇଛି। ୪୪ ଜଣ ଆହତ ହୋଇଛନ୍ତି ବୋଲି ୟୁକ୍ରେନ ଗୃହ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ୟୁକ୍ରେନ ଗୃହମନ୍ତ୍ରୀ ଇହୋର କ୍ଲିମେଂକୋ କହିଛନ୍ତି ଯେ କିଭ୍‌ର ୨୭ ସ୍ଥାନରେ ଆକ୍ରମଣ କରାଯାଇଛି। ଏଥିରେ ଜନବହୁଳ କୋଠା, ସ୍କୁଲ୍ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ୨୦୨୨ ଫେବୃଆରୀ ୨୪ରୁ ଆରମ୍ଭ ହୋଇଥିବା ଯୁଦ୍ଧ ପରେ ଏହା ସବୁଠାରୁ ବଡ଼ ଆକ୍ରମଣ ଥିଲା ବୋଲି କୁହାଯାଇଛି। ଏହା ପରେ କିଭ୍‌ରେ ୭ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଆକ୍ରମଣ ପାଇଁ ଚେତାବନୀ ଜାରି ହୋଇଥିଲା।

# ଜୁଲାଇ ୧ରୁ ଅମରନାଥ ଯାତ୍ରା ମାର୍ଗରେ ନୋ ଫ୍ଲାଇଂ ଜୋନ୍



ନୂଆଦିଲ୍ଲୀ, ୧୭।୬(ଏଜେନ୍ସି): ଅମରନାଥ ଯାତ୍ରାର ନିରାପତ୍ତା ତଥା ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ଏହି କ୍ରମରେ ଜମ୍ମୁ- କଶ୍ମୀର ସରକାର ପୂରା ଯାତ୍ରା ମାର୍ଗକୁ 'ନୋ ଫ୍ଲାଇଂ ଜୋନ୍' ଘୋଷଣା କରିଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି ବୋଲି କୁହାଯାଇଛି। ଜୁଲାଇ ୧ରୁ ୧୦ ଅଗଷ୍ଟ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏହି ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହୋଇ ଅଗଷ୍ଟ ୯ ପର୍ଯ୍ୟନ୍ତ ଚାଲିବ। ଏହିକ୍ରମରେ ଯାତ୍ରାପଥରେ ଡ୍ରୋନ୍, ୟୁଏଭି, ବେଲୁନ୍ ଉଡାଇବାକୁ ବାରଣ କରାଯାଇଛି। ତେବେ ଏହି ନିୟମ ସ୍ୱାସ୍ଥ୍ୟଗତ କାର୍ଯ୍ୟକ୍ରମ, ଆପାଦକାଳୀନ ସ୍ଥିତି ଓ ନିରାପତ୍ତାରକ୍ଷୀଙ୍କ ପାଇଁ କୋହଳ କରାଯିବ। ଏଥିପାଇଁ ଭିନ୍ନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡୋର (ଏସ୍‌ଓପି) ଖୁବ୍‌ଶୀଘ୍ର ଜାରି କରାଯିବ ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଏହି ଯାତ୍ର ପହଲଗାମ ଓ ବାଲଟାଲ ପଥରେ ଦେଇ ଯିବାକୁ ହୋଇଥାଏ।

ଅହମଦାବାଦ ବିମାନ ଦୁର୍ଘଟଣାର ନୂଆ ଭିଡିଓ

# ଦୁର୍ଘଟଣା ପୂର୍ବରୁ ଖୋଲିଥିଲା 'ରାଟ୍'

## ଉଭୟ ଇଞ୍ଜିନ ଫେଲ୍, ବିଦ୍ୟୁତ ପ୍ରବାହ ବନ୍ଦ ନା ହାଇଡ୍ରୋଲିକ ଫେଲ୍ ?

ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ଗତ ୧୨ ତାରିଖରେ ଭାରତକୁ ସ୍ତବ୍ଧ କରି ଦେଇଥିବା ଅହମଦାବାଦ ବିମାନ ଦୁର୍ଘଟଣାରେ କ୍ରୁ ସଦସ୍ୟ ଏବଂ ଯାତ୍ରୀଙ୍କ ସମେତ ୨୭୫ ଜଣଙ୍କ ଜୀବନ ଯାଇଛି। ଏହା ଭାରତର ସବୁଠୁ ହୃଦୟ ବିଦାରକ ବିମାନ ଦୁର୍ଘଟଣା ଥିଲା। ତେବେ ଏ ପର୍ଯ୍ୟନ୍ତ ଏହି ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ। ଦୁର୍ଘଟଣା କାହିଁକି ଘଟିଲା? ଉଡ଼ାଣର ୩୨ ସେକେଣ୍ଡ ମଧ୍ୟରେ କାହିଁକି ବିମାନ ଉପରକୁ ନ ଉଠି ଖସି ପଡ଼ିଲା ତାହା ଜାଣିବା ପାଇଁ ଯାଞ୍ଚ ଜାରି ରହିଛି। ୯ଟି ଜାତୀୟ ଏବଂ ଅନ୍ତର୍ଜାତୀୟ ଏଜେନ୍ସି ମାମଲାର ତଦନ୍ତ କରୁଛନ୍ତି। ଏପରି ସମୟରେ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବର ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି। ଜଣେ କିଶୋର ୧୯ ସେକେଣ୍ଡର ଏହି ଭିଡିଓ ରେକର୍ଡ କିରିଛି। ଏହା ଯାଞ୍ଚରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। କାରଣ ଏହି ଭିଡିଓରେ ବିମାନରେ କିଛି ଅଜବ ଦୃଶ୍ୟ ଦେଖିବାକୁ ମିଳୁଛି। ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ବୋଇଂ ଡ୍ରିମଲାଇନର ୭୮୭-୮ରୁ ରାମ ଏୟାର ଟର୍ବାଇନ (ରାଟ୍) ବାହାରିଥିବା ଦେଖାଯାଉଛି। ସ୍ୱୟଂଚାଳିତ ଭାବେ ମୁତୟନ ହେଉଥିବା ଏହା ଏକ କ୍ଷୁଦ୍ର ପ୍ରୋପେଲର ଡିଭାଇସ। ଜରୁରୀକାଳୀନ ସ୍ଥିତି ସୃଷ୍ଟି ହେଲେ ହିଁ ଏହା ବାହାରକୁ ବାହାରିଥାଏ। ଏହା ତିନୋଟି କାରଣକୁ ସଙ୍କେତ ଦେଉଛି। ବିମାନର ଦୁଇଟି ଯାକ ଇଞ୍ଜିନ ଫେଲ୍ ହୋଇଥାଇପାରେ, ସମ୍ପୂର୍ଣ୍ଣ ବିଦ୍ୟୁତ୍ ଯୋଗାଣ କଟି ଯାଇଥାଇପାରେ କିମ୍ବା ହାଇଡ୍ରୋଲିକ୍ ଖରାପ ହୋଇଥାଇପାରେ।

ନୂଆ ଭିଡିଓରୁ ବିମାନର ଶବ୍ଦ ଏବଂ ଦୃଶ୍ୟ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ବିମାନର ଇଞ୍ଜିନରୁ ଶବ୍ଦ ବାହାରୁ ନ ଥିବାବେଳେ ରାଟ୍ ତୀବ୍ର ଗର୍ଜନ କରୁଛି। ଏହା ସ୍ୱୟଂଚାଳିତ ଭାବେ ବାହାରକୁ ଆସୁଥିବା ସ୍ପଷ୍ଟ ଦେଖାଯାଉଛି। ଏହି ସମୟରେ ବିମାନ ନିର୍ଦ୍ଧାରିତ ଉଚ୍ଚତାକୁ ଯିବା ପାଇଁ ସଂଘର୍ଷ କରୁଛି ଏବଂ ପରେ ତଳକୁ ଖସି ଆସୁଛି। ରାଟ୍ ପବନକୁ ବ୍ୟବହାର କରି ଜରୁରୀକାଳୀନ ସ୍ଥିତିରେ ବିଦ୍ୟୁତ ଶକ୍ତି ସୃଷ୍ଟି କରିଥାଏ। ବିମାନ ଦୁର୍ଘଟଣାକୁ ନେଇ ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପ୍ଟେନ ପଦରୁ ଅବସରଗ୍ରହଣ କରିଥିବା ତଥା ଏବେ ଭିଭିଆଇପିଙ୍କ ବିମାନ ଉଡ଼ାଣରେ ସାମିଲ ଗ୍ରୁପ୍ କ୍ୟାପ୍ଟେନ ମୋହିତ ଚତୁର୍ବେଦୀ କହିଛନ୍ତି ଯେ ବିମାନ ଦୁର୍ଘଟଣାର ୩ ସେକେଣ୍ଡ ପୂର୍ବରୁ ସେ ଅଜବ ଦୃଶ୍ୟ ଦେଖିବାକୁ ପାଇଛନ୍ତି। ରାଟ୍ ବାହାରକୁ ଆସିଯାଉଥିବା ଦେଖାଯାଉଛି। ଏହା ବିମାନର ସବୁ ଇଞ୍ଜିନ ଫେଲ୍




ହୋଇଥିବାକୁ ଦର୍ଶାଉଛି। ବିମାନର ସବୁ ସିଷ୍ଟମ ଫେଲ୍ ହୋଇଗଲା ପରେ ଯାଇ କ୍ରାସ ଲାଣ୍ଡିଂ ହୋଇଥାଏ। ସେ କହିଛନ୍ତି ଯେ ବାଣିଜ୍ୟିକ ବିମାନରେ ବିଦ୍ୟୁତ୍ ଶକ୍ତି ପାଇଁ ଦୁଇଟି ଇଲେକ୍ଟ୍ରିକ ଜେନେରେଟର ରହିଥାଏ। ଏହାକୁ ଇଣ୍ଟିଗ୍ରେଟେଡ ଡ୍ରାଇଭ ଜେନେରେଟର (ଆଇଡିଜି) କୁହାଯାଇଥାଏ। ତୃତୀୟ ଜେନେରେଟର ବିମାନର ପଛ ଭାଗ ଟେଲ୍ (ଲାଞ୍ଜ) ରେ ଲାଗିଥାଏ। ଏହାକୁ ଅକ୍ସିଲାରି ପାୱାର ୟୁନିଟ (ଏପିୟୁ) କୁହାଯାଏ। ଯଦି ଦୁଇଟି ମୁଖ୍ୟ ଦୁଇଟି ଜେନେରେଟର ଖରାପ ହୋଇଯାଏ ତେବେ ଏପିୟୁ ଚାଲୁ ହୋଇଥାଏ। ଯଦି ଏହି ତିନୋଟି ମଧ୍ୟରୁ କୌଣସି ଗୋଟିଏ ଜେନେରେଟେର ବି ଚାଲେ ତେବେ ବିମାନକୁ ବିଦ୍ୟୁତ ଶକ୍ତି ମିଳିପାରିବ। ଯଦି ତିନୋଟି ଯାକ ଜେନେରେଟର ଖରାପ ହୋଇଯାଏ ତେବେ ବି ଜୀବନ ବଞ୍ଚିବାର ସମ୍ଭାବନା ରହିଛି। କାରଣ ସବୁ ଇଞ୍ଜିନରେ ବ୍ୟାକ୍‌ଅପ୍ ଜେନେରେଟର ରହିଥାଏ। ଏହା ବିମାନକୁ ଅଲଟରନେଟିଂ କରେଣ୍ଟ ଦେଇଥାଏ। ଏହା ଦ୍ୱାରା ଇଞ୍ଜିନ ଚାଲିଥାଏ।

ବିମାନରେ ସମସ୍ତ ପ୍ରକାରର ଶକ୍ତି ପରିଚାଳନା ପାଇଁ ଏକ କମ୍ପ୍ୟୁଟର-ଆଧାରିତ ବୈଦ୍ୟୁତିକ ଲୋଡ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଇଏଲଏମଏସ) ରହିଛି। ଏହା କେଉଁ ସମୟରେ କେଉଁ ଜେନେରେଟର ଚାଲୁ କରାଯିବ ତାହାର ନିଷ୍ପତ୍ତି ନେଇଥାଏ। କିନ୍ତୁ ଯଦି ଦୁର୍ଭାଗ୍ୟବଶତଃ ତିନୋଟି ମୁଖ୍ୟ ଜେନେରେଟର ଏବଂ ଦୁଇଟି ବ୍ୟାକଅପ୍ ଜେନେରେଟର ମଧ୍ୟ କାମ କରିବା ବନ୍ଦ କରିଦିଏ ତେବେ ସମ୍ପୂର୍ଣ୍ଣ ଭାର ବିମାନର ଦୁଇଟି ସ୍ଥାୟୀ ଚୁମ୍ବକୀୟ ଜେନେରେଟର (ପିଏମ୍‌ଜି) ଉପରେ ପଡ଼ିବ। ଏହା ଚକଗୁଡ଼ିକର ଗତି ସହିତ ଛୋଟ ହେଡଲାଇଟକୁ ଆଲୋକିତ କରିଥାଏ। ଯଦି ପିଏମ୍‌ଜି ବିଫଳ ହୋଇଯାଏ ତେବେ ରାଟ୍ ଶେଷ ବିକଳ୍ପ ହୋଇଥାଏ। ବିମାନର ଲ୍ୟାଣ୍ଡିଂ ଗିୟରର ଟିକେ ପଛରେ ଏହା ଲାଗିଥାଏ। ପବନକୁ ଉପଯୋଗ କରି ଏହା ବିଦ୍ୟୁତ ଶକ୍ତି ପ୍ରସ୍ତୁତ କରିଥାଏ। ଯଦି ସମସ୍ତ ସିଷ୍ଟମ୍ ବିଫଳ ହୁଏ ତେବେ ରାଟ ସ୍ୱୟଂଚାଳିତ ଭାବରେ ବାହାରକୁ ଆସିଥାଏ। ଏହା ଶକ୍ତି ଉତ୍ପାଦନ କରି ସିଷ୍ଟମକୁ ପଠାଏ। କିନ୍ତୁ ଯଦି କୌଣସି କାରଣରୁ ରାଟ ସିଷ୍ଟମ୍ ମଧ୍ୟ ବିଫଳ ହୁଏ ତେବେ ବିମାନକୁ ଦୁର୍ଘଟଣାରୁ ରକ୍ଷା କରିବାର କୌଣସି ବିକଳ୍ପ ବାକି ନଥାଏ। ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନରୁ ରାଟ୍ ବାହାରୁଥିବା ଦେଖାଯାଉଛି। ଏହା ଉଡ଼ାଣ ସମୟରେ ସବୁ ଜେନେରେଟର ଫେଲ ହୋଇଥିବାକୁ ଦର୍ଶାଉଛି। ତେବେ ଫ୍ଲାଇଟ ଡାଟା ରେକର୍ଡର ଯାଞ୍ଚରୁ ଏ ନେଇ ଅଧିକ ସୂଚନା ମିଳିପାରିବ। ସେହିପରି ପକ୍ଷୀ ମାଡ଼ ହେବା ଯୋଗୁଁ ଏଭଳି ଦୁର୍ଘଟଣା ଘଟିବ ନାହିଁ ବୋଲି ବିଶେଷଜ୍ଞ କ୍ୟାପ୍ଟେନ ଏହସାନ ଖଲିଦ କହିଛନ୍ତି।

# ଦୁର୍ଘଟଣା ସ୍ଥଳରୁ ମିଳିଲା ୮୦୦ ଗ୍ରାମ୍ ସୁନା, ୮୦ ହଜାର ଟଙ୍କା

ଅହମଦାବାଦ୍, ୧୭।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ସ୍ଥଳରୁ ୮୦ ତୋଳା ଅର୍ଥାତ ୮୦୦ ଗ୍ରାମ୍ ସୁନା, ୮୦ ହଜାର ନଗଦ ଟଙ୍କା, ଗୋଟିଏ ମୋବାଇଲ ଫୋନ୍, ଭଗବଦ ଗୀତା, ୯ଟି ପାସପୋର୍ଟ ଓ ଅନ୍ୟାନ ଜିନିଷ ମିଳିଛି। ଦୁର୍ଘଟଣା ସ୍ଥଳରେ ପହଞ୍ଚିବା ପରେ ରାଜେଶ ପଟେଲଙ୍କ କହିବା ଅନୁଯାୟୀ ବିମାନ ଧ୍ୱଂସାବଶେଷ ତଳୁ ଗୋଟିଏ ମୋବାଇଲ ଫୋନ୍, ଏକ ଲାପ୍‌ଟପ୍ ମିଳିଥିଲା। ଏହାକୁ ବାଦ୍ ଦେଲେ ସୁନାଗହଣା, ନଗଦ ଟଙ୍କା ଓ ପାର୍ସପୋର୍ଟ ମିଳିଥିଲା ବୋଲି ସେ କହିଛନ୍ତି। ଏହି ଜିନିଷଗୁଡିକ ସମେତ ୪-୫ଟି ବ୍ୟାଗ୍‌ଗୁଡିକୁ ମଧ୍ୟ ସରକାରୀ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇଛି। ଘଟଣାସ୍ଥଳରୁ ମିଳିଥିବା ଜିନିଷଗୁଡିକର ଡକ୍ୟୁମେଣ୍ଟସନ ପ୍ରକ୍ରିୟା ଚାଲୁ ରହିଛି ଓ ଜିନିଷଗୁଡିକୁ ମୃତାହତଙ୍କ ପରିବାର ଲୋକଙ୍କୁ ଫେରାଇ ଦିଆଯିବବୋଲି ଗୁଜରାଟ ଗୃହମନ୍ତ୍ରୀ ହର୍ଷ ସିଂଘବୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୨ରେ ତାରିଖରେ ଅହମ୍ମଦାବାଦରୁ ଲଣ୍ଡନ ଯିବାକୁ ଯାତ୍ରା ଆରମ୍ଭ କରିଥିବା ଏଆଇ-୧୭୧ ବିମାନ (ବୋଇଂ ୭୮୭-୮ ଡ୍ରିମ୍‌ଲାଇନର) ଟେକ୍ ଅଫ୍ କରିବାର ମାତ୍ର କିଛି ସେକେଣ୍ଡ ମଧ୍ୟରେ ବିଜେ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ହଷ୍ଟେଲ ବିଲ୍ଡିଂ ଉପରେ ତଳକୁ ଖସିପଡ଼ି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏଥିରେ ୨୨୯ ଯାତ୍ରୀଙ୍କ ସମେତ ୧୦ କ୍ରୁ ଓ ୨ ପାଇଲଟଙ୍କ ମୃତ୍ୟୁବରଣ କରିଥିଲେ। ତେବେ ଜଣେ ଯାତ୍ରୀ ସୌଭାଗ୍ୟବଶତଃ ବର୍ତ୍ତିଯାଇଥିଲେ। ସେହିପରି ହଷ୍ଟେଲ୍‌ରେ ଥିବା ୩୪ ଜଣ ଲୋକ ମଧ୍ୟ ପ୍ରାଣ ହରାଇଥିଲେ। ଏମାନଙ୍କ ମଧ୍ୟରେ କେତେଜଣ ସ୍ଥାନୀୟ ଲୋକ ସାମିଲ ଥିଲେ।



# ହଷ୍ଟେଲରୁ ଡେଇଁଥିଲେ ଛାତ୍ର

ଅହମଦାବାଦ, ୧୭।୬ (ଏଜେନ୍ସି): ବିମାନ ଦୁର୍ଘଟଣା ସମୟର ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି। ଏହି ଭିଡିଓରେ ମେଡିକାଲ କଲେଜ ଛାତ୍ରମାନେ ହଷ୍ଟେଲ କୋଠାର ତୃତୀୟ ଏବଂ ଚତୁର୍ଥ ମହଲାରୁ ଡେଉଁଥିବା ଦେଖାଯାଉଛି। ଏୟାର ଇଣ୍ଡିଆ ବିମାନ ମେସ୍ କୋଠା ସହିତ ଧକ୍କା ଖାଇଥିଲା। ହଷ୍ଟେଲ କୋଠାରେ ନିଆଁ ଲାଗିଯାଇଥିଲା। ଯେଉଁ କୋଠାର ବାଲକୋନିରୁ ଛାତ୍ରମାନେ ତଳକୁ ଓହ୍ଲାଇବାକୁ ଚେଷ୍ଟା କରୁଛନ୍ତି, ସେହି କୋଠାର ଉଭୟ ପାର୍ଶ୍ୱରେ ନିଆଁ ଲାଗିଛି। ଛାତ୍ରମାନେ ଚାଦର ସାହାଯ୍ୟରେ ଚତୁର୍ଥ ମହଲାରୁ ତୃତୀୟ ମହଲାକୁ ଓହ୍ଲାଇବାକୁ ଚେଷ୍ଟା କରୁଛନ୍ତି।

ମୁକ୍ତିଲାଭ କରିବ 'ଠଗ୍ ଅଫ୍ ଲାଇଫ୍'

# କର୍ଣ୍ଣାଟକ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୭।୬(ଏଜେନ୍ସି): ବର୍ଷିଆନ ତାମିଲ ଅଭିନେତା କମଲ ହାସନଙ୍କ ସିନେମା 'ଠଗ୍ ଅଫ୍ ଲାଇଫ୍'କୁ କର୍ଣ୍ଣାଟକରେ ମୁକ୍ତିଲାଭ ହୋଇପାରି ନାହିଁ। ଏଥିପାଇଁ ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରକୁ ଭର୍ତ୍ସନା କରିବା ସହ ଅସନ୍ତୋଷ ଜାହିର କରିଛନ୍ତି। କୌଣସି ଲୋକଙ୍କ ମୁଣ୍ଡରେ ବନ୍ଧୁକ ରଖି ଫିଲ୍ମ ଦେଖିବାକୁ ବାରଣ କରାଯାଇ ପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଫଳରେ କର୍ଣ୍ଣାଟକରେ ଏହି ସିନେମା ମୁକ୍ତିଲାଭ କରିବା ନେଇ ସ୍ଥିତି ସ୍ପଷ୍ଟ ହୋଇଛି। କନ୍ନଡ ଭାଷା ନେଇ କମଲ ହାସନ ଦେଇଥିବା ବିବାଦୀୟ ମନ୍ତବ୍ୟ କାରଣରୁ ଏହି ସିନେମାକୁ କର୍ଣ୍ଣାଟକରେ ରିଲିଜ କରାଯାଇନାହିଁ। ବିଚାରପତି ଉଜ୍ଜଳ ଭୂୟାଁ ଓ ମନମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ କର୍ଣ୍ଣାଟକ ସରକାରଙ୍କୁ କଡ଼ା



ସମାଲୋଚନା କରିଛନ୍ତି। ଯେତେବେଳେ କୌଣସି ସିନେମାକୁ ସେନସରବୋର୍ଡଠାରୁ ପ୍ରମାଣପତ୍ର ମିଳିଛି, ସେତେବେଳେ ଏହାକୁ ଦେଶରେ କୌଣସି ସ୍ଥାନରେ ମୁକ୍ତିଲାଭ କରାଇବାରେ କୌଣସି ଅସୁବିଧା ନାହିଁ ବୋଲି ସୁପ୍ରିମ କୋର୍ଟ କହିଛନ୍ତି। ତେଣୁ ଏହି ସିନେମାକୁ କର୍ଣ୍ଣାଟକରେ ରିଲିଜ କରାଇବାକୁ ସରକାରଙ୍କୁ ସବୁ ବ୍ୟବସ୍ଥା ଅପଣାଇବାର ଥିଲା। ସିନେମାର ରିଲିଜ୍ ନେଇ ସ୍ଥିତି ସ୍ପଷ୍ଟ କରିବାକୁ ସରକାରଙ୍କୁ କୋର୍ଟ ଗୋଟିଏ ଦିନ ସମୟ ଦେଇଛନ୍ତି। ପୂର୍ବରୁ କମଲ ଯେପର୍ଯ୍ୟନ୍ତ କ୍ଷମା ମାଗି ନାହାନ୍ତି, ସେପର୍ଯ୍ୟନ୍ତ ସିନେମାକୁ ରିଲିଜ କରାଯିବ ନାହିଁ ବୋଲି କର୍ଣ୍ଣାଟକ ଫିଲ୍ମ ଚାମ୍ବର୍ସ ଅଫ୍ କମର୍ସ (କେଏଫ୍‌ସିସି) କହିଥିଲା। ଏ ନେଇ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କଠାରୁ ଜବାବ ମାଗିଛି। ସୁପ୍ରିମକୋର୍ଟ ଏହି ମାମଲାକୁ ନିଜ ଆଡକୁ ସ୍ଥାନାନ୍ତର କରିଛନ୍ତି। ଏ ନେଇ ପରବର୍ତ୍ତୀ ଶୁଣାଣି ଜୁନ୍ ୧୯ରେ ହେବ। ଉଲ୍ଲେଖଥାଉ କି, କନ୍ନଡ ତାମିଲ ଭାଷାରୁ ସୃଷ୍ଟି ହୋଇଛି ବୋଲି କହି କମଲ ବିବାଦ ସୃଷ୍ଟି କରିଥିଲେ।

# ସୋନମର ଗୁମର ଖୋଲୁଛି

ସିଲଂ, ୧୭।୬ (ଏଜେନ୍ସି): ସିଲଂରେ ହନିମୁନ୍ ହତ୍ୟାକାଣ୍ଡକୁ ନେଇ ନୂଆ ନୂଆ ତଥ୍ୟ ସାମ୍‌ନାକୁ ଆସୁଥିବାବେଳେ ଆଜି ମେଘାଳୟ ପୁଲିସ କ୍ରାଇମ ସିନ୍ ରିକ୍ରିଏଟ କରିଛି। ରାଜା ରଘୁବଂଶୀ ହତ୍ୟାକାଣ୍ଡର ସମସ୍ତ ଅଭିଯୁକ୍ତଙ୍କୁ ନେଇ ସୋହରାର ୱଇ ସାଭଡୋଙ୍ଗ ଝରଣାରେ ପହଞ୍ଚିଛି। ପୂର୍ବ ଖାସି ହିଲ୍ସର ଏସ୍‌ପି ବିବେକ କହିଛନ୍ତି ଯେ ରାଜାଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିଲା। ରାଜାଙ୍କ ଉପରେ ଆକ୍ରମଣ କରିବା ପାଇଁ ସୋନମ ନିର୍ଦ୍ଦେଶ ଦେଇଥିଲେ। ସଙ୍କେତ ମିଳିବା ପରେ ବିଶାଲ ଓରଫ ଭିକି ତାଙ୍କୁ ଆକ୍ରମଣ କରିଥିଲା। ଏହା ପରେ ରାଜାଙ୍କ ମୁଣ୍ଡରୁ ରକ୍ତ ବାହାରିବାରେ ଲାଗିଥିଲା। ଏହି ସମୟରେ ସୋନମ ରାଜାଙ୍କ ସାମ୍‌ନାରେ ଥିଲା। କିନ୍ତୁ ରକ୍ତ ବାହାରିବା ଦେଖି ସୋନମ ସେଠାରୁ ଚାଲି ଯାଇଥିଲା। କାମ ସାରିଦିଅ ବୋଲି କହିଥିଲା। ଏହା ଶୁଣି ଆନନ୍ଦ ଏବଂ ଆକାଶ ପୁଣି ଆକ୍ରମଣ କରି ତିନି ଅଭିଯୁକ୍ତ ମୃତଦେହକୁ ତଳେ ପକାଇ ଦେଇଥିଲେ।



### ରାଜାଙ୍କ ରକ୍ତ ଦେଖି ପଳାଇଥିଲା ସୋନମ

ଏହି ସମୟରେ ବିଶାଲ ରାଜାଙ୍କ ଡାହାଣ ପାଖରେ ଏବଂ ଆକାଶ ଓ ଆନନ୍ଦ ବାମ ପଟେ ଛିଡା ହୋଇଥିଲା। ପରେ ବିଶାଲ ରାଜାଙ୍କ ମୁଣ୍ଡ ଉପରେ ଆକ୍ରମଣ କରିଥିଲା।

ସୂଚନା ଅନୁଯାୟୀ କ୍ରାଇମ ସିନ୍ ରିକ୍ରିଏସନ ସମୟରେ ଫୋରେନସିକ୍ ବିଭାଗ ଏବଂ ଏସ୍‌ଡିଆରଏଫର ଟିମ୍ ମଧ୍ୟ ଉପସ୍ଥିତ ଥିଲେ। ସେହିପରି ଏସ୍‌ପି କହିଛନ୍ତି ଯେ ରାଜାଙ୍କ ଫୋନକୁ ନଷ୍ଟ କରିଦିଆଯାଇଛି। ପ୍ରଥମେ ସୋନମ ଏବଂ ପରେ ବିଶାଲ ଏହାକୁ ଭାଙ୍ଗି ଦେଇଥିଲା। ଅନ୍ୟପକ୍ଷରେ ସିଲଂ ପୁଲିସର ଏକ ଦଳ ଆଜି ଇନ୍ଦୋରରେ ପହଞ୍ଚିଥିଲା। ଦଳ ଦେବାସ ନାକା ଅଞ୍ଚଳରେ ଥିବା ଫ୍ଲାଟର ତଲାସୀ ନେଇଥିଲା। ବିଶାଲ ଏଠାରେ ଏକ ଫ୍ଲାଟ ଭଡା ନେଇଥିଲା। ଏଠାରେ ସୋନମ ୮ ଦିନ ପାଇଁ ରହିଥିଲେ। ଏହା ମଧ୍ୟରେ ସୋନମ ଗୁଣିଗାରେଡି କରୁଥିଲା ବୋଲି ରାଜାଙ୍କ ବାପା ଅଭିଯୋଗ କରିଛନ୍ତି।

# ପାଇଲଟ୍‌ଙ୍କ ଟ୍ରେନିଂ ରେକର୍ଡ ମାଗିଲା ଡିଜିସିଏ

ନୂଆଦିଲ୍ଲୀ, ୧୭।୬(ଏଜେନ୍ସି): ଭାରତର ଆଭିଏସନ ରେଗୁଲେଟର ଅର୍ଥାତ ବିମାନଗୁଡିକର ସୁରକ୍ଷା ଉପରେ ନଜର ରଖୁଥିବା ସଂସ୍ଥା ଭାବେ ଜଣାଶୁଣା ଥିବା ଡାଇକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଅଭିଏସନ (ଡିଜିସିଏ) ଏବେ ଏକ ନୂଆ ପଦକ୍ଷେପ ନେବାକୁ ଏୟାର ଇଣ୍ଡିଆକୁ କହିଛି। ଅହମଦାବାଦ ବିମାନ ଦୁର୍ଘଟଣାର ଦୁଇ ପାଇଲଟ୍ ଓ ଫ୍ଲାଇଟ୍ ଡିସପାଚରଙ୍କ ଟ୍ରେନିଂ ରେକର୍ଡ ଡାଟା ଦେବାକୁ ଡିଜିସିଏ ଏୟାର ଇଣ୍ଡିଆକୁ ନିର୍ଦ୍ଦେଶ ଦେଇଛି। ବିମାନ ଉଡାଣର ଯୋଜନା କରୁଥିବା ବ୍ୟକ୍ତିଙ୍କୁ ଡିସ୍‌ପାଚର କୁହାଯାଇଥାଏ। ଏଥିସହ ପାଇଲଟ୍‌ଙ୍କ ଟ୍ରେନିଂ ଡିଟେଲ ସମେତ ସହାୟକ କାଗଜପତ୍ର ମଧ୍ୟ ମଗାଯାଇଛି। ଡିଜିସିଏ ମଧ୍ୟ ଏହି ବିମାନ ଦୁର୍ଘଟଣାର ତଦନ୍ତ କରୁଛି। ଏହି ବିମାନ ଦୁର୍ଘଟଣା ସଂକ୍ରାନ୍ତରେ ଜଣାଶୁଣା ନ୍ୟୁଜ ଏଜେନ୍ସି ରଏଟର୍ସ ଗୋପନୀୟ ମେମୋ ମିଳିଥିବା ଦାବି କରିଛି। ଏହାକୁ ଭିତ୍ତି କରି ଡିଜିସିଏ ଏହି ଟ୍ରେନିଂ ଡିଟେଲ ମାଗିଛି। ଏହି କ୍ରମରେ ପାଇଲଟ୍‌ମାନଙ୍କର ଟ୍ରେନିଂ, ଯୋଗ୍ୟତା, ଫ୍ଲାଇଟ୍ ହିଷ୍ଟ୍ରି, ମେଡିକାଲ ରେକର୍ଡ ଏବଂ ତାଙ୍କ ବିରୋଧରେ ପୂର୍ବରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ରେକର୍ଡକୁ ମଧ୍ୟ ଡିଜିସିଏ ମାଗିଛି। ଉଲ୍ଲେଖଥାଉ କି, ଏହି ବିମାନର କମାଣ୍ଡିଂ ପାଇଲଟ୍ ସୁମିତ ସବରୱାଲ୍‌ଙ୍କର ୮, ୦୦୦ ଘଣ୍ଟା ବିମାନ ଉଡାଇବାର ଅଭିଜ୍ଞତା ରହିଥିଲା ଓ ସେ ମଧ୍ୟ ଇନ୍‌ଷ୍ଟ୍ରକ୍‌ଟର ରହିଥିଲେ। ତାଙ୍କ ସହ ପାଇଲଟ୍ କ୍ଲାଇଭ କୁନ୍ଦରଙ୍କର ୧, ୧୦୦ ଘଣ୍ଟା ବିମାନ ଚଳାଇବାର ଅଭିଜ୍ଞତା ରହିଥିଲା।

# ବିବାହ ପରେ ସ୍ୱାମୀଙ୍କୁ ହତ୍ୟା

ରାଞ୍ଚି, ୧୭।୬ (ଏଜେନ୍ସି): ହନିମୁନ ହତ୍ୟାକାଣ୍ଡ ମାମଲା ମନରୁ ଯାଇ ନ ଥିବାବେଳେ ଝାଡ଼ଖଣ୍ଡ ଗଢ଼ୱା ଜିଲ୍ଲା ବୋହୁକୁନ୍ଦର ଗ୍ରାମରୁ ଏଭଳି ଏକ ମାମଲା ସାମ୍‌ନାକୁ ଆସିଛି। ପୁଣି ଏକ ନିରୀହର ଜୀବନ ଯାଇଛି। ବିବାହର ୩୬ ଦିନ ପରେ ସ୍ୱାମୀଙ୍କୁ ବିଷ ଦେଇ ସ୍ତ୍ରୀ ହତ୍ୟା କରିଛି। ଏହି ମାମଲାରେ ପୁଲିସ ସ୍ତ୍ରୀ ସୁନିତାଙ୍କୁ ସୋମବାର ସନ୍ଧ୍ୟାରେ ଗିରଫ କରିଛ। ଏବେ ସେ ନ୍ୟାୟିକ ହେପାଜତରେ ଅଛନ୍ତି। ପୀଡ଼ିତ ବୁଦ୍ଧନାଥ ସିଂହଙ୍କ ମାଆ ବୋହୂ ବିରୋଧରେ ହତ୍ୟା ନେଇ ଏତଲା ଦେବା ପରେ ଏହା ସାମ୍‌ନାକୁ ଆସିଥିଲା। ଛତିଶଗଡ଼ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ରଘୁନାଥ ସିଂହଙ୍କ କନ୍ୟା ସୁନିତାଙ୍କୁ ମେ' ୧୧ ତାରିଖରେ ବୁଦ୍ଧନାଥ ବିବାହ କରିଥିଲେ। କିନ୍ତୁ ବିବାହର ଦିନକ ପରେ ସମସ୍ୟା ସୃଷ୍ଟି ହୋଇଥିଲା। ବୋହୂ ଶଶୁର ଘରେ ନ ରହି ବାପଘରକୁ ଚାଲି ଯାଇଥିଲା। ସେ ବିବାହରେ ଖୁସି ନ ଥିବା କହିଥିଲେ। ବୁଦ୍ଧନାଥଙ୍କୁ ପସନ୍ଦ କରୁ ନାହାନ୍ତି। ତେଣୁ ତାଙ୍କ ସହ ରହିବେ ନାହିଁ ବୋଲି କହିଥିଲେ। ତେବେ ପରିବାର ସଦସ୍ୟ ଏବଂ ପଞ୍ଚାୟତ ବସି ବୁଝାସୁଝା କରିବାରୁ ଗତ ୫ ତାରିଖରେ ବୁଦ୍ଧନାଥଙ୍କ ସହ ସୁନିତା ଘରକୁ ଫେରିଥିଲେ। ଗତ ୧୪ ତାରିଖରେ ଦମ୍ପତି ଛତିଶଗଡ଼ର ରାମନୁଜଗଞ୍ଜ ବୁଲିବାକୁ ଯାଇଥିଲେ। ଏହି ସମୟରେ କ୍ଷେତରେ ପକାଇବାକୁ ପାଇଁ କୀଟନାଶକ ଆଣିବାକୁ ସ୍ୱାମୀଙ୍କୁ କହିଥିଲେ। ଏହାର ଦିନକ ପରେ ଗତ ୧୫ ତାରିଖରେ ରାତିରେ ସୁନିତା ଖାଦ୍ୟରେ କୀଟନାଶକ ମିଶାଇ ସ୍ୱାମୀଙ୍କୁ ଖାଇବାକୁ ଦେଇଥିଲେ। ତା ପରଦିନ ସକାଳକୁ ବୁଦ୍ଧନାଥଙ୍କ ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ବିଷ ଦେଇଥିବା ଜଣାପଡ଼ିଥିଲା।

# ସିନ୍ଧୁ ଚୁକ୍ତି: ପାକିସ୍ତାନରେ ଚେନାବ ନଦୀର ଜଳସ୍ତର ୯୨% ହ୍ରାସ

ନୂଆଦିଲ୍ଲୀ, ୧୭।୬(ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣର ଦୁଇ ଦିନ ପରେ ଅର୍ଥାତ ଏପ୍ରିଲ ୨୪ରେ ପାକିସ୍ତାନ ସହ ହୋଇଥିବା ସିନ୍ଧୁ ଚୁକ୍ତିକୁ ଭାରତ ସ୍ଥଗିତ ରଖିଥିଲା। ଏବେ ଏହାର ଜବରଦସ୍ତ ପ୍ରଭାବ ପାକିସ୍ତାନରେ ଦେଖିବାକୁ ମିଳିଛି। ପାକିସ୍ତାନରେ ଚେନାବ ନଦୀର ଜଳ ପ୍ରବାହରେ ୯୨ ପ୍ରତିଶତ ହ୍ରାସ ପାଇଛି। ଗତ ମେ ୨୯ରେ ନଦୀରେ ଜଳ ପ୍ରବାହ ୯୮ ହଜାର



୨୦୦ କ୍ୟୁସେକ ଥିଲା। ଏବେ ଏଥିରେ ଅବନତି ହୋଇଛି ଏହା ଏବେ ୭୨୦୦ କ୍ୟୁସେକ୍‌ରେ ପହଞ୍ଚିଛି। ଜଳସ୍ତର ଏବେ ୩୦୦୦ କ୍ୟୁସେକ ଅର୍ଥାତ 'ଡେଡ୍ ଲେବଲ' ତଳକୁ ଯିବାର ଆଶଙ୍କା ସୃଷ୍ଟି ହୋଇଛି। ପାକିସ୍ତାନର ଦୁଇ ରାଜ୍ୟ ପଞ୍ଜାବ ଓ ସିନ୍ଧ୍‌ର ୬.୫ କୋଟି କୃଷକ ଜଳସେଚନ ନାଇଁ ଚେନାବ ଉପରେ ନିର୍ଭର କରିଥାନ୍ତି। ଜଳସ୍ତର କମିଥିବାରୁ ଏବେ ୪୦ ପ୍ରତିଶତର ଅଧିକ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସିନ୍ଧୁ ନଦୀ ଉପରେ ନିର୍ମିତ ତାରବେଲ ବନ୍ଧ ଓ ଝେଲମ ନଦୀ ଉପରେ ନିର୍ମିତ ମଙ୍ଗଲା ବନ୍ଧରେ ଜଳସ୍ତରରେ ବହୁତ ଅବନତି ହୋଇଛି। ଏହାକୁ ପାକିସ୍ତାନର କୃଷି ମନ୍ତ୍ରଣାଳୟ ମଧ୍ୟ ସ୍ୱୀକାର କରିଛି। ଏଥିଯୋଗୁଁ ଖରିପ ଫସଲ ଅମଳ ସବୁଠାରୁ ଖରାପ ହେବ ବୋଲି ଅନୁମାନ କରାଯାଉଛି। ଏପର୍ଯ୍ୟନ୍ତ ଏହି ଘଟଣାକ୍ରମରେ ପାକିସ୍ତାନରେ ୨୨୦୦ ଶହ କୋଟି ଟଙ୍କାର କ୍ଷତି ହୋଇଛି ବୋଲି କୁହାଯାଇଛି। ପୂର୍ବରୁ ପାକିସ୍ତାନ ଭାରତକୁ ୪ଥର ଚିଠି ଲେଖି ପାଣି ଦେବାକୁ ଅନୁରୋଧ କରିସାରିଛି।

## ଓଷୁଅ ଲାଗିହେଲେ ମହାପ୍ରଭୁ

**ପୁରୀ,୧୭।୬(ସମିସ):** ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ଅତ୍ୟଧିକ ସ୍ନାନ ଯୋଗୁଁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା। ଭିତର ଅଣସର ପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ଏହି ଗୁପ୍ତ ସେବାରେ ସୋମବାର ଫୁଲୁରୀ ତେଲ ଲାଗି ହେବା ପରେ ସାମାନ୍ୟ ସୁସ୍ଥ ହୋଇଛନ୍ତି ମହାପ୍ରଭୁ। ମଙ୍ଗଳବାର ଦାରୁଦିଅଁଙ୍କୁ ଓଷୁଅ ଲାଗି କରାଯାଇଛି। ସୂଚନାଥାଉକି, ଅଣସର ସମୟରେ ମହାପ୍ରଭୁଙ୍କୁ ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଓଷୁଅ ଲାଗି କରାଯାଇଥାଏ। ଏହି ଚାରିଦିନ ମଧ୍ୟାହ୍ନ ଧୂପ ସରିବା ପରେ ଅଣସର ଘର ଖୋଲିଥାଏ। ଅଣ ଶୁଦ୍ଧସୁଆର ଝୁଣା, ରାଶି ତେଲରେ ପ୍ରସ୍ତୁତ କରିଥିବା ଓଷୁଅ ଦଇତାପତିମାନେ ନେଇ ଶ୍ରୀଅଙ୍ଗରେ ଲେପ ଦିଅନ୍ତି। ଏହାପରେ ଠାକୁରଙ୍କ ପାଖରେ ଚକଟା ଭୋଗ, ପଣା ଭୋଗ ହୋଇ ଅନ୍ୟାନ୍ୟ ନୀତି କରାଯାଇଥାଏ।


## ୨୭ରେ ସୀମିତ ରହିବ ଜମି କିସମ

**ଭୁବନେଶ୍ୱର,୧୭।୬(ସମିସ):** ଜମିର କିସମ ସଂଖ୍ୟା ହ୍ରାସ ହେବ। ବର୍ତ୍ତମାନ ରାଜ୍ୟରେ ୭ ହଜାର କିସମ ପ୍ରଚଳିତ ହେଉଛି। ଏହାକୁ ୨୭ଟି କିସମରେ ସୀମିତ ରଖିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଅନେ ବ୍ରିଟିଶ ଅମଳର ଜମି କିସମ ଚାଲିଛି। ତଇଲା, ପାଳ, ଘରବାରି, ବଗାୟତ ଭଳି ରାଜ୍ୟରେ ୭ ହଜାର ଜମି କିସମ ପ୍ରଚଳନ ରହିଛି। ଜମିର ଏଭଳି କିସମକୁ ନେଇ ସାଧାରଣ ଲୋକ ଦ୍ୱନ୍ଦ୍ୱରେ ପଡୁଛନ୍ତି। ସମାନ ଚରିତ୍ର ଜମିର ଭିନ୍ନ ଭିନ୍ନ ନାଁ ଅର୍ଥାତ କିସମ ରହିଛି। ଏହାକୁ ସଂକୁଚିତ କରାଯିବ ଓ ୨୭ଟି କିସମରେ ସୀମିତ ରଖିବାକୁ ନିଷ୍ପତ୍ତି ହୋଇଛି। ଏହାର ଚୂଡ଼ାନ୍ତ ରୂପରେଖ ହୋଇଛି ଓ ଏନେଇ ଖୁବଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବାକୁ ଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ସେହିଭଳି ଜମି ସତ୍ତ୍ୱ ବା ମାଲିକାନାର ପରିବର୍ତ୍ତନ ଉପରେ ରାଜ୍ୟ ସରକାର ବର୍ତ୍ତମାନ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ସବୁ ପଞ୍ଚାୟତକୁ ତହସିଲଦାର ଓ ଅତିରିକ୍ତ ତହସିଲଦାର ଗସ୍ତ କରିବେ। ଅତି କମ୍‌ରେ ଦୁଇ ମାସରେ ଥରେ ତହସିଲ୍ ଅଫିସ୍ ଲୋକଙ୍କ ପାଖକୁ ଯିବ। ଲୋକେ ଘରେ ବସି କିପରି ସୁବିଧା ସୁଯୋଗ ପାଇବେ ସେନେଇ ବ୍ୟବସ୍ଥା କରାଯାଉଛି। ସେହିପରି ଲୋକେ ଘରେ ବସି ମୋବାଇଲ୍ ଆପ୍‌ରେ କିପରି ସେବା ପାଇପାରିବେ ସେନେଇ ମଧ୍ୟ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ମୋବାଇଲ୍‌ରେ ୧୮ଟି ରାଜସ୍ୱ ସୁବିଧା ମିଳିବ। ରାଜସ୍ୱ ସେବା ଲୋକଙ୍କୁ ପାଖକୁ ଯିବା ନେଇ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ଏଭଳି କାର୍ଯ୍ୟ ପାଇଁ ଅଭିଜ୍ଞ ଲୋକ, ବିଧାୟକ, ସାଂସଦ, ଜମି ମାଲିକ ଓ ବିଶେଷଜ୍ଞମାନଙ୍କ ସହିତ ବିଚାର ବିମର୍ଶ କରାଯାଇ ସରକାର ନିଷ୍ପତ୍ତି ନେଉଛନ୍ତି ବୋଲି ସେ କହିଛନ୍ତି।

# ୯ ମାସ ବିତିଲା; ଗଠନ ହେଲାନି ଶ୍ରୀମନ୍ଦିର ପରିଚାଳନା କମିଟି

## ସରକାରଙ୍କୁ ନୈତିକତାର ପାଠ ପଢ଼ାଇଲେ ଗଜପତି

**ପୁରୀ,୧୭।୬(ସମିସ):** ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କୁ ନେଇ ରାଜନୀତି କରିଆସିଛି ବିଜେପି। ନିର୍ବାଚନୀ ପ୍ରଚାରରେ ବଡ଼ଦେଉଳ ଏବଂ ମହାପ୍ରଭୁଙ୍କୁ ଲୋକଙ୍କ ସାମ୍ନାକୁ ଆଣି ଅନେକ ମିଛି କଥା କହିଛି। ନିର୍ବାଚନ ଜିତିବା ପରେ ବି ଶ୍ରୀମନ୍ଦିରକୁ ନେଇ ବଡ଼ ବଡ଼ କଥା କହିଛନ୍ତି ବିଜେପି ନେତା। ରାଜ୍ୟରେ ସରକାର ଗଢିବାର ବର୍ଷ ପୂର୍ତ୍ତି ପାଳନ କରୁଛି ବିଜେପି। ହେଲେ ଏହି ବର୍ଷେ ଭିତରେ ପରିକ୍ରମା ପ୍ରକଳ୍ପ ପାଇଁ କିଛି କଲେ ନାହିଁ। ପରିକ୍ରମା ପ୍ରକଳ୍ପ କାମ ପାଇଁ ଶ୍ରୀମନ୍ଦିରର କିଛି ଦ୍ୱାର ବନ୍ଦ ଥିଲା ବୋଲି କହି ରାଜ୍ୟ ସରକାରଙ୍କୁ ନୈତିକତାର ପାଠ ପଢ଼ାଇଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଗଜପତି ମହାରାଜା ସରକାରଙ୍କ ଶ୍ରୀମନ୍ଦିର ପ୍ରୀତି କେତେ ତାହା ପଦାରେ ପକାଇ ଦେଇଛନ୍ତି।



ଗଜପତି ମହାରାଜା କହିଛନ୍ତି, ପରିକ୍ରମା ପ୍ରକଳ୍ପରେ ଆହୁରି କିଛି କାମ କରିବାର ଅଛି। ସରକାର ବଦଳିଲେ ଏବଂ ନୂଆ ସରକାର ଆସିଲେ। ଇତିମଧ୍ୟରେ ବର୍ଷ ପୂରିଥିଲେ ବି ପ୍ରକଳ୍ପ କାମରେ କିଛି ଅଗ୍ରଗତି ହୋଇନାହିଁ। ଚାରିଦ୍ୱାରକୁ କେହି କେବେ ବନ୍ଦ କରିଦେଇ ନ ଥାନ୍ତେ। ପ୍ରକଳ୍ପ କାମ ଚାଲୁଥିବାରୁ ଏହାକୁ ବନ୍ଦ କରାଯାଇଥିଲା। ପ୍ରକଳ୍ପ କାମ ପରେ ଦ୍ୱାର ଖୋଲିଲା। ଦୁର୍ଭାଗ୍ୟର ବିଷୟ ଦ୍ୱାର ଖୋଲିଥିଲେ ମଧ୍ୟ ଦର୍ଶନ ବ୍ୟବସ୍ଥାକୁ ଠିକ୍ କରାଯାଇ ପାରିନାହିଁ। କେଉଁ ଦ୍ୱାରରେ ଭକ୍ତ ପ୍ରବେଶ କରିବେ ଏବଂ କେଉଁ ଦ୍ୱାରରେ ବାହାରକୁ ବାହାରିବେ ତାହା ସ୍ଥିର ହୋଇନାହିଁ। ନାଟମଣ୍ଡପ ଏବଂ ଜଗମୋହନରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। କୋଭିଡ୍ ପରେ ଭକ୍ତଙ୍କ ସଂଖ୍ୟା ଯଥେଷ୍ଟ ବଢ଼ିଛି। ପୂର୍ବଭଳି ଶନିବାର କି ରବିବାର ଅବା ପର୍ବପର୍ବାଣିରେ କେବଳ ଭିଡ଼ ହେଉନାହିଁ, ଏବେ ପ୍ରାୟ ସବୁଦିନ ଭକ୍ତଙ୍କ ଭିଡ଼ ରହୁଛି। କିନ୍ତୁ ଦର୍ଶନ ବ୍ୟବସ୍ଥା ଏ ଯାଏ ଶୃଙ୍ଖଳିତ ହୋଇପାରିନି, ଯାହାକୁ ନେଇ ଦୁଃଖପ୍ରକାଶ କରିଛନ୍ତି ଗଜପତି ମହାରାଜା।

- ■ ପରିକ୍ରମା ପ୍ରକଳ୍ପ କାମ ପାଇଁ ଶ୍ରୀମନ୍ଦିରର କିଛି ଦ୍ୱାର ବନ୍ଦ ଥିଲା
- ■ କାମ ସରିଲା ପରେ ଦ୍ୱାର ଖୋଲିବା ସ୍ୱାଭାବିକ ପ୍ରକ୍ରିୟା
- ■ ଦର୍ଶନ ଅବ୍ୟବସ୍ଥା ସୁଧୁରିଲା ନାହିଁ, ହଇରାଣ ହେଉଛନ୍ତି ଭକ୍ତ

ଗଜପତି ମହାରାଜା କହିଛନ୍ତି, ରାଜ୍ୟରେ ନୂଆ ସରକାର ଯେତେବେଳେ ଆସିଲେ ଭାବିଲୁ କାମ ଦ୍ରୁତଗତିରେ ଚାଲିବ। ହେଲେ ବର୍ଷେ ଭିତରେ ସେମିତି କିଛି ପ୍ରଗତି ଦେଖି ପାରିନାହୁଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରାୟ ଶେଷ ହୋଇଛି। କିନ୍ତୁ ଏହି ବର୍ଷେ ଭିତରେ ଆଉ କୌଣସି ପ୍ରଗତି ହୋଇନାହିଁ। ଚାରିଦ୍ୱାର ଖୋଲା ହୋଇଥାନ୍ତା, ବନ୍ଦ ହେବାର ପ୍ରଶ୍ନ ନାହିଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ଯେ ହେତୁ ଚାଲୁଥିଲା, କେତୋଟି ଦ୍ୱାର ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ ପ୍ରଶାସନ। ବନ୍ଦ ନ ହୋଇଥିଲେ ପ୍ରକଳ୍ପ କାମ ହୋଇପାରି ନ ଥାନ୍ତା। ପ୍ରକଳ୍ପ କାମ ସରିଲା, ଦ୍ୱାର ଖୋଲିବା ସ୍ୱାଭାବିକ।

ସେହିପରି ୯ ମାସରୁ ଊର୍ଦ୍ଧ୍ୱ ହେବ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇପାରି ନାହିଁ। ଫଳରେ ଶ୍ରୀମନ୍ଦିର ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସମସ୍ୟା ହେଉଛି। ତେଣୁ ପରିଚାଳନା କମିଟି ଗଠନ ନ ହେବାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା। ସେ କହିଛନ୍ତି, ପରିଚାଳନା କମିଟି ଭାଙ୍ଗିବାର ୯ ମାସ ପୂରିଗଲାଣି। ହେଲେ ସରକାର ଏ ଯାଏ ନୂଆ କମିଟି ଗଠନ କରିପାରିଲେ ନାହିଁ। ଏଭଳି ବିଳମ୍ବ ଇତିହାସରେ ପ୍ରଥମ। ପରିଚାଳନା କମିଟିରେ ୧୦ ଜଣ ମନୋନୀତ ସଦସ୍ୟ ରୁହନ୍ତି। ସେମାନଙ୍କର କାର୍ଯ୍ୟକାଳ ୩ ବର୍ଷ ରହୁଛି। ଅବଧି ସରିବା ପୂର୍ବରୁ କମିଟି ସଦସ୍ୟଙ୍କ ମନୋନୟନ ହେବା କଥା। ଏହାଦ୍ୱାରା ଶ୍ରୀମନ୍ଦିର ପରିଚାଳନା ସୂଚାରୁ ରୂପେ ହୋଇପାରିବ। ଶ୍ରୀମନ୍ଦିର ଆଇନ କହୁଛି ୨ଟି ବୈଠକ ମଧ୍ୟରେ ବ୍ୟବଧାନ ୨ ମାସରୁ ଅଧିକ ହୋଇପାରିବ ନାହିଁ। ଅର୍ଥାତ୍ ପ୍ରତ୍ୟେକ ୨ ମାସରେ ବୈଠକ ବସିବା କଥା। କିନ୍ତୁ ୯ ମାସ ହୋଇଗଲାଣି, ପରିଚାଳନା କମିଟି ବସିପାରି ନାହିଁ। ଏହିଭଳି ଇତିହାସରେ କେବେ ହୋଇନାହିଁ। ଆଗରୁ ବିଳମ୍ବ ହୋଇଛି କିନ୍ତୁ ଏତେ ବିଳମ୍ବ ହୋଇନାହିଁ, ଯାହାକି ହେବା ଅନୁଚିତ। ଗତବର୍ଷ ଜୁଲାଇ ପହିଲାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିଥିଲୁ। ସେତେବେଳେ ଏହି ପ୍ରସଙ୍ଗ ଉଠାଇଥିଲୁ। ଆଉ ମାସେ, ଦୁଇମାସ ମଧ୍ୟରେ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହେଉଛି। ଶୀଘ୍ର ଆପଣ ପ୍ରକ୍ରିୟା ଆରମ୍ଭ କରି ସଦସ୍ୟଙ୍କୁ ମନୋନୀତ କରନ୍ତୁ। ଯାହାଦ୍ୱାରା ପରିଚାଳନା କମିଟିର ବୈଠକ ସ୍ୱାଭାବିକ ହୋଇପାରିବ। ଏହାପରେ ବାରମ୍ବାର ଚିଠି ଲେଖି ଏବଂ ବ୍ୟକ୍ତିଗତ ସାକ୍ଷାତ୍ କରି ମଧ୍ୟ ଜଣାଇଛୁ। କିନ୍ତୁ କୌଣସି କାରଣରୁ ତାହା ଅଟକି ରହିଯାଇଛି ବୋଲି କହିଛନ୍ତି ଗଜପତି ମହାରାଜା।

# ରଥଯାତ୍ରା ପାଇଁ ନବୀନଙ୍କୁ ଆମନ୍ତ୍ରଣ

- ■ ନବୀନ ନିବାସରେ ଭେଟିଲେ ଛତିଶା ନିଯୋଗ ସେବାୟତ
- ■ ପୁରୀର ବିକାଶ ପାଇଁ ନବୀନଙ୍କ କାର୍ଯ୍ୟକୁ ପ୍ରଶଂସା



**ଭୁବନେଶ୍ୱର,୧୭।୬(ସମିସ):** ପୁରୀ ଛତିଶା ନିଯୋଗ ସେବାୟତ ମାନଙ୍କର ଏକ ପ୍ରତିନିଧି ଦଳ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ନବୀନ ନିବାସରେ ଏହି ସାକ୍ଷାତ ସମୟରେ ସେମାନେ ଶ୍ରୀମନ୍ଦିରର ତଥା ପୁରୀ ସହରର ବିକାଶ ପାଇଁ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ହୋଇଥିବା ବିଭିନ୍ନ କାର୍ଯ୍ୟ ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ସେବାୟତମାନେ 'ପୁରୀ ଆପଣ ବହୁତ କିଛି କରିଛନ୍ତି। ରଥଯାତ୍ରାକୁ ନିଶ୍ଚୟ ଆସିବେ' ବୋଲି କହି ଶ୍ରୀ ପଟ୍ଟନାୟକଙ୍କୁ ଆମନ୍ତ୍ରଣ କରିଛନ୍ତି। ଜୁନ ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବରେ ପାଳନ କରିବା ପାଇଁ ଶ୍ରୀ ପଟ୍ଟନାୟକ ସେବାୟତ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସାକ୍ଷାତ ସମୟରେ ସାଂସଦ ଶୁଭାଶୀଷ ଖୁଣ୍ଟିଆ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସାଇନା ଖୁଣ୍ଟିଆ, ଗୌରହରି ପ୍ରଧାନ, ଲୋକନାଥ ମହାସୁଆର, ରବିଶଙ୍କର ପଢିଆରୀ, କାଶୀନାଥ ମହାସୁଆର, ଦାମୋଦର ପ୍ରତିହାରୀ, ହରିଆ ସୁଆର, ଅସିତ୍ ମେକାପ, କୃଷ୍ଣଚନ୍ଦ୍ର ଗୋଛିକାର ଓ ଜମେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଖୋଲିଲା ଉଚ୍ଚଶିକ୍ଷାନୁଷ୍ଠାନ

# ଛାତ୍ରସଂସଦ ନିର୍ବାଚନ ପାଇଁ କ୍ୟାମ୍ପସ୍ ଚଳଚଞ୍ଚଳ

**ଭୁବନେଶ୍ୱର,୧୭।୬(ସମିସ):** ଖରାଛୁଟି ସରିବା ପରେ ମଙ୍ଗଳବାର ଖୋଲିଛି ଉଚ୍ଚଶିକ୍ଷାନୁଷ୍ଠାନ। ପ୍ରଥମ ଦିନରେ ଉପସ୍ଥାନ କମ୍ ରହିଥିଲେ ମଧ୍ୟ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ନାମଲେଖା ଚାଲୁଥିବାରୁ କ୍ୟାମ୍ପସ୍ ଚଳଚଞ୍ଚଳ ରହିଛି। ନାମଲେଖା ପାଇଁ ଆସୁଥିବା ଛାତ୍ରଛାତ୍ରୀଙ୍କୁ ସହଯୋଗ କରିବା ପାଇଁ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ହେଲ୍ପ ଡେସ୍କ ଖୋଲାଯାଇଛି। ନବାଗତ ପିଲାଙ୍କ ତଥ୍ୟ ସଂଗ୍ରହ କରିବା ସହ ନାମଲେଖାରେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି।

ଗତବର୍ଷ ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ରସଂସଦ ନିର୍ବାଚନ କରିବାକୁ ସରକାର ବିଚାର କରୁଥିବା କହିଥିଲେ ମଧ୍ୟ ଶେଷ ମୁହୁର୍ତ୍ତରେ ନିର୍ବାଚନ କରାଇ ନ ଥିଲେ। ସମୟ ଅଭାବ ଓ କ୍ୟାମ୍ପସ୍‌ରେ ଶୈକ୍ଷିକ ବାତାବରଣ ସୁଦୃଢ଼ କରିବାକୁ ପ୍ରାଥମିକତା ଦିଆଯାଉଥିବା କହି ନିର୍ବାଚନ ଏଡ଼ାଇ ଯାଇଥିଲେ। ହେଲେ ଚଳିତ ଶିକ୍ଷା ବର୍ଷରୁ ପୁଣିଥରେ ଛାତ୍ରସଂସଦ ନିର୍ବାଚନ ହେବ ବୋଲି ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବାରୁ ଦୀର୍ଘ ୭ ବର୍ଷ ପରେ ରାଜ୍ୟରେ ପୁଣି ଛାତ୍ର ସଂସଦ ନିର୍ବାଚନ ହେବା ନେଇ ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଛାତ୍ର ସଂଗଠନମାନେ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ପ୍ରଥମ ଦିନରୁ ହିଁ ନବାଗତ ଛାତ୍ରଛାତ୍ରୀଙ୍କ ସହ ସମ୍ପର୍କ ଯୋଡ଼ିବା ଓ ସହଯୋଗ ପାଇଁ ହେଲ୍ପ ଡେସ୍କ ଖୋଲିଛନ୍ତି। ସ୍ୱାଗତ କରିବା ବେଳେ ସଂଗଠନର ପୁସିଂ କାର୍ଡ ପ୍ରଦାନ କରୁଛନ୍ତି। ଆଗକୁ ଚାରାରୋପଣ, ବନ୍ଧୁମିଳନ ପରି ବିଭିନ୍ନ କାର୍ଯ୍ୟକ୍ରମ କରି ଶିକ୍ଷାର୍ଥୀଙ୍କୁ ଆକୃଷ୍ଟ କରିବା ପାଇଁ ଯୋଜନା କରିଛନ୍ତି।

ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ସରକାରୀ ଭାବେ ନିର୍ଦ୍ଦିଷ୍ଟ ଘୋଷଣା ହୋଇନାହିଁ। ଏପରିକି ବାର୍ଷିକ ଶୈକ୍ଷିକ କ୍ୟାଲେଣ୍ଡର ମଧ୍ୟ ପ୍ରକାଶ ପାଇନାହିଁ। ହେଲେ ପୂର୍ବପରି ଦୁର୍ଗାପୂଜା ଛୁଟି ପୂର୍ବରୁ ଏକ ସମୟରେ ଛାତ୍ର ସଂସଦ ନିର୍ବାଚନ ହୋଇପାରେ ବୋଲି ଜଣାପଡ଼ିଛି।

## ଗୋପାଳପୁର ଗଣଦୁଷ୍କର୍ମକୁ ନେଇ ଘେରିଲେ ବିରୋଧୀ

# ଉପମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ବିଜେଡି

**ଭୁବନେଶ୍ୱର,୧୭।୬(ସମିସ):** ଗୋପାଳପୁର କଲେଜ ଛାତ୍ରୀ ଗଣଦୁଷ୍କର୍ମ ଘଟଣାରେ ସରକାରଙ୍କୁ କଟୁ ସମାଲୋଚନା କରିଛି ବିଜୁ ଜନତା ଦଳ। ଗୋପାଳପୁର ଭଳି ଏକ ଆନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ପର୍ଯ୍ୟଟନସ୍ଥଳୀରେ ଏହି ଭଳି ଘୃଣ୍ୟ ଘଟଣା ରାଜ୍ୟବାସୀଙ୍କୁ ବିଚଳିତ କରିଛି। ରାଜ୍ୟ ବିଜେପି ସରକାର ଆତ୍ମପ୍ରଚାର ଓ ଉତ୍ସବ ପାଳନରେ ବିଭୋର ଥିଲା ବେଳେ ରାଜ୍ୟବାସୀଙ୍କ ସୁରକ୍ଷା ପ୍ରତି ସମ୍ବେଦନହୀନ ହୋଇପଡିଛନ୍ତି। ଫଳରେ ପବିତ୍ର ରଜ ପର୍ବରେ ବେଳାଭୂମିକୁ ଖୁସି ମନାଇବା ପାଇଁ ଆସିଥିବା ଏକ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମର ଶିକାର ହେବାକୁ ପଡିଛି। ଘଟଣାରେ ନୈତିକ ଦାୟିତ୍ୱ ନେଇ ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇସ୍ତଫା ପ୍ରଦାନ କରନ୍ତୁ ବୋଲି ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା ଦାବି କରିଛନ୍ତି।



ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାର କହିଛନ୍ତି ଯେ ଯେ ବିଜେପି ସରକାରକୁ ଆସିଲା ପରେ ରାଜ୍ୟରେ ମହିଳା ବିରୋଧୀ ହିଂସା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ଅପରାଧ କ୍ଷେତ୍ରରେ ଓଡିଶା ସର୍ବଭାରତୀୟ ସ୍ତରରେ ୮ମ ସ୍ଥାନରେ ପହଞ୍ଚି ଯାଇଛି । ଗତ ଏକ ବର୍ଷ ମଧ୍ୟରେ ୩୩ ପ୍ରତିଶତ ଫୌଜଦାରୀ ମକଦ୍ଦମା ବୃଦ୍ଧି ପାଇବା ସହ ଦୁଷ୍କର୍ମ ହାର ୮ ପ୍ରତିଶତ ବଢିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପର୍ଯ୍ୟଟନ ସ୍ଥଳୀରେ ମହିଳାମାନଙ୍କ ସୁରକ୍ଷାକୁ ନେଇ ଉଦବେଗ ପ୍ରକାଶ କରିବା ସହ ରାଜ୍ୟ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ତେଣୁ ନିଜ ଉପରକୁ ନୈତିକ ଦାୟିତ୍ୱ ନେଇ ରାଜ୍ୟର ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ।

ସେହିପରି ମୁଖପାତ୍ର ଶ୍ରୀ ପଣ୍ଡା କହିଥିଲେ ଯେ ପର୍ଯ୍ୟଟନର ବିକାଶ ପାଇଁ ଡିଣ୍ଡିମ୍ ପିଟୁଥିବା ବିଜେପି ସରକାର ଏଭଳି ସମ୍ବେଦନଶୀଳ ଘଟଣାକୁ ଅଣଦେଖା କରି ସାରା ଦେଶରେ ଓଡ଼ିଶାକୁ ଲଜ୍ଜିତ କରିଛନ୍ତି। ଗୋପାଳପୁର ବେଳାଭୂମିର ଗରିମାକୁ ସରକାର କ୍ଷୁର୍ଣ୍ଣ କରିଛନ୍ତି। ଏ ସରକାରରେ ଘରୁ ମହିଳାଟିଏ ଗୋଡ କାଢ଼ିଲେ ସୁରକ୍ଷିତ ଫେରିବା ପାଇଁ ନିଶ୍ଚିତ ହୋଇପାରୁନାହିଁ। ପୁଲିସ ବ୍ୟବସ୍ଥାକୁ ଦଳୀୟ କାର୍ଯ୍ୟରେ ନିୟୋଜିତ କରିବା ଦ୍ୱାରା ଅପରାଧୀଙ୍କର ଆଉ ଭୟ ରହୁନାହିଁ ଏବଂ ଏଭଳି ବେଧଡକ ଜଘନ୍ୟକାଣ୍ଡ ଭିଆଉଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲା କଂଗ୍ରେସ

**ଭୁବନେଶ୍ୱର,୧୭।୬(ସମିସ):** ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ରାଜ୍ୟ କଂଗ୍ରେସ। ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ଘଟଣା ପାଇଁ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ମହିଳା ହିଂସା ଦ୍ରୁତ ଗତିରେ ବଢ଼ି ଚାଲିଛି। ଗଣ ଦୁଷ୍କର୍ମ ଘଟଣାରେ ସାମିଲ ଥିବା ସମସ୍ତ ଅଭିଯୁକ୍ତ ବର୍ତ୍ତମାନ ପର୍ଯ୍ୟନ୍ତ ଧରାପଡ଼ି ନାହାନ୍ତି। ସରକାର ସେମାନଙ୍କୁ ତୁରନ୍ତ ଗିରଫ କରି ଏଭଳି ଘଟଣା କିପରି ଆଗକୁ ନ ଘଟିବ ତାହା ସୁନିଶ୍ଚିତ କରନ୍ତୁ। ଅନ୍ୟପଟେ ଯଦି ଆଗକୁ ଏଭଳି ଘଟଣା ଘଟେ, ତେବ ରାଜ୍ୟର ସମସ୍ତ ଜନସାଧାରଣ ଜାଗ୍ରତ ହୋଇ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

ସେହିପରି କଂଗ୍ରେସ ଦଳର ଏକମାତ୍ର ମହିଳା ବିଧାୟିକା ସୋଫିଆ ଫିର୍‌ଦୋସ୍ ମଧ୍ୟ ଏହି ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ଗଣପର୍ବ ରଜ ପାଳନ କରାଯାଇ ନାରୀତ୍ୱକୁ ସମ୍ମାନ ଓ ନାରୀ ସଶକ୍ତକରଣର ବାର୍ତ୍ତା ଦେବା କଥା କହୁଯାଉଛି। ହେଲେ ଗୋପାଳପୁର ବିଚ୍‌ରେ ଜଣେ କଲେଜ ଛାତ୍ରୀଙ୍କୁ ଗଣ ବଳାତ୍କାର ଅତ୍ୟନ୍ତ ଲଜ୍ଜାଜନକ ଓ ଲୋମହର୍ଷଣକାରୀ। ପୁରୁଷ ବନ୍ଧୁଙ୍କୁ ବାନ୍ଧି ଦେଇ ମହିଳାଙ୍କୁ ଦଶ ଜଣ ଗଣ ବଳାତ୍କାର କରିବା ହୃଦୟ ବିଦାରକ। କୌଣସି ନିସ୍ତବ୍ଧ ସ୍ଥାନ ନୁହେଁ, ପର୍ଯ୍ୟଟନ ସ୍ଥଳୀରେ ମଧ୍ୟ ମହିଳା ସୁରକ୍ଷିତ ନୁହନ୍ତି। ଏହା ନିଶ୍ଚୟ ଦୁଃଖଦାୟକ ଓ ନାରୀ ସୁରକ୍ଷା ଦିଗରେ ଚିନ୍ତାର ବିଷୟ ବୋଲି ସୋଫିଆ ନିଜ ଏକ୍ସ ମାଧ୍ୟମରେ କହିଛନ୍ତି।

**ପର୍ଯ୍ୟଟନସ୍ଥଳୀରେ ମଧ୍ୟ ମହିଳା ଅସୁରକ୍ଷିତ: ସୋଫିଆ**

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ଗୋପାଳପୁର ବେଳାଭୂମିକୁ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିବା ଖବର ଆମ ସମସ୍ତଙ୍କୁ ପୁଣିଥରେ ବିବ୍ରତ କରିଦେଇଛି। ଏହି ଦୁଃଖଦ ସମୟରେ ତାଙ୍କ ପରିବାର ପ୍ରତି ଶ୍ରୀ ପଟ୍ଟନାୟକ ସମବେଦନା ଜଣାଇବା ସହ ଆମର ମା’ ଏବଂ ଝିଅଙ୍କୁ ସୁରକ୍ଷା ଦେବା ପାଇଁ ବିଜେପି ସରକାର ଅସମର୍ଥ ବୋଲି ପ୍ରମାଣ କରିଦେଇଛନ୍ତି ବୋଲି ନିରଞ୍ଜନ କହିଛନ୍ତି। କୋରାପୁଟ କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକା ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଇସ୍ତଫା ଦାବି କରିଛନ୍ତି। ସେ କହିଛନ୍ତି ଯେ ଓଡିଶାରେ ଆଇନ ଶୃଙ୍ଖଳାର ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତତ ହୋଇପଡ଼ିଛି। ରାଜ୍ୟରେ ବଢୁଥିବା ଅପରାଧ, ଅନିୟନ୍ତ୍ରିତ ଅତ୍ୟାଚାର ସାଙ୍ଗକୁ କାର୍ଯ୍ୟାନୁଷ୍ଠାନ ନେବାରେ ସରକାର ନିଖୋଜ ଅଛନ୍ତି। ବାରମ୍ବାର ଚେତାବନୀ ସତ୍ତ୍ୱେ ସରକାର କୌଣସି ଉତ୍ତରଦାୟିତ୍ୱ ନେଉନାହାନ୍ତି। ମୁଖ୍ୟମନ୍ତ୍ରୀ ଏହି ବିଫଳତାକୁ ସ୍ୱୀକାର କରି ଇସ୍ତଫା ଦେବା ଉଚିତ ବୋଲି ସେ କହିଛନ୍ତି।

■ **ନକ୍ସଲଙ୍କ ନରସଂହାର**

## ୩ ଜଣଙ୍କୁ ହତ୍ୟା, ୧୨ ଜଣଙ୍କୁ ଅପହରଣ

**ମାଲକାନଗିରି, ୧୭।୬(ସମିସ):** ଛତିଶଗଡ଼ର ବିଜାପୁର ଜିଲ୍ଲାରେ ନକ୍ସଲମାନେ ଜଣେ ଆତ୍ମସମର୍ପଣକାରୀ ନକ୍ସଲ ନେତାଙ୍କ ପରିବାରର ୩ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରିଛନ୍ତି। ବିଜାପୁରର ପେଡ୍ଡାକୋର୍ମା ଗାଁରେ ନକ୍ସଲମାନେ ଜଣେ ଛାତ୍ର ସମେତ ୩ ଜଣଙ୍କୁ ହତ୍ୟା କରିଛନ୍ତି। ମୃତକଙ୍କ ନାମ ଝିଙ୍ଗୁ ମୋଡିୟମ୍, ସୋମା ମୋଡିୟମ୍ ଏବଂ ଅନିଲ ମାଡଭି ବୋଲି ଜଣାପଡିଛି। ଏମାନଙ୍କ ବ୍ୟତୀତ ନକ୍ସଲମାନେ ୭ ଜଣ ଗ୍ରାମବାସୀଙ୍କୁ ନିର୍ମମ ଭାବରେ ମାଡ଼ ମାରି ଆହତ କରିଛନ୍ତି। କୁହାଯାଉଛି ଯେ, ନକ୍ସଲମାନେ ୧୨ ଜଣ ଗ୍ରାମବାସୀଙ୍କୁ ଅପହରଣ କରିଛନ୍ତି। ନକ୍ସଲମାନେ ହତ୍ୟା କରିଥିବ ଗ୍ରାମବାସୀଙ୍କ ମଧ୍ୟରୁ ଦୁଇ ଜଣ ଆତ୍ମସମର୍ପଣକାରୀ ନକ୍ସଲ ନେତା ଦିନେଶ ମୋଡିୟମଙ୍କ ସମ୍ପର୍କୀୟ ବୋଲି କୁହାଯାଉଛି। ନକ୍ସଲ ନେତା ଭେଲା ଏବଂ ତାଙ୍କ ଦଳ ମଙ୍ଗଳବାର ସନ୍ଧ୍ୟାରେ ଏହି ଘଟଣା ଘଟାଇଛନ୍ତି ବୋଲି ସୂଚନା ମିଳିଛି। ପୋଲିସ ଏନେଇ ଘଟଣାର ତଦନ୍ତ ଆରମ୍ଭ କରିଛି।

■ **ଗଛରେ ପିଟିହେଲା ବାଇକ୍**

## ଦୁଇ ମୃତ, ଜଣେ ଗୁରୁତର

**କଲମପୁର,୧୭।୬(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର-ଜୁନାଗଡ ମୁଖ୍ୟ ରାସ୍ତାର ଦେପୁର ନିକଟରେ ଭୟଙ୍କର ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଦୁଇ ମୃତକ ହେଲେ ପରୁଆଗୁଡା ଗ୍ରାମର ରୋହିତ ପଟେଲ (୨୨) ଏବଂ ଜୁନାଗଡ ଥାନା ଅଧୀନ ମୁଣ୍ଡୁରାଗୁଡା ମହୁଲପଡାର ଅଜୟ ମାଝୀ(୧୫)। ସେହିଭଳି ଏମାନଙ୍କ ସହ ବାଇକ୍‌ରେ ଥିବା ଜଣେ ନାବାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେ ହେଲେ ଲକ୍ଷ୍ମୀକାନ୍ତ ମାଝୀ ଓରଫ ଛୋଟୁ ନାମକ (୧୪)। ଏମାନେ ସମସ୍ତେ ବାଇକ୍ (ଓଡି ୦୮ ଏମ ୬୭୨୪)ଯୋଗେ ବିଳମ୍ବିତ ରାତିରେ କଲମପୁର-ଜୁନାଗଡ ମୁଖ୍ୟ ରାସ୍ତା ଦେଇ ମୁଣ୍ଡୁରାଗୁଡା ଗ୍ରାମକୁ ଯାଉଥିଲେ। ଦୁର୍ଭାଗ୍ୟକୁ ତାଳପଦର ଛକ ନିକଟରେ ବାଇକ୍‌ଟଇ ଭାରସାମ୍ୟ ହରାଇଥିଲା। ଏହାଫଳରେ ରାସ୍ତାକଡରେ ଥିବା ଏକ ଗଛରେ ଜୋର୍‌ରେ ବାଇକ୍‌ଟି ଧକ୍କା ହୋଇଥିଲା। ଘଟଣାସ୍ଥଳରେ ରୋହିତ ଏବଂ ଅଜୟଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଗୁରୁତର ଲକ୍ଷ୍ମୀକାନ୍ତଙ୍କୁ ତୁରନ୍ତ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ କଲମପୁର ଥାନା ଏସ୍ଆଇ ପୁରୁଷୋତ୍ତମ ଜାନୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜୟପାଟଣା ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ କଲମପୁର ଥାନାରେ ଏକ ମାମଲା (ନଂ ୬୩/୨୦୨୫) ରୁଜୁ ହୋଇଛି।

**ପୁଣି ଚର୍ଚ୍ଚାରେ ବେଦାନ୍ତ ବିଶ୍ୱ ବିଦ୍ୟାଳୟ**

# କମ୍ପାନୀ ଜାରିକଲା ଇଓଆଇ

## ବିଶ୍ୱ ବିଦ୍ୟାଳୟ ପାଇଁ ଖର୍ଚ୍ଚ ହେବ ୧୫ ହଜାର କୋଟି

**ଭୁବନେଶ୍ୱର,୧୭।୬(ସମିସ):** କିଛି ଦିନ ତଳେ ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ ପୁରୀଠାରେ ଦୀର୍ଘଦିନରୁ ପ୍ରସ୍ତାବିତ ବିଶ୍ୱ ବିଦ୍ୟାଳୟ ନିର୍ମାଣ ପାଇଁ ଇଚ୍ଛା ଜାହିର୍ କରିଥିଲେ। ବଡ଼ ବିଶ୍ୱ ବିଦ୍ୟାଳୟ ନିର୍ମାଣ କ୍ଷେତ୍ରରେ ଭୂମି ଏକ ବାଧକ ହେବା ଉଚିତ ନୁହେଁ ବୋଲି ସେ ସାମାଜିକ ଗଣମାଧ୍ୟମରେ ମତ ପ୍ରକାଶ କରିଥିଲେ। ଏହାର କିଛିଦିନ ପରେ, ଗତକାଲି ବେଦାନ୍ତ ଏକ ବିଶ୍ୱ ସ୍ତରୀୟ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପୁନଃ ଇଚ୍ଛା ପ୍ରକାଶ କରିଛି। ଏଥିପାଇଁ ବେଦାନ୍ତ ପକ୍ଷରୁ ଏକ୍ସପ୍ରେସନ ଅଫ୍ ଇଣ୍ଟ୍ରେଷ୍ଟ(ଇଓଆଇ) ଆହ୍ୱାନ କରାଯାଇଛି। ଦେଶର ସମସ୍ତ ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନ ଉଦ୍ଦେଶ୍ୟରେ ଏହି ଇଓଆଇ ଜାରି କରାଯାଇଥିବା ବେଳେ ଏଥିରେ କେତେକ ସର୍ତ୍ତ ରହିଛି। ଏହି ଅଣଲାଭକାରୀ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଚିହ୍ନିତ ସ୍ଥାନ ନିକଟରେ ସମୁଦ୍ରକୂଳ, ନଦୀକୂଳ ଆଦି ଥିବା ଆବଶ୍ୟକ। ସେହିପରି ପ୍ରସ୍ତାବିତ ସ୍ଥାନ ନିକଟରେ ବିମାନ ବନ୍ଦର ଥିବା ଆବଶ୍ୟକ ବୋଲି ଇଓଆଇରେ ଉଲ୍ଲେଖ ରହିଛି। ନିକଟରେ ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ ପାଇଁ ଅନୁମତି ମିଳିସାରିଛି। ଅତଏବ ପରୋକ୍ଷରେ ବେଦାନ୍ତ କର୍ତ୍ତୃପକ୍ଷ ପୁରୀଠାରେ ହିଁ ନିଜର ଦୀର୍ଘଦିନର ଆକାଂକ୍ଷିତ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏବେବି ଇଚ୍ଛୁକ ଥିବା ଏହି ଇଓଆଇରୁ ସ୍ପଷ୍ଟ ହେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

**ଦୁଇ ଲକ୍ଷ ଛାତ୍ରଛାତ୍ରୀଙ୍କୁ ମିଳିବ ବିଶ୍ୱସ୍ତରୀୟ ଶିକ୍ଷଣ ସୁବିଧା**

ଇଓଆଇରେ ବେଦାନ୍ତ ଉଲ୍ଲେଖ କରିଛି ଯେ ଶିକ୍ଷା ମାନ ଦୃଷ୍ଟିରୁ ଏହା ହାର୍ଭାର୍ଡ ଏବଂ ବୋଷ୍ଟନ ପରି ହେବାକୁ ଥିବାବେଳେ ଏହା ସମ୍ପୂର୍ଣ୍ଣ ଭାବେ ଏକ ୱାଟରଫ୍ରଣ୍ଟ ଏଜୁକେସନ ସିଟି ହେବ। ଏହି ବିଶ୍ୱ ବିଦ୍ୟାଳୟରେ ପ୍ରାୟ ୨ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ସେମାନଙ୍କୁ ଯୋଗାଇ ଦିଆଯିବ। ବିଶ୍ୱ ବିଦ୍ୟାଳୟରେ ଶ୍ରେଷ୍ଠ ମେଡିକାଲ ସ୍କୁଲ, ହସ୍ପିଟାଲ, ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ପ୍ରଦର୍ଶନୀ କେନ୍ଦ୍ର ସହ ଛାତ୍ରଛାତ୍ରୀଙ୍କ ବୃତ୍ତି ପ୍ରଦାନର ବ୍ୟବସ୍ଥା ରହିବ। ଏହି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବେଦାନ୍ତ ୧୫୦୦୦ କୋଟି ଟଙ୍କା ଖର୍ଚ୍ଚ କରିବ ।

ସୂଚନାଯୋଗ୍ୟ ଯେ ୨୦୦୬ ମସିହାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ତତ୍କାଳୀନ ସରକାରଙ୍କ ସହ ଚୁକ୍ତି ସ୍ୱାକ୍ଷରିତ କରିଥିଲେ। ୨୨ଟି ଗାଁର ଜମି ସହ ସରକାରୀ ଜମି ଦିଆଯିବାକୁ ଚୁକ୍ତି ହୋଇଥିଲା। ଚୁକ୍ତି ଅନୁଯାୟୀ ୩୩୪୨.୫୩ ଏକର ଘରୋଇ ଜମି ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ପାଇଁ ଅଧିଗ୍ରହଣ ମଧ୍ୟ କରିଥିଲେ। ତେବେ ବାସଚ୍ୟୁତ ହୋଇଥିବା ୯ ଜଣ ଏହି ଅଧିଗ୍ରହଣ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରି ୨୦୧୦ରେ ହାଇକୋର୍ଟ ଆବେଦନକାରୀଙ୍କ ସପକ୍ଷରେ ରାୟ ଦେଇଥିଲେ । ତେବେ ବେଦାନ୍ତ ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟ ଯାଇଥିଲା; କିନ୍ତୁ ୨୦୨୩ରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ କାଏମ୍ ରଖିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ଲୋକଙ୍କୁ ଜମି ଫେରାଇବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

## ଲଗାଣ ବର୍ଷାରେ ସ୍ମାର୍ଟ ସିଟି ବେହାଲ

# ତଳିଆ ଅଞ୍ଚଳ ବସ୍ତିରେ ଘରେ ପଶିଲା ବର୍ଷାଜଳ

**ରାଉରକେଲା, ୧୭।୬(ସମିସ)**



ଲଗାଣ ବର୍ଷାରେ ସ୍ମାର୍ଟ ସିଟି ରାଉରକେଲା ଅବସ୍ଥା ବେହାଲ୍ ହୋଇପଡ଼ିଛି । ସହରବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସ୍ମାର୍ଟ ସିଟି ରାଉରକେଲାରେ ମଙ୍ଗଳବାର ଲଗାଣ ବର୍ଷା ହୋଇଥିଲା । ପ୍ରାୟ ୧୨ ଘଣ୍ଟାର ବର୍ଷାରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା । ବିଭିନ୍ନ ଅଞ୍ଚଳର ରାସ୍ତା ସମେତ କିଛି ବସ୍ତି ଗୁଡିକରେ ବର୍ଷା ପାଣି ଘରେ ପଶିଥିବା ସୂଚନା ମିଳିଛି । ଡେଲି ମାର୍କେଟ ସ୍ଥିତ ହରିୟଣା ଭବନ ଗଳି, ରହମତ ନଗର, ଗୋପବନ୍ଧୁପାଲି, ଦ୍ୱିତୀୟ ରେଲୱେ ଷ୍ଟେସନ ନିକଟ ବସ୍ତି ଗୁଡିକରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ସେହିପରି ଦ୍ୱିତୀୟ ରେଲୱେ ଷ୍ଟେସନ ନିକଟ ବସ୍ତି ରାସ୍ତା ଠାରୁ ତଳେ ଥିବାରୁ ରାସ୍ତାଘାଟ ସମେତ ଘର ଭିତର ବର୍ଷା ପାଣିରେ ଉବୁଟୁବୁ ହୋଇଛି । ଗୋପବନ୍ଧୁପାଲି ସ୍ଥିତ ଦ୍ୱିତୀୟ ରେଲୱେ ପ୍ରବେଶ ପଥର ତଥା ଷ୍ଟେସନ ଭିତରକୁ ଯିବା ପାଇଁ ସିଡ଼ି ସମ୍ମୁଖ ରାସ୍ତା, ଗାଡ଼ି ପାର୍କିଂ ଆଦି ସ୍ଥାନରେ ମଧ ବର୍ଷା ପାଣି ଜମି ରହିଥିବା ଜଣାପଡ଼ିଛି । ତଳିଆ ଅଞ୍ଚଳରେ ଡ୍ରେନେଜ ବ୍ୟବସ୍ଥା ନଥିବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଞ୍ଚଳବାସୀ କହିଛନ୍ତି । ସେହିପରି ସହରର ମୁଖ୍ୟ ରାସ୍ତା ଠାରୁ ଆରମ୍ଭ କରି ବିଭିନ୍ନ ଅଞ୍ଚଳର ଗଳି ରାସ୍ତା ଗୁଡିକରେ ଥିବା ଖାଲ ଢିପ ସ୍ଥାନରେ ବର୍ଷା ଜଳ ଜମି ରହି କୃତ୍ରିମ ହ୍ରଦ ଭ୍ରମ ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି । ପାନପୋଷ, ସିଭିଲ ଟାଉନସିପ, ଉଦିତନଗର, ବାସନ୍ତୀ କଲୋନୀ, ଛେଣ୍ଡ ସମେତ ଅନ୍ୟ ଅଞ୍ଚଳରେ ବର୍ଷା ପାଣି ଜମି ରହିଥିବା ଜଣାପଡ଼ିଛି । ସେହିପରି ସହରର ତଳ ଭାଗରେ ଥିବା ବିଭିନ୍ନ ବସ୍ତି ସମେତ ଅଞ୍ଚଳ ଗୁଡିକରେ ବର୍ଷା ପାଣି ଜମି ରହିଥିବା ଜଣାପଡ଼ିଛି । ଏହି ସବୁ ବସ୍ତି ଓ ଅଞ୍ଚଳ ମାନଙ୍କରେ ନାଳ ମରାମତି ଓ ସଫେଇ କାର୍ଯ୍ୟ କରାଯାଇ ନଥିବା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଛି । ଅନ୍ୟପଟେ ଲଗାଣ ବର୍ଷା ଯୋଗୁଁ ନିଜ କର୍ମ ସ୍ଥଳକୁ ଯିବା ପାଇଁ ଲୋକେ ନାନା ଅସୁବିଧାର ସମ୍ମୁଖିନ ହୋଇଥିବା ଦେଖିବାକୁ ମିଳିଥିଲା ।

## ବର୍ଷାରେ ବେହାଲ ହେଉଛି ବଣାଇଁ ସହର

# ନାହିଁ ଜଳ ନିଷ୍କାସନ ବ୍ୟବସ୍ଥା; ରାସ୍ତା ଉପରେ ଜମୁଛି ବର୍ଷାଜଳ



**ବଣାଇଁ, ୧୭।୬(ସମିସ):** ବର୍ଷାରେ ବଣାଇଁ ସହର ବେହାଲ ହେଉଛି । ସହରର କଚେରୀ ଛକ ଦେଇ ନୂତନ କୋର୍ଟକୁ ସଂଯୋଗ କରୁଥିବା ରାସ୍ତା ଓ କଲେଜ ଛକ ରାସ୍ତାରେ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଅସରାଏ ବର୍ଷାରେ ରାସ୍ତା ଉପରେ ପାଣି ଜମି ନଦୀର ଭ୍ରମ ସୃଷ୍ଟି କରୁଛି । ପୂର୍ବରୁ ରାସ୍ତାଟି ଖାଲଖମା ଥିବା ବେଳେ ଚଳିତ ମାସ ପୂର୍ତ୍ତବିଭାଗ ପକ୍ଷରୁ ପ୍ରାୟ ଦଶ ମିଟର ରାସ୍ତାକୁ କଂକ୍ରିଟ କରାଯାଇଛି । କିନ୍ତୁ ରାସ୍ତାର ଉଭୟ ପାର୍ଶ୍ୱରେ ସଠିକ୍ ଡ୍ରେନେଜ ବ୍ୟବସ୍ଥା କରାଯାଇନଥିବାରୁ ଜଳ ନିଷ୍କାସିତ ହୋଇ ନପାରି ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚରେ ପାଣି ଜମି ରହୁଛି । ଜଳ ନିଷ୍କାସନ ପାଇଁ ଏକ ଅଣ ଓସାରିଆ ଡ୍ରେନ୍ ତିଆରି କରି ମୁଖ୍ୟ ଡ୍ରେନ୍‌କୁ ସଂଯୁକ୍ତ କରାଯାଇଛି । କିନ୍ତୁ ଏକ ପାଣି ପାଇପ୍ ଅବରୋଧ ହୋଇଥିବାରୁ ଅଳିଆ ଆବର୍ଜନା ଜମି ଡ୍ରେନେଜରେ ଜଳ ନିଷ୍କାସନ ହୋଇପାରୁନାହିଁ । ସେହିପରି ଭାବେ ଅଣ ଓସାରିଆ ଡ୍ରେନ୍ ତିଆରି କରିଥିଲେ ମଧ ଉଭୟ ପାର୍ଶ୍ୱରେ ବଡ ବଡ ଖାଲ ରହିଛି । ତା' ଉପରେ କୌଣସି ପ୍ରକାରର ଢାଙ୍କୁଣି ନଥିବାରୁ ଲୋକେ ଖାଲରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ବର୍ଷା ସମୟରେ ପାଣି ଜମି ରହୁଥିବାରୁ ଲୋକେ ଖାଲ ଥିବା ଜାଣି ପାରୁନାହାନ୍ତି । ଗତକାଲି ଠାରୁ ଲଗାଣ ବର୍ଷା ହେବାରୁ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହିଛି । ପାଣି ଉପରେ ସେହି ରାସ୍ତା ଦେଇ ସାଇକେଲରେ ଯିବା ବେଳେ ମଙ୍ଗଳବାର ସକାଳେ ଜଣେ ଯୁବତୀ ଖାଲ ଉପରେ ପଡ଼ି ଆହତ ହୋଇଥିବା ଦେଖିବାକୁ ମିଳିଛି । ରାସ୍ତାଟି ମରାମତି କରିଯାଇଥିଲେ ମଧ ସଠିକ୍ ଡ୍ରେନେଜ ବ୍ୟବସ୍ଥା କରାଯାଇନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ କୋର୍ଟ, କଚେରୀ, ତହସିଲ, ଜେଲ୍, ଆଇଟିଡିଏ କାର୍ଯ୍ୟାଳୟକୁ ଯିବା ଆସିବା କରୁଛନ୍ତି । ଆଗକୁ ବର୍ଷା ଦିନ ରହିଥିବାରୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ସ୍ଥାୟୀ ପ୍ରତିକାର କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଆର୍‌ଏସ୍‌ପିର ନୂତନ ପ୍ଲେଟ୍ ମିଲ୍‌ରେ ମକ୍ ଡ୍ରିଲ୍

**ରାଉରକେଲା, ୧୭।୬(ସମିସ):** ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜରୁରୀକାଳୀନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ମଙ୍ଗଳବାର ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର ନୂତନ ପ୍ଲେଟ୍ ମିଲ୍ ବିଭାଗର ଫର୍ଣ୍ଣେସ୍ ନିକଟସ୍ଥ ମେନିଫୋଲ୍ଡ ଅଞ୍ଚଳରେ କାଳ୍ପନିକ ମିକ୍ସଡ ଗ୍ୟାସ୍ ଲିକେଜ୍ ପରିସ୍ଥିତିକୁ ଅନୁକରଣ କରି ଏକ ମକ୍ ଡ୍ରିଲ୍ କରାଯାଇଛି । ନୂତନ ପ୍ଲେଟ ମିଲ ଏବଂ ଏସ୍‌ପିପି ବିଭାଗର ସିଜିଏମ୍ ଆର୍‌କେ ବିଶାରେଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଅଗ୍ନିଶମ ବିଭାଗର ଜିଏମ୍ ଜୀବନ ବଲ୍ଲଭ ପଟ୍ଟନାୟକ, ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା, ଏନ୍‌ପିଏମ୍ ମେକାନିକାଲ ବିଭାଗର ଜିଏମ୍ ଏବଂ ଏଚ୍‌ଓଏସ ତଥା ସାଇଟ୍ ଇନ୍‌ସିଡେଣ୍ଟ କଣ୍ଟ୍ରୋଲର ସୁଧାକର ସୁବ୍ରମଣ୍ୟମ୍, ଅପରେସନ ବିଭାଗର ଜିଏମ୍ ଇନ୍‌ଚାର୍ଜ ନୀଳମଣି ମହାପାତ୍ର, ଇଲେକ୍ଟ୍ରିକାଲ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ଅମିତ ରାୱତ, ଡିଏସ୍‌ଓ ସୁମନ କୁମାର ଏବଂ ଏଏସ୍‌ଓ ସୁଶ୍ରୀ ପ୍ରଜ୍ଞା ନାଥ ସହଯୋଗ କରିଥିଲେ । ଆର୍‌ଏସ୍‌ପିରେ ଜାରି ବୈଧାନିକ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରୋଟୋକଲର ଏକ ଅଂଶ ଭାବେ ଏହି କାଳ୍ପନିକ ଅଭ୍ୟାସ ସମ୍ପନ୍ନ କରାଯାଇଥିଲା । ଏଥିରେ ଅନସାଇଟ୍ ବିପର୍ଯ୍ୟ ପରିଚାଳନା ବ୍ୟବସ୍ଥାର ଦକ୍ଷତା ଏବଂ ପ୍ରସ୍ତୁତିକୁ ସୁଦୃଢ କରିବା ଲକ୍ଷ୍ୟ ରଖାଯାଇଛି । ଉକ୍ତ ମକ୍ ଡ୍ରିଲ୍ ମାଧ୍ୟମରେ ମିଶ୍ରିତ ଗ୍ୟାସ ଲିକେଜ ଓ ଅଗ୍ନିକାଣ୍ଡର ଏକ କାଳ୍ପନିକ ସ୍ଥିତିରେ ଅଗ୍ନିଶମ ସେବା, ବୃତ୍ତିଗତ ସ୍ୱାସ୍ଥ୍ୟ ସେବା କେନ୍ଦ୍ର (ଓଏଚଏସ୍‌ସି), ଶକ୍ତି ପ୍ରବନ୍ଧନ ବିଭାଗ (ଇଏମ୍‌ଡି), ସୁରକ୍ଷା ଇଞ୍ଜିନିୟରିଂ ଏବଂ ସିଆଇଏସ୍‌ଏଫ୍‌ଙ୍କ ସମେତ ପ୍ରମୁଖ ବିଭାଗଗୁଡ଼ିକ ଦ୍ୱରିତ ପଦକ୍ଷେପ ଗ୍ରହଣ ସହକାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ଏକାଧିକ ବିଭାଗର ପ୍ରଶିକ୍ଷିତ କର୍ମଚାରୀଙ୍କୁ ନେଇ ଗଠିତ ତିନୋଟି ସମର୍ପିତ ଉଦ୍ଧାରକାରୀ, ଆନୁଷଙ୍ଗିକ ଓ କମ୍ବାଟ ଦଳ ଜରୁରୀକାଳୀନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବାସ୍ତବ ସମୟ ଆଧାରରେ କାର୍ଯ୍ୟ କରିଥିଲେ ।



# ପତଞ୍ଜଳି ଯୋଗ ପରିବାରର ରଜ ମହୋତ୍ସବ

ରାଉରକେଲା, ୧୭।୬(ସମିସ): ସୁନ୍ଦରଗଡ଼ ଜିଲ୍ଲା ପତାଞ୍ଜଳି ଯୋଗ ପରିବାର ଆନୁକୂଲ୍ୟରେ ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିତମ୍ବିନୀ ସ୍ୱାଇଁଙ୍କ ମାର୍ଗଦର୍ଶନରେ ଭଉଣୀମାନେ ସେକ୍ଟର -୧୯, କମ୍ୟୁନିଟ ସେଣ୍ଟର ଯୋଗ କେନ୍ଦ୍ର ପରିସରରେ ରଜ ମହୋତ୍ସବ ପାଳନ କରିଥିଲେ । ଏଥିରେ ରଜ୍ୟ ପ୍ରଭାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ ଭଜନ, ଜଣାଣ, ରଜ ଗୀତ ବରିଷ୍ଠ ଯୋଗ ଶିକ୍ଷୟିତ୍ରୀ ବିଷ୍ଣୁ ପ୍ରିୟା ଦାଶ, ଆରତୀ କର, ଆରତୀ ମହାପାତ୍ର, କୁନ୍ତଳା ସ, ମଧୁସ୍ମିତା ରଥ, ଅନୁସୁୟା ବାରିକ, ବିଜୟିନୀ ମହାନ୍ତି ଓ ସନ୍ଧ୍ୟାରାଣୀ ପତ୍ରୀ ଗାଇଥିଲେ । ଦଳଗତ ନୃତ୍ୟରେ ପୁଷ୍ପିତା ମହାପାତ୍ର, ମମତାମଞ୍ଜରୀ ସାହୁ, ସବିତା ପୃଷ୍ଟି, ଅଞ୍ଜଳୀ ବେହେରା, ଚମ୍ପାବତୀ ମହାନ୍ତ, ସନ୍ତୋଷିନୀ ବିଶ୍ୱେଶରାୟ, ସ୍ମୃତିରେଖା ସାହୁ, ଜ୍ୟୋତ୍ରିମୟୀ ପଟେଲ ଓ ସସ୍ମିତା ବେହେରା ନୃତ୍ୟ ପରିବେଷଣ କରିଥିଲେ । ଅନ୍ୟ ଏକ ଗ୍ରୁପ ନୃତ୍ୟରେ ରେଣୁବାଳା ତନ୍ତୀ, ଜ୍ୟୋତିର୍ମୟୀ ପାଣିଗ୍ରାହୀ, ନନ୍ଦିତା କୁମ୍ଭାର, ଶଇଲେନ୍ଦ୍ରୀ କୁମ୍ଭାର ଓ ସନ୍ଧ୍ୟା ରାଣୀ ପତ୍ରୀ ପରିବେଷଣ କରିଥିଲେ । ସୁସଜ୍ଜିତ ରଜ ଦୋଳି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ଜିଲ୍ଲା ସୋସିଆଲ ମିଡିଆ ପ୍ରଭାରୀ ଆରତୀ କର, ଜିଲ୍ଲା ମହିଳା ସଂଗଠନ ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ, ଜିଲ୍ଲା ମହିଳା କୋଷାଧକ୍ଷା ବିଷ୍ଣୁପ୍ରିୟା ଦାଶ, ଜିଲ୍ଲା ସମ୍ବାଦ ପ୍ରଭାରୀ କୌଶଲ୍ୟା ପୃଷ୍ଟି, ବରିଷ୍ଠ ଯୋଗ ଶିକ୍ଷୟିତ୍ରୀ ଓ ଶାଧିକା ମାନେ ଅଂଶ ଗ୍ରହଣ କରିଥିଲେ । ଅକ୍ରୁର ମାର୍ଥା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।



## ଜାତୀୟ ଜୁନିଅର କରାଟେ ଚାମ୍ପିଅନ୍‌ସିପ୍

# ବିଚାରକ ରାଜୀବ ସିଂ ସମ୍ବର୍ଦ୍ଧିତ

**ରାଉରକେଲା, ୧୭।୬(ସମିସ):** କରାଟେ ଇଣ୍ଡିଆ ଅର୍ଗାନାଇଜେସନ, କିଓ ପକ୍ଷରୁ ଉତ୍ତରାଖଣ୍ଡର ଡେରାଡୁନ ଠାରେ ଜୁନିଅର, କ୍ୟାଡେଟ ଓ ସବ୍‌ଜୁନିଅର ଜାତୀୟ କରାଟେ ଚାମ୍ପିଅନ୍‌ସିପ୍ ଚଳିତ ମାସ ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । କିଓର ସଭାପତି ହାଂଶୀ ଭାରତ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନତାରେ ଆୟୋଜିତ ଏହି ଚାମ୍ପିଅନ୍‌ସିପରେ ଦେଶର ୩୨ ରାଜ୍ୟରୁ ପ୍ରାୟ ୨୫୦୦ କରାଟେକା ଅଂଶଗ୍ରହଣ କରିଥିଲେ । ଏହି ଚାମ୍ପିଅନ୍‌ସିପ୍‌ରେ ଏସିୟ ଜଜ ତଥା କିଓ ରେଫରୀ କମିଶନର ସଦସ୍ୟ ରାଜୀବ କୁମାର ସିଂ ଯୋଗଦେଇ ସଫଳତାର ସହ ବିଚାରକ ଓ ରେଫରୀ ଦାୟିତ୍ୱ ତୁଲାଇ ହାଂଶୀ ଭାରତ ଶର୍ମାଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି । ଏଥିପାଇଁ ରାଜୀବ ଓଡ଼ିଶା ରାଜ୍ୟ କରାଟେ ସଂଘର ସଭାପତି ହାଂଶୀ ଡ. ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଡ. ଗୌରୀ ମହାନ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।



# ତ୍ରିବେଣୀ ୱେଲ୍‌ଫେୟାର୍ ଟ୍ରଷ୍ଟର ବାର୍ଷିକୋତ୍ସବ



**ରାଉରକେଲା, ୧୭।୬(ସମିସ):** ତ୍ରିବେଣୀ ୱେଲଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ପୁରୁଣା ଛେଣ୍ଡ ଅଞ୍ଚଳରେ ସଂଗଠନର ଏକାଦଶ ବାର୍ଷିକ ଉତ୍ସବ ତଥା ରଜ ମହୋତ୍ସବ - ୨୦୨୫ ଦୁଇଦିନ ଧରି ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ବଦ୍ରୀନାରାୟଣ ପାଢ଼ୀ, ଅନ୍ୟତମ ଅତିଥି ଭାବେ ହରିହର ଶତପଥି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସଂଗଠନର ସଭାପତି ହୃଷିକେଶ ବଳିଆରସିଂହ, ଉପସଭାପତି ମଧୁସୂଦନ ସାହୁ, ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ଜେନାଙ୍କ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଅହମ୍ମଦାବାଦ ବିମାନ ଦୁର୍ଘଟଣା, ପାହାଲଗାମ ଆତଙ୍କବାଦୀ ଘଟଣା, ସ୍ଥାନୀୟ ଅଞ୍ଚଳର ତିନି ଜଣ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି କାମନା ନେଇ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ଥାନୀୟ ମହିଳା ତଥା ଝିଅମାନଙ୍କୁ ନେଇ ପିଠା, ଶୃଙ୍ଗାର, ଝୋଟିପକା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମ ସଂଧ୍ୟାରେ ସ୍ଥାନୀୟ ଅଞ୍ଚଳର କଣ୍ଠଶିଳ୍ପୀ ଯୋଗେନ୍ଦ୍ର ସିହ୍ନା, ଶ୍ୱେତାଲୀନା ମହାପାତ୍ର, ସୁରେଶ ଚନ୍ଦ୍ର ମହାପାତ୍ର ତଥା କିଛି ନୃତ୍ୟଶିଳ୍ପୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଦ୍ୱିତୀୟ ସଂଧ୍ୟାରେ ସଂଗଠନ ତ୍ରିବେଣୀ ୱେଲଫେୟାର ଟ୍ରଷ୍ଟ ତରଫରୁ କୌଶଲ୍ୟା ବିହାରର ସମାଜସେବୀ ନିରଞ୍ଜନ ମହାନ୍ତିଙ୍କୁ ସବିତା ରାୟ ମେମୋରିଆଲ ବରିଷ୍ଠ ନାଗରିକ ସମ୍ମାନ ପ୍ରଦାନ କରାଯାଇଥିଲା । ପରେ ସୁରସଙ୍ଗମ ମେଲୋଡି ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବିଭୂତି ଭୂଷଣ ଦାସ, ସଞ୍ଜୟ କୁମାର ରାୟ, ସୁଖଦେବ ସିଂହ ଡିଙ୍ଗର, କ୍ଷେତ୍ରବାସୀ ଧଳ, ଅନ୍ତର୍ଯ୍ୟାମୀ ଓଝା, ପ୍ରଶାନ୍ତ ଅଦାକ, ଗୋବିନ୍ଦ ସାମନ୍ତ, ପ୍ରତାପ କରଣ, ଟିକେଶ୍ୱର ପ୍ରଧାନ, ଶାନ୍ତିଲାତା ବଳିଆରସିଂହ, କାଞ୍ଚନ ମଣ୍ଡଳ, ବସନ୍ତ ମଞ୍ଜରୀ ଓଝା, ବସୁମତୀ ମହନ୍ତ, ଗୀତାଞ୍ଜଳୀ ସାହୁ, ପୁଷ୍ପାଞ୍ଜଳୀ ପ୍ରଧାନ, ସୁବ୍ରତା ରାୟ, ସଞ୍ଜୁ ବରୁଅ, ରଶ୍ମୀତା ବାସାକ, ମେଘମାଳା ଦାସ, ଇଶ୍ୱର ଚନ୍ଦ୍ର ମହନ୍ତ, ଧନଞ୍ଜୟ ପଣ୍ଡା, ପି. ଚଲାପତି ରାଓ, ଶରତ କୁମାର ପତି, ଦିବାକର ନନ୍ଦ, ଲକ୍ଷ୍ମୀଧର ପାଣି, କେଦାରନାଥ ପାଢି ଏବଂ ନରେନ୍ଦ୍ର କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ ।

# ଆରଏସ୍‌ପି ପକ୍ଷରୁ ୧୫ ମହିଳାଙ୍କୁ ସିଲାଇ ତାଲିମ



**ରାଉରକେଲା, ୧୭।୬(ସମିସ):** ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନାର ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନଠାରେ ଆର୍ଥିକ ସଶକ୍ତିକରଣ ଦିଗରେ ସିଏସ୍‌ଆର୍ ପଦକ୍ଷେପ ସ୍ୱରୂପ ଏକ ସିଲାଇ ତାଲିମ ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଲାଠିକଟା ବ୍ଲକର ଜଲଦା ଆର୍‌ଏସ୍ କଲୋନୀରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଅଧିବେଶନରେ ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟିଜି କାନେକର ମୁଖ୍ୟଅତିଥି ରୂପେ ଯୋଗ ଦେଇ ସିଲେଇ ତାଲିମ ନେଇଥିବା ଆର୍‌ଏସ୍ କଲୋନିର ୧୫ ଜଣ ମହିଳାଙ୍କୁ ସମାପ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ । ସିଏସ୍‌ଆର୍ ବିଭାଗର ଜିଏମ ଇନ୍‌ଚାର୍ଜ ମୁନମୁନ ମିତ୍ର, ଏଜିଏମ୍ ଟିବି ଟପ୍ପୋ, ଗ୍ରାମ ଉତ୍ଥାନ ପ୍ରୋଜେକ୍ଟ ମ୍ୟାନେଜର ଗୁରୁ ପ୍ରସାଦ ମହାନ୍ତି, ଆର୍‌ଏସ୍‌ପି ତଥା ସମ୍ପୃକ୍ତ ସଂସ୍ଥାର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ କାନେକର ପାର୍ଶ୍ୱବର୍ତ୍ତୀ ଗ୍ରାମୀଣ ମହିଳାଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ନିଆଯାଇଥିବା ସିଏସ୍‌ଆର ପ୍ରୟାସର ପ୍ରଶଂସା କରିଥିଲେ । ସେ ସମସ୍ତଙ୍କୁ ସର୍ବାଧିକ ଲାଭ ପାଇବା ପାଇଁ ସୁଯୋଗର ସର୍ବୋତ୍ତମ ବ୍ୟବହାର କରିବାକୁ ଅନୁପ୍ରେରିତ କରିଥିଲେ । ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ଓ ରୋଷେଇ ଘରର ଆପ୍ରନ୍, ଏମ୍ବ୍ରୋଡାରି ଏବଂ ଆପ୍ଲିକ୍ କାମ ପ୍ରଭୃତି ଏହି ଅବସରରେ ପ୍ରଦର୍ଶିତ ହୋଇଥିଲା । ମାଷ୍ଟର ଟ୍ରେନର ମୋନାଲିଶା ସାହୁଙ୍କ ଦ୍ୱାରା ସିଲେଇ ଅଧିବେଶନ ପରିଚାଳନା କରାଯାଇଥିଲା । ପ୍ରାରମ୍ଭରେ ସୁଶ୍ରୀ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏଜିଏମ୍ (ସିଏସ୍‌ଆର୍) ଟିବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ । ସେକ୍ସନ ଅଫିସର ବେନେଡିକ୍ଟ ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରଥମ ପର୍ଯ୍ୟାୟ ସମାପ୍ତି ପରେ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ଏକ ବାଣିଜ୍ୟିକ ସିଲେଇ ମେସିନ୍ ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି ।

## ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣା; ଜଣେ ଅଟକ

**ରାଉରକେଲା, ୧୭।୬(ସମିସ):** ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଜିଆବାହାଲ ଉମ୍ପି ୟାର୍ଡ ପରିସରରେ ଝାଡ଼ଖଣ୍ଡ ରାଜ୍ୟ ଗୋଏଲକେରା ଅଞ୍ଚଳର ନିଲ ଜୋଜୋ (୩୬)ଙ୍କୁ ପଥରରେ ଛେଚି ହତ୍ୟା କରିବା ଘଟଣାରେ ପୁଲିସ ଜଣକୁ ଅଟକ ରଖିଥିବା ଜଣାପଡ଼ିଛି । ବିଭିନ୍ନ ଦିଗକୁ ନେଇ ପୁଲିସ ପଚରାଉଚରା ଜାରି ରଖିଛି । ସୂଚନାଯୋଗ୍ୟ ଯେ, ଗତ ୧୫ ତାରିଖ ରାତିରେ ପୁଲିସ ନିଲଙ୍କ ଶବକୁ ଉଦ୍ଧାର କରିଥିଲା । ନିଲଙ୍କ ମୁହଁକୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରାଯାଇଥିଲା ।

# ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ

**ରାଉରକେଲା, ୧୭।୬(ସମିସ):** ସହରର ଅନ୍ୟତମ ସାହିତ୍ୟ ଅନୁଷ୍ଠାନ ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ ପାଳିତ ହୋଇଛି । ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଆମ୍ବାଗାନ ନିକଟସ୍ଥ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସାମାଜିକ କର୍ମୀ ଗଗନ ବିହାରୀ ଧଳ, ସୁମନ ଦତ୍ତ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନାଦର୍ଶ ଓ ସୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ । ହମିରପୁର ଉନ୍ନୟନ ପରିଷଦ, ଇସ୍ପାତ ସାହିତ୍ୟ ସଂସଦ, ଭଜକୃଷ୍ଣ ସାରସ୍ୱତ ସ୍ମୃତି ସଂସଦ, ପ୍ରଗତି ଉତ୍କଳ ସଂଘର ବରିଷ୍ଠ କର୍ମକର୍ତ୍ତା ଗାଳ୍ପିକ କାଶୀନାଥ ନନ୍ଦୀ, ଗଙ୍ଗାଧର ପୁହାଣ, ଦିବାକର ଦାସ, ଡ଼ଃ ନଗେନ ଦାସ, ସତ୍ୟବ୍ରତ ଦାସ, ଗୌତମ ଦାସ, ମୁରଲୀ ପଟ୍ଟନାୟକ, କୁଞ୍ଜବିହାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଆବାହକ ଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# 'ପରିଚୟ' ତରଫରୁ ରଜ ମହୋତ୍ସବ ଉଦ୍‌ଯାପିତ

**ରାଉରକେଲା, ୧୭।୬(ସମିସ):** ରାଉରକେଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ପରିଚୟ' ତରଫରୁ ୪ ଦିନ ଧରି ୨୦ତମ ଜାତୀୟସ୍ତରୀୟ ନୃତ୍ୟ ମହୋତ୍ସବ ଓ ରଜ ମହୋତ୍ସବ ସେକ୍ଟର -୫ ସ୍ଥିତ ଭଞ୍ଜଭବନଠାରେ ଅନୁଷ୍ଠିତ ହୋଇଯାଇଛି । 'ପରିଚୟ'ର ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ପ୍ରତିଯୋଗୀଙ୍କ ମଧ୍ୟରେ ଓଡିଶୀ, ସମ୍ବଲପୁରୀ, ରାଜସ୍ଥାନୀ, ଏକକ ଓ ଗୃପନୃତ୍ୟ ପ୍ରତିଯୋଗିତା କରାଯାଇଥିଲା । ଓଡ଼ିଶାର ବିଭିନ୍ନ ସ୍ଥାନ, ଉତ୍ତରାଖଣ୍ଡ, ରାୟପୁର, ବନାରସ, କଟନୀ କଲିକତା, ରାଞ୍ଚି, ଟାଟା ନଗର ବାରାଣସୀ, ଆଗ୍ର ପ୍ରମୁଖ ଅଞ୍ଚଳରୁ ନୃତ୍ୟ ଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିଚାରକ ଭାବେ ଡ. ବେଦବତୀ ରେଶ୍ମି, ଜ୍ୟୋତି ମାମ୍, ଅଜୟ ରୋଶନ, ଉପଦେଷ୍ଟା ପ୍ରସନ୍ନ ଦାସ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଓ ଡ. ସମର ମୁଦାଲି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମାଜସେବା ପାଇଁ ରମେଶ ଗୋପାଳ ୱାଶୀୟା ଓ ସୁଭାଷ ବାପଡ଼ିଆ, ଓଡ଼ିଶୀ ନୃତ୍ୟ ପାଇଁ ପୁଷ୍ପା ମିଶ୍ର ଓ ସୁନିତା ପଟ୍ଟନାୟକ, ଫଟୋଗ୍ରାଫି ପାଇଁ ମକସୁଦ୍ ଆଲମ୍, ଭିଡିଓ ଏଡ଼ିଟର ରଶ୍ମିତା ନାୟକ, କଥକ ନୃତ୍ୟ ପାଇଁ ଡକ୍ଟର ଭେଦତୀ ସିଂ ଭାଗଲେଙ୍କୁ 'ପରିଚୟ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ସକାଳେ ମୁଖ୍ୟ ଆତିଥି ଭାବେ ଡ. ଯୋଗେଶ ପଟେଲ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ନୃତ୍ୟ ଶିଳ୍ପୀମାନଙ୍କୁ ପ୍ରମାଣପତ୍ର ସହ ମେମୋଣ୍ଟୋ ପ୍ରଦାନ କରାଯାଇଥିଲା । 'ପରିଚୟ'ର ସଭାପତି ଅଶୋକ କୁମାର ସେଠୀ ସ୍ୱାଗତ ଭାଷଣ ଦେଇଥିଲେ । ଉପସଭାପତି ପଞ୍ଚାନନ ମହାପାତ୍ର ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଗାୟତ୍ରୀ ବିଷୋୟୀ, ଜନ୍ମଞ୍ଜୟ ମହାନ୍ତି, ତୃପ୍ତି ଲତା ଶତପଥୀ, ଦେବସ୍ମିତା ପଟ୍ଟନାୟକ, ଅନ୍ୱେଷା ନାୟକ, ସୋନାଲି, ଅଜୟ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଅଭିଜିତ ସାହୁ, ପ୍ରତ୍ୟୁଷ, ସନ୍ତୋଷ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ମୁଖ୍ୟ ପଞ୍ଚାନନ ପାତ୍ର ଧନ୍ୟବାଦ ଦେଇଥିଲେ ।



# ଦେବୀ ଜେନାଙ୍କ ପରଲୋକ; ବିଧାୟକଙ୍କ ଶୋକ



**ରାଉରକେଲା, ୧୭।୬(ସମିସ):** ରାଉରକେଲାର ଅତି ଜଣାଶୁଣା ବରିଷ୍ଠ ବିଜେଡି ନେତା ଜଗଦା ନିବାସୀ ଦେବି ଜେନାଙ୍କର ହୃଦରୋଗରେ ପରଲୋକ ହୋଇଛି । ତାଙ୍କ ବିୟୋଗରେ ରାଉରକେଲରେ ଶୋକର ଛାୟା ଖେଳିଯାଇଛି । ଏହି ପରିପ୍ରେକ୍ଷୀରେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ଶୋକବ୍ୟକ୍ତ କରିବା ସହ ତାଙ୍କ ବିୟୋଗ ବିଜେଡି ପାଇଁ ଅପୂରଣୀୟ କ୍ଷତି ବୋଲି କହିଛନ୍ତି । ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ବରିଷ୍ଠ ନେତା ଆନନ୍ଦ ମହାନ୍ତି, ହାଲୁ ମୁଣ୍ଡାରୀ, ଶ୍ରୀଚରଣ ମହାନ୍ତି, ସୁରେନ୍ଦ୍ର ରାଉତ, ଜୟନ୍ତ କୁମାର ମିଶ୍ର, ଗଗନ ପଣ୍ଡା, ବିରେନ ସେନାପତି, ଭାବନି କବି, ରଶ୍ମିବାଳା ମିଶ୍ର, ସନ୍ଧ୍ୟା ଲାକ୍ରା, ଯୋଶନା ନାୟକ, ଜୟଶ୍ରୀ ପାନିଗ୍ରାହୀ, ସଞ୍ଜୀବ ମହାନ୍ତି, ବିଭୁତି ପୁହାଣ, ରଞ୍ଜିତ ରାଉତ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

## ବାଇଗଣ ଚାଷ ଦେଇଛି ରୋଜଗାର

# ବନ ସୁରକ୍ଷା ସମିତି ସହଯୋଗରେ ସ୍ୱାବଲମ୍ବୀ ହୋଇଛନ୍ତି ତୀର୍ଥବାସୀ

**ବଣାଇଁ, ୧୭।୬(ସମିସ)**



ବନ ସୁରକ୍ଷା ସମିତିର ସହଯୋଗରେ ସ୍ୱଳ୍ପ ଋଣ ନେଇ ସ୍ୱାବଲମ୍ବୀ ହୋଇଛନ୍ତି ଚାଷୀ ତୀର୍ଥବାସୀ । ବଣାଇ ବନଖଣ୍ଡର ତାମଡା ରେଞ୍ଜ ଅନ୍ତର୍ଗତ ମାକଡତୁଆ ଗ୍ରାମର ସଫଳ ଚାଷୀ ତୀର୍ଥବାସି ସାହୁ । ଚଳିତ ବର୍ଷ ବାଇଗଣ ଚାଷ କରି ସ୍ଥାନୀୟ ଅଞ୍ଚଳରେ ନିଜର ପରିଚୟ ସୃଷ୍ଟି କରିଛନ୍ତି । ତାଙ୍କର ପନିପରିବା ଚାଷ କରିବାର ଆଗ୍ରହକୁ ଦେଖି ବଣାଇ ବନଖଣ୍ଡର ତାମଡା ବନାଞ୍ଚଳର ଓଏଫଏସ୍‌ଡିଏସ୍ ଓ ଓମ୍ବାଡସି ପକ୍ଷରୁ ତାଙ୍କ ଗାଁ ବନସୁରକ୍ଷା ସମିତିକୁ ମିଳିଥିବା ପାଣ୍ଠିରୁ ତାଙ୍କର ଆଗ୍ରହ ଅନୁସାରେ ପନିପରିବା ଚାଷ ପାଇଁ ୨୦ ହଜାର ଟଙ୍କାର ଋଣ ପ୍ରଦାନ କରାଯାଇଥିଲା । ସେହି ଟଙ୍କାକୁ ନେଇ ସେ ନିଜର ଅଧ ଏକର ଜମିରେ ବାଇଗଣ ଚାଷ କରିଥିଲେ । କଠିନ ପରିଶ୍ରମ ସହିତ ସାର, ଖତ, ମଞ୍ଜି, ଔଷଧ, ମୁଲିଆ ଓ ଜଳସେଚନ ବାବଦକୁ ୧୪, ୨୦୦ ଟଙ୍କା ଖର୍ଚ୍ଚ କରିଥିଲେ । ଫେବୃଆରୀ ମାସରେ ଆରମ୍ଭ କରିଥିବା ଚାଷ ମେ ପ୍ରଥମ ସପ୍ତାହରୁ ଅମଳ ହେବା ଆରମ୍ଭ ହୋଇଯାଇଛି । ବର୍ତ୍ତମାନ ହାରାହାରି ଦିନକୁ ୭୦ ରୁ ୮୦ କିଲୋ ବାଇଗଣ ସଂଗ୍ରହ ହେଉଥିବା ବେଳେ ତାହାକୁ ନେଇ ସେ ସାତକୁଟା, ଲହୁଣୀପଡ଼ା, ଗୁରୁଣ୍ଡିଆ ଓ ବଣାଇ ବଜାରରେ କିଲୋ ପ୍ରତି ୩୦ ଟଙ୍କା ଦରରେ ବିକ୍ରିକରି ବେଶ ରୋଜଗାର କରୁଛନ୍ତି । ସପ୍ତାହରେ ୧୦, ୦୦୦ ରୁ ୧୧, ୦୦୦ ହଜାର ଟଙ୍କାର ବାଇଗଣ ବିକ୍ରି କରି ଅଞ୍ଚଳରେ ଜଣେ ସଫଳ ଚାଷୀ ଭାବରେ ପରିଚିତ ହୋଇଛନ୍ତି । ଚଳିତ ଋତୁରେ ଏହି ବାଇଗଣ ଚାଷରୁ ୧, ୩୦, ୦୦୦ ହଜାର ଟଙ୍କା ଆୟ କରିବାର ଲକ୍ଷ୍ୟ ରଖିଥିବା ତୀର୍ଥବାସୀ କହିଛନ୍ତି । ପୂର୍ବରୁ ସେ କିଛି ପରିମାଣରେ ପନିପରିବା ଚାଷ କରୁଥିଲେ, ଯାହାକି ତାଙ୍କର ଦୈନନ୍ଦିନ ଜୀବିକା ଚଳଣି ପାଇଁ ପର୍ଯ୍ୟାପ୍ତ ହେଉ ନଥିଲା । ମାତ୍ର ବନ ସୁରକ୍ଷା ସମିତି ଠାରୁ ମିଳିଥିବା ଋଣ ରାଶି ମାଧ୍ୟମରେ ବାଇଗଣ ଚାଷ କରି ନିଜର ଆର୍ଥିକ ପରିସ୍ଥିତିକୁ ସବଳ କରିପାରିଛନ୍ତି । ତିର୍ଥବାସୀ ବଣାଇ ବନବିଭାଗର ପ୍ରୋତ୍ସାହନରୁ ସଫଳତା ପାଇଥିବାରୁ ବନଖଣ୍ଡ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଗଛରେ ପିଟିହୋଇ ବାଇକ୍ ଚାଳକ ଗୁରୁତର

ଶଗଡ଼ା, ୧୭ ।୬(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ବାସୁଦେବପାଲିସ୍ଥିତ ମାଉଲି ମନ୍ଦିର ବୁଲାଣି ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକ୍‌ଟି ରାସ୍ତା କଡ଼ର ଏକ ଗଛରେ ବାଡେଇ ହୋଇ ଯାଇଥିଲା। ଏଣୁ ଚାଳକ ଛିଟିକି ପଡ଼ିଥିଲେ। ତାଙ୍କ ବାମ ଗୋଡ ଭାଙ୍ଗି ଯାଇଛି। ଖବର ପାଇ ମନମୁଣ୍ଡା ପୁଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିବା ସହ ଆମ୍ବୁଲାନ୍ସ ଯୋଗେ ସୋନପୁର ଡାକ୍ତରଖାନାକୁ ପଠାଇଥିଲା।

## ସୁନୀଲ କର୍ଣ୍ଣଙ୍କ ନିଟରେ ସଫଳତା




**ମନମୁଣ୍ଡା, ୧୭ ।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ଉପାନ୍ତ ଲୁଣପଙ୍ଗା ଗ୍ରାମର ଚାଷୀ ବିନାଜ କର୍ଣ୍ଣଙ୍କ ସାନ ପୁଅ ସୁନିଲ କର୍ଣ୍ଣ ନିଟ୍ ପରୀକ୍ଷାରେ ୫୪୭ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୧୩୮୦୯ ଏବଂ ଓବିସି ବର୍ଗରେ ୫୯୭୯ ରାଙ୍କ ହାସଲ କରିଛନ୍ତି। ସୁନୀଲ ଗାଁ ନିକଟସ୍ଥ ସୁଣ୍ଡିପଦର ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ଓ ବଲାଙ୍ଗୀର ଯୁବୋଦୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ ଦୁଇ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିଲେ।

## ସ୍ୱାସ୍ଥ୍ୟ ଶିବିର, ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



**ବୌଦ୍ଧ, ୧୭ ।୬(ସମିସ):** ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତର ବହଲପଡ଼ା ଗ୍ରାମରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସେହିଭଳି ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଓ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ୧୦୫ ହିତାଧିକାରୀ ଏଥିରେ ଲଭାନ୍ୱିତ ହୋଇଛନ୍ତି। ମ୍ୟାଲେରିଆ, ହେପାଟାଇଟିସ ଇତ୍ୟାଦି ପାଇଁ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମଦନ ମୋହନ ପ୍ରଧାନ, ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ପେଙ୍କାକ୍ ସିଲଟ ତାଲିମ ଶିବିର



ବୀରମହାରାଜପୁର, ୧୭।୬(ସମିସ): ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଜିଲ୍ଲାସ୍ତରୀୟ ପ୍ରଥମ ପେଙ୍କାକ୍ ସିଲଟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବୀରମହାରାଜପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ଧରୁଆ, ଶିକ୍ଷାବିତ ଗିରିଜା ଶଙ୍କର ପଣ୍ଡା ଯୋଗଦେଇଥିଲେ। ସଙ୍ଘର ସଭାପତି ନୀଳମ୍ବର ହୋତା, ସମ୍ପାଦକ କୃତିବାସ ଶତପଥି, ଉପସଭାପତି ତ୍ରିନାଥ ସାହୁ, କୋଷାଧ୍ୟକ୍ଷ ଚିନ୍ମୟ ସାହୁ, ଦୁର୍ଯ୍ୟୋଧନ ମେହେର ପ୍ରମୁଖ ଆୟୋଜନ କରିଥିଲେ। ଗୁରୁ ପ୍ରେମ ସିଂ ଥପା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦୁଇଦିନ ଧରି ଚାଲିଥିବା ପ୍ରଶିକ୍ଷଣ ଶିବିରରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ।

## ଯୋଗ ପ୍ରଶିକ୍ଷଣ ଶିବିର

**ସୁବଲୟା, ୧୭।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦର ସ୍ଥିତ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟଠାରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ପୂର୍ବରୁ ମଙ୍ଗଳବାର ଏକ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ଉପସଭାପତି ସୌମିତ୍ରୀ ମେହେର, ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ବରିଷ୍ଠ ସଦସ୍ୟ ନାରାୟଣ ପ୍ରସାଦ ନାୟକ, ଜୀତେନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ। ଆସନ୍ତା ଜୁନ୍ ୨୧ ତାରିଖରେ ପାଳିତ ହେବାକୁ ଥିବା ଆନ୍ତର୍ଜାତିକ ଯୋଗ ଦିବସକୁ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ବଳରାମ କାଣ୍ଡ ସ୍ୱାଗତ କରିଥିଲେ। ବାସୁଦେବ ପଣ୍ଡା ସଭା ସଂଯୋଜନା କରିଥିଲେ। ତ୍ରିନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଯୋଗାଚାର୍ଯ୍ୟ ଡ. ଦ୍ୱିତୀକୃଷ୍ଣ ପଣ୍ଡା ଶିଥିଳିକରଣ ଅଭ୍ୟାସ, ଯୋଗାସନ, ପ୍ରାଣାୟମ ଆଦି ଶିକ୍ଷା ପ୍ରଦାନ ସହ ଏହାର ଉପକାରିତା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



# ହୋମଗାର୍ଡଙ୍କୁ ଠକି କନେଷ୍ଟବଲ ଗିରଫ

**ବୌଦ୍ଧ, ୧୭ ।୬(ସମିସ):**

ବିଭିନ୍ନ ସମୟରେ ଖାକିରେ ଦାଗ ଲାଗୁଛି। ପୁଲିସ ନିଜକୁ ଅପରାଧରେ ଛନ୍ଦି ଦେଉଛି। ଏହା ସମଗ୍ର ବିଭାଗକୁ ବଦନାମ କରୁଛି। ଏହି ସବୁ କାର୍ଯ୍ୟକଳାପ ଲାଗି ପୁଲିସ ଉପରୁ ଲୋକଙ୍କ ଭରସା ତୁଟି ଯାଉଛି। ବୌଦ୍ଧରେ ଏଭଳି ଏକ ଘଟଣ ଘଟିଛି। ଜଣେ ହୋମଗାର୍ଡଙ୍କୁ କନେଷ୍ଟବଳ ଠକି ଗିରଫ ହୋଇଛନ୍ତି। ଶେଷରେ ସମ୍ପୃକ୍ତ କନେଷ୍ଟବଳଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଉଛି ହୃଦାନନ୍ଦ ବେହେରା। ସେ ବୌଦ୍ଧ ଆଦର୍ଶ ଥାନାରେ କାର୍ଯ୍ୟରତ।

ହୋମଗାର୍ଡ ପ୍ରଦୀପ ତ୍ରିପାଠୀଙ୍କୁ ସେ ଋଣ କରାଇଦେବା ନାଁରେ ଠକେଇ ଅଭିଯୋଗ ହୋଇଛି। ହୃଦାନନ୍ଦଙ୍କ ଘରେ ପୁଲିସ ଚଢ଼ଉ କରି ନଗଦ ୫ ଲକ୍ଷ ୨ ହଜାର ୪୯୦ ଟଙ୍କା, ୬୦ଟି ବ୍ୟାଙ୍କ୍ ପାସ୍ ବୁକ୍, ୪୩ଟି ଏଟିଏମ୍ କାର୍ଡ, ୨୯ଟି ଚେକ୍ ବହି, ୨୦୯ଟି ଦସ୍ତଖତ ଥିବା ବ୍ଲାଙ୍କ ଚେକ୍, ୧୧ଟି ସେଲ୍‌ଫ ଡିଡ ଏବଂ ୧୪୫ ଗ୍ରାମର ସୁନା ଏବଂ ରୂପା ଜବତ କରିଛି। ଏହା ପୁଲିସକୁ ଆଶ୍ଚର୍ଯ୍ୟ କରିଛି। ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରୁଥିବା କନେଷ୍ଟବଳ ହୃଦାନନ୍ଦ ଏଭଳି କାଣ୍ଡକାରନାମାକୁ କେତେକ ପୁଲିସ କର୍ମଚାରୀ ସହଜେ ବିଶ୍ୱାସ କରି ପାରୁ ନାହାନ୍ତି। ଶେଷରେ ତାଙ୍କୁ ଚାକିରିରୁ ନିଲମ୍ବନ କରିବା ସହିତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ରାହୁଲ ଗୋଏଲ ସୂଚନା ଦେଇଛନ୍ତି। ଏସପିଙ୍କ କାର୍ଯ୍ୟାଳୟରେ ଟ୍ରେଜେରି ଅଫିସର ଭାବେ କାର୍ଯ୍ୟ କରୁଥିବା ସମୟରେ ସେ ତାଙ୍କ ପଦବୀର ଅପ ବ୍ୟବହାର କରିଥିଲେ। ହୋମଗାର୍ଡ ପ୍ରଦୀପ ତ୍ରିପାଠୀଙ୍କୁ ଋଣ କରାଇଦେବା ନାମରେ ଠକେଇ କରିଥିଲେ। ଏ ନେଇ ହୋମଗାର୍ଡ ଜଣକ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତାଙ୍କ ଘରେ ଚଢ଼ଉ କରି ଜେରା କରିଥିଲା। ଶେଷରେ ତାଙ୍କୁ ଗିରଫ କରିଛି।

ତେବେ ଦୀର୍ଘ ବର୍ଷ ଧରି ପୁଲିସ ମୁଖ୍ୟାଳୟରେ ଏଭଳି ଭାବେ ଅନୈତିକ କାର୍ଯ୍ୟ ଜାରି ରହିବା ଉପରେ ସନ୍ଦେହ ସୃଷ୍ଟି ହୋଇଛି। କିଭଳି ଭାବେ କୌଣସି ଅଧିକାରୀ କିମ୍ବା କର୍ମଚାରୀ ଏ ସମ୍ପର୍କରେ ଜାଣି ପାରିଲେ ନାହିଁ ତାକୁ ନେଇ ଏକ ବଡ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି ଠକେଇରେ ଅନ୍ୟ କୌଣସି ପୁଲିସ ଅଧିକାରୀ ଓ କର୍ମଚାରୀ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ସାମିଲ ନାହାନ୍ତି ତ ଏ ପଶ୍ନ ମଧ୍ୟ ଉଠୁଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ ଓ ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ ମୁନୀ ଉପସ୍ଥିତ ଥିଲେ।





● ବିପର୍ଯ୍ୟସ୍ତ ଦୈନିକ ପରିବା ବଜାର ପରିମଳ

## କାଦୁଅ ଓ ଆବର୍ଜନା ପୂର୍ଣ୍ଣ ବଜାର ଅଞ୍ଚଳ

ବୀରମହାରାଜପୁର, ୧୭।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଦୈନିକ ପନିପରିବା ବଜାରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅସରାଏ ବର୍ଷାରେ ସମ୍ପୂର୍ଣ୍ଣ ବଜାର ଅଞ୍ଚଳ କାଦୁଅ ପଚପଚ ହେଉଥିବାବେଳେ ଆବର୍ଜନା ପୂର୍ଣ୍ଣ ହୋଇ ରହୁଥିବାରୁ ବଜାର ପରିସର ଦୁର୍ଗନ୍ଧରେ ଫାଟିପଡୁଛି। ଏହାବ୍ୟତିତ ଗ୍ରାହକ ଓ ବ୍ୟବସାୟୀଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ନଥିବାରୁ ହନ୍ତସନ୍ତ ହେଉଛନ୍ତି। ଯାହାକୁ ନେଇ ଦିନକୁ ଦିନ କ୍ରେତା ବିକ୍ରେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ବୀରମହାରାଜପୁର ଦୈନିକ ବଜାରକୁ ସକାଳ ହେଲେ ଶହଶହ ଚାଷୀ ନିଜର ପନିପରିବା ବିକ୍ରି କରୁବାକୁ ଆସନ୍ତି। ବଜାରରେ ନିଜର ପରିବା ବିକ୍ରୟ କରି ପରିବାର ପୋଷଣ କରିଥାଆନ୍ତି। ବଜାରରେ ପ୍ରତିଦିନ ସକାଳ ୬ ଟାରୁ ଅପରାହ୍ନ ୨ଟା ଖରା, ବର୍ଷା, ଶୀତରେ ବସି ସେମାନେ ପନିପରିବା ବିକ୍ରୟ କରୁଛନ୍ତି। ଦୈନିକ ବଜାରରେ ମାଛ, ମାଂସ, ଲୁଗା ପଟା ବିକ୍ରି, କିରାନ ଦୋକାନ, ସାର ମଞ୍ଜି ବିହନ ଦୋକାନ ଆଦି ରହିଛି। ମାତ୍ର ବଜାର ପରିସର ଅପରିଷ୍କାର ରହୁଥିବା ବେଳେ ପାଇବା ପାଣିର ବ୍ୟବସ୍ଥା ନାହିଁ। ବଜାରକୁ ଆସୁଥିବା ଲୋକମାନଙ୍କ ସାଇକେଲ, ମୋଟରସାଇକେଲ ଓ ଚାରିଚକିଆ ଯାନ ରଖିବାର ସୁବିଧା ମଧ୍ୟ ନାହିଁ। ଚାଷୀମାନେ ଅସୁରକ୍ଷିତ ସ୍ଥାନରେ ସାଇକେଲ ମୋଟରସାଇକେଲ ରଖିଥିବାରୁ ଅନେକ ସମୟରେ ଚୋରି ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ପଞ୍ଚାୟତ କର୍ତ୍ତୃପକ୍ଷ ବିକ୍ରେତାମାନଙ୍କ ଠାରୁ ପ୍ରତିଦିନ ଟିକସ ଆଦାୟ କରୁଥିଲେ ମଧ୍ୟ ସଫେଇ ଓ ପାଇବା ପାଣିର ବ୍ୟବସ୍ଥା କରୁ ନଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ବଜାର ସାରା ଆବର୍ଜନା ପୂର୍ଣ୍ଣ ହୋଇ ରହିଥିବାରୁ ତାହା ପଚିସଢ଼ି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଯାହାଦ୍ୱାରା ବର୍ଷା ହେଲେ ବଜାର ପରିସର କାଦୁଅ ପଚପଚ ହେବା ସହ ବିଭିନ୍ନ ରୋଗ ବ୍ୟାପିବାର ସମ୍ଭାବନା ରହିଛି। ବର୍ଷା ଋତୁ ଆସିଥିବାରୁ ବ୍ଲକ ପ୍ରଶାସନ ପଞ୍ଚାୟତ ତରଫରୁ ଦୈନିକ ବଜାରରେ ପାଣି ନିଷ୍କାସନ ପାଇଁ କଂକ୍ରିଟ କରି ଏକ ଡ୍ରେନ ନିର୍ମାଣ କରିବାକୁ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି।

**ଆନୁଷଙ୍ଗିକ ସୁବିଧା ନ ଥିବାରୁ ହନ୍ତସନ୍ତ ଗ୍ରାହକ, ବ୍ୟବସାୟୀ**

## ସୁରେଶ୍ୱରୀ ମନ୍ଦିର 'ଗୁଦନି'ର ଶୁଭ ମହୁରତ



**ସୋନପୁର, ୧୭ ।୬(ସମିସ):** ପଶ୍ଚିମ ଓଡ଼ିଶାର ଲୁକ୍କାୟିତ କଳା ଓ କଳାକାରଙ୍କୁ ପ୍ରୋତ୍ସାହନ ଦେବା ପାଇଁ ପଶ୍ଚିମ ମିଡିଆ ନେଟୱାର୍କ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ନିର୍ମାଣ ହେବାକୁ ଥିବା ପ୍ରଥମ ୱେବ୍‌ସିରିଜ୍ 'ଗୁଦନି'ର ଶୁଭ ମହୁରତ ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ଅଧ୍ୟକ୍ଷ ଶୁଭାଶିଷ ରଥ, ନିର୍ଦ୍ଦେଶକ ଶିବରାମ ମହାପାତ୍ର, ଡି.ଡି. ମିଶ୍ର ଓ ଗଣପତି ବାଘ ଉପସ୍ଥିତ ରହି 'ପଶ୍ଚିମ' ସଂସ୍ଥାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ତେବେ 'ପଶ୍ଚିମ' ରାଜ୍ୟର ପ୍ରଥମ ଏବଂ ଏକମାତ୍ର ଓଟିଟି ପ୍ଲାଟଫର୍ମ ଯେଉଁଥିରେ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ନ୍ୟୁଜ ମଧ୍ୟ ପ୍ରସାରଣ ହେବ ବୋଲି ଶୁଭାଶିଷ ସୂଚନା ଦେଇଥିଲେ। ୱେବ୍‌ସିରିଜ 'ଗୁଦନି'ର ନିର୍ଦ୍ଦେଶକ ନାଟ୍ୟଶ୍ରୀ ଗଦାଧର ବାରିକ 'ଗୁଦନି' ଜନଜାତିଙ୍କ ଲୁକ୍କାୟିତ କଳା ଓ ଜୀବନଦର୍ଶନ ଉପରେ ଆଧାରିତ ବୋଲି କହିଥିଲେ। ପଶ୍ଚିମ ଓଡ଼ିଶାର ୫୦ ଜଣ କଳାକାର ଏଥିରେ ଅଭିନୟ କରୁଛନ୍ତି ବୋଲି ସେ ସୂଚନା ଦେଇଥିଲେ। ବଲିଉଡ ଅଭିନେତା ଜଗନ୍ନାଥ ସେଠ 'ଗୁଦନି'ର ମୁଖ୍ୟ ଆକର୍ଷଣ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚାଯାଇଥିଲା ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଗତିକୃଷ୍ଣ ମିଶ୍ର ମଞ୍ଚାସୀନ ଥିଲେ। ଏହି ୱେବସିରିଜର ସଂଳାପ ବବଲୁ ବାଘ ଲେଖିଥିବା ବେଳେ ଡିଓପି ଗୋପାଳ ପ୍ରଧାନ ରହିଛନ୍ତି। ସଙ୍ଗୀତ ନିର୍ଦ୍ଦେଶକ ପଙ୍କଜ ଜାଲଙ୍କ ନିର୍ଦ୍ଦେଶନାରେ ଗୀତ ଗୁଡିକ ଖୁବ୍ ମନଛୁଆଁ ହୋଇଛି। ଏକ ପ୍ରମୁଖ ଭୂମିକାରେ କଂସ ମହାରାଜ ସୁଶୀଳ ମେହେର ମଧ୍ୟ ଅଭିନୟ କରୁଛନ୍ତି। ପଶ୍ଚିମ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରୁ ସୁଟିଂ ଆରମ୍ଭ ହୋଇଛି। ତେବେ ଆଉ ଏକ ମେଗା ୱେବସିରିଜ, ସର୍ଟ ଫିଲ୍ମ, ଡକ୍ୟୁମେଣ୍ଟାରୀ ଏବଂ ରିଅଲିଟି ସୋ'ର ନିର୍ମାଣ ଆରମ୍ଭ ହୋଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ଡାଇରିଆ ପ୍ରତିରୋଧ ନେଇ ଜିଲ୍ଲାସ୍ତରୀୟ ସମୀକ୍ଷା | ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ

ସୋନପୁର, ୧୭ ।୬(ସମିସ): ଜିଲ୍ଲା ଓ ବ୍ଲକସ୍ତରରେ ଡାଇରିଆ ସଂକ୍ରମଣକୁ ପ୍ରତିରୋଧ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଡାଇରିଆର ସ୍ଥିତି ଓ ପ୍ରତିକାର ନେଇ ମଙ୍ଗଳବାର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ବିଭିନ୍ନ ବିଭାଗର ଦାୟିତ୍ୱକୁ ନେଇ ସମୀକ୍ଷା କରିବା ସହ ଜିଲ୍ଲାରେ ଶୂନ୍ୟ ଡାଇରିଆ ମୃତ୍ୟୁ ଉପରେ ଗୁରୁତ୍ୱ ଦେଇଥିଲେ। ସମସ୍ତ ବିଭାଗ ମିଳିତ ଭାବେ ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗକୁ ଓଆର୍‌ଏସ ତଥା ଜିଙ୍କ୍ ବଣ୍ଟନକୁ ତ୍ୱରାନ୍ୱିତ କରିବା, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଯନ୍ତ୍ରୀଙ୍କୁ ସ୍ୱଚ୍ଛ ପିଇବାପାଣି ଯୋଗାଣ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲା ଶିକ୍ଷା ଅଧିକାରୀ, ବିଡିଓ, ଡିଏସ୍‌ଡବ୍ଲ୍ୟୁଓ, ଡିଡବ୍ଲ୍ୟୁଓ, ଆରଡବ୍ଲ୍ୟୁଏସଏସ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମିଳିତ ଭାବେ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରର ସ୍ୱଚ୍ଛତା ସହ ପାନୀୟ ଜଳ ଯୋଗାଣ ଉପରେ ବିଶେଷ ଧ୍ୟାନ ଦେବାପାଇଁ ପରାମର୍ଶ ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ଗୁରୁ ଡାଇରିଆର ଚିକିତ୍ସା ପାଇଁ ଔଷଧ, ଓଆରଏସ ଏବଂ ଜିଙ୍କ୍ ସ୍ୱାସ୍ଥ୍ୟ ବିଭାଗ ପାଖରେ ମହଜୁଦ ଥିବା ବୈଠକରେ ଜଣାଇବା ସହ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡାଇରିଆର ଆବଶ୍ୟକ ନିରାକରଣ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୈତ୍ୟ ନାରାୟଣ ପାଢ଼ୀ ଆଶାମାନଙ୍କ ଦ୍ୱାରା ଓଆରଏସ ଏବଂ ଜିଙ୍କ୍ ବଣ୍ଟନ ୧୬ ଜୁନରୁ ଆରମ୍ଭ ହୋଇଥିବା, ଜୁଲାଇ ୩୧ ପର୍ଯ୍ୟନ୍ତ ଘରକୁ ଘର ଯାଇ ପ୍ରଦାନ କରୁଥିବା ବୈଠକରେ ଜଣାଇଥିଲେ। ଏହା ସହିତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଏଏନ୍‌ଏମ୍‌ମାନଙ୍କ ଦ୍ୱାରା ଏହି ବଣ୍ଟନ କାର୍ଯ୍ୟର ତଦାରଖ ସହିତ ସବୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆର୍‌ଆର୍‌ଟି ପ୍ରସ୍ତୁତ ଥିବା ସୂଚନା ପ୍ରଦାନ କରିଥିଲେ। ଏହାପରେ ଜିଲ୍ଲାର ଡେଙ୍ଗୁ ଓ ମ୍ୟାଲେରିଆ ସ୍ଥିତିର ସମୀକ୍ଷା କରି ରେସିଡେନ୍ସିଆଲ ସ୍କୁଲ ପିଲାମାନଙ୍କର ମ୍ୟାଲେରିଆ ପରୀକ୍ଷା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଆର୍‌ଏମ୍‌ଏନ୍‌ସିଏଚ୍, ଟୀକାକରଣ, ଏନକ୍ୱାସ ଉପରେ ମଧ୍ୟ ବିଭାଗୀୟ ସମୀକ୍ଷା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ସମସ୍ତ ବିଡ଼ିଓ, ବିଭିନ୍ନ ବିଭାଗର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।



**ମଣ୍ଡିରୁ ଉଠୁନି ଧାନ; ଲାପ୍ସ ହେଉଛି ଟୋକନ**

# ହକ୍ ପାଇଁ ତହସିଲ କାର୍ଯ୍ୟାଳୟରେ ଚାଷୀଙ୍କ ଧାରଣା

**ବିନିକା, ୧୭।୬(ସମିସ):**

ଚଳିତ ରବି ଋତୁରେ ଅମଳ ଧାନ ବିକିବାକୁ ନେଇ ଚାଷୀ ଆଖିରୁ ନିଦ ହଜିଯାଇଛି। ମଣ୍ଡିରେ ଧାନ ଗଚ୍ଛିତ ରଖି ଚାଷୀ ଜଗି ରହିଥିଲେ ମଧ୍ୟ ଧାନ ଉଠୁ ନାହିଁ। ଅନ୍ୟପଟେ ବିକ୍ରି ପାଇଁ ପାଇଥିବା ଟୋକୋନ ଅବଧି ଲାପ୍ସ ହେଉଥିବାରୁ ଅନେକ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ୍ ଧାନ ବିକ୍ରି ହେବାକୁ ନେଇ ଅନଶ୍ଚିତତା ସୃଷ୍ଟି ହୋଇଛି। ଯାହାକୁ ନେଇ ଚାଷୀମାନେ ନିଜର ହକ୍ ଦାବିରେ ଏବେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ମଙ୍ଗଳବାର ବିନିକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଥିବା ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ବିନିକା ମଣ୍ଡିରେ ଦିନରାତି ଚାଷୀ ଧାନକୁ ଗଚ୍ଛିତ କରି ଜଗି ରହିଛି। କିନ୍ତୁ ଗତ ୧୦ଦିନ ହେଲା ମଣ୍ଡିରୁ ଧାନ ଉଠୁ ନାହିଁ। ବ୍ଲକର ଅଧିକାଂଶ ସ୍ଥାନରେ ଥିବା ସେବା ସମବାୟ ସମିତିମାନଙ୍କରେ ଏଭଳି ଧାନ ଉଠୁ ନଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଧାନ ଉଠିବାରେ ବିଳମ୍ବ ଯୋଗୁଁ ଚାଷୀଙ୍କ ଟୋକନ ଲାପ୍ସ ହେବାକୁ ବସିଲାଣି। ଏଭଳି ସ୍ଥିତିରେ ନିଜ ହକ୍ ଦାବି ନେଇ ମଙ୍ଗଳବାର ଶ୍ରୀ ଗଣେଶ ଆଞ୍ଚଳିକ କୃଷକ ସଙ୍ଗଠନର ନେତୃତ୍ୱରେ ଶତାଧିକ ଚାଷୀ ବିନିକା ସ୍ଥିତ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଉପସ୍ଥିତ ସମସ୍ତ ଚାଷୀ ଧାରଣା ଦେଇଥିଲେ। ଘଟଣା ସ୍ଥଳରେ ଜିଲ୍ଲା ଯୋଗାଣ ଅଧିକାରୀ ଓ ସ୍ଥାନୀୟ ତହସିଲଦାର ପହଞ୍ଚି ଚାଷୀଙ୍କ ସହିତ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। କିନ୍ତୁ ଚାଷୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ଜିଲ୍ଲା ଯୋଗାଣ ଅଧିକାରୀ ମଣ୍ଡିରୁ ଶୀଘ୍ର ଧାନ ଉଠିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ। ପୁନର୍ବାର ଯଦି ଧାନ ନ ଉଠେ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଚେତାବନୀ ଶୁଣାଇଛନ୍ତି।



## କାମରେ ଆସୁନି ଆଦିବାସୀ ହରିଜନ ଛାତ୍ରୀନିବାସ



**ସୁବଲୟା, ୧୭।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡି ପଞ୍ଚାୟତର ମାଣିକପୁରଠାରେ ୧୫ ବର୍ଷ ତଳେ ନିର୍ମିତ ଆଦିବାସୀ ହରିଜନ ଛାତ୍ରୀନିବାସ କାମରେ ଆସୁନି। ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଙ୍କ ପାଇଁ ନିର୍ମିତ ଏହି ଦୁଇ ମହଲା ବିଶିଷ୍ଟ ସ୍ୱତନ୍ତ୍ର ଛାତ୍ରୀ ନିବାସ ବ୍ୟବହାର ଆସି ନପାରି ଖତଖାଉଛି। ବିଦ୍ୟାଳୟରେ ଆଦିବାସୀ ହରିଜନ ଛାତ୍ରୀଙ୍କ ନାମଲେଖା ବୃଦ୍ଧି ତଥା ଡ୍ରପ୍ ଆଉଟ୍ ହାର ହ୍ରାସ କରିବା, ବାଳିକା ଶିକ୍ଷାର ବିସ୍ତାର ଲକ୍ଷ୍ୟରେ ଗତ ୨୦୦୫-୦୬ ଆର୍ଥିକ ବର୍ଷରେ ଆରଏଲଟିଏପି ଯୋଜନାରେ ୧୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଏହା ନିର୍ମିତ ହୋଇଥିଲା। ଉକ୍ତ ଛାତ୍ରୀନିବାସ ନିର୍ମାଣ ପାଇଁ ସେତେବେଳେ ଆବଶ୍ୟକତା ଅନୁଯାୟୀ ଜାଗାର ଅଭାବ ଦେଖାଦେଇଥିଲା। ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ବିକାଶ ଆଶାରେ କେତେକ ଗ୍ରାମବାସୀ ଏଥିପାଇଁ ଭୂମିଦାନ କରିଥିଲେ। ଏଠାରେ ତଳ ଓ ଉପର ମହଲାରେ ୪ ଟି ଲେଖାଏଁ ବଖରା ଥିବାବେଳେ ମୋଟ ୧୦୦ ଜଣ ଛାତ୍ରୀଙ୍କ ରହିବାର ବ୍ୟବସ୍ଥା ହୋଇଥିଲା। କୋଠା ନିର୍ମାଣ ପରେ ଏଠାକୁ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ହେଁ ପାଚେରୀ ନିର୍ମାଣ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇପାରି ନଥିଲା। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ବହୁବାର ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଏଠାରେ ଅବଶିଷ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ଅନେକ ସମୟରେ ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ବି ଦେଇଛନ୍ତି। ବିଭାଗୀୟ ସ୍ତରରେ ଏଥିପାଇଁ ଆବଶ୍ୟକ ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରାଯାଇ ଟଙ୍କା ମଞ୍ଜୁର ପାଇଁ ଉପରକୁ ପଠାଯାଇଥିବା ବି ଅନେକଥର ପ୍ରଶାସନ ପକ୍ଷରୁ କୁହାଯାଇଛି। କିନ୍ତୁ ଆଜି ସୁଦ୍ଧା ଉକ୍ତ ଛାତ୍ରୀନିବାସ କାର୍ଯ୍ୟକ୍ଷମ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଯାହାକୁ ନେଇ ସ୍ଥାନୀୟବାସୀନ୍ଦାଙ୍କ ମଧ୍ୟ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବାକୁ ଦାବି ହୋଇଛି।

**ନିର୍ମାଣକୁ ବିତିଲାଣି ୧୫ ବର୍ଷ**

**ଶିକ୍ଷାର ବିକାଶ ଆଶାରେ ଭୂମିଦାନ କରିଥିଲେ ସ୍ଥାନୀୟ ବାସିନ୍ଦା**

ସକାଳ
THE SAKALA



ଅର୍ଥନୀତିରେ କୃଷକ ଏକମାତ୍ର ବ୍ୟକ୍ତି, ଯିଏ ପାଇକାରୀ ଦରରେ ବିକେ, ଖାଉଟି ଦରରେ କିଣେ ଏବଂ ଉଭୟ ପାଇଁ ଟିକସ ଦିଏ
-ଜେ ଏଫ୍ କେନେଡ଼ି

# ମୁଦ୍ରାସ୍ଫୀତି ଓ ଯୁଦ୍ଧସ୍ଥିତି

ଖାଉଟି ମୁଦ୍ରାସ୍ଫୀତି ହାର ଗତ ୭୫ ମାସ ମଧ୍ୟରେ ସବୁଠାରୁ ନିମ୍ନସ୍ତରରେ ରହିଥିବା ଯେଭଳି ଆଶା ଓ ଆଶ୍ୱାସନାର ବିଷୟ ସେହିଭଳି ମଧ୍ୟପ୍ରାଚ୍ୟର ଉତ୍ତେଜନା ଏବେ ଯେଉଁସ୍ତରରେ ପହଞ୍ଚିଛି ସେଥିରେ ଆଗକୁ ଘୋର ଅନିଶ୍ଚିତତାର ସମ୍ମୁଖୀନ ହେବା ଆଶଙ୍କା ଘୋର ଚିନ୍ତା ଓ ଉଦ୍‌ବେଗର ଆଉ ଏକ ବିଷୟ। ଏପ୍ରିଲ୍ ମାସରେ ଖାଉଟି ମୁଦ୍ରାସ୍ଫୀତି ହାର ୩.୨ ପ୍ରତିଶତ ଥିବା ବେଳେ ତାହା ମେ' ମାସରେ ୨.୮ ପ୍ରତିଶତକୁ ହ୍ରାସ ପାଇଛି। କ୍ରମାଗତ ଗତ ୪ ମାସ ଧରି ଖାଉଟି ମୁଦ୍ରାସ୍ଫୀତି ହାର ୪ ପ୍ରତିଶତରୁ କମ୍ ରହିଛି। ସରକାରୀ ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି ଯେ ଗତ ୪୩ ମାସ ମଧ୍ୟରେ ଖାଦ୍ୟଶସ୍ୟର ମୂଲ୍ୟ ସବୁଠାରୁ ନିମ୍ନସ୍ତରରେ ରହିଛି। ତେବେ ଅନ୍ୟସବୁ ପ୍ରମୁଖ ସାମଗ୍ରୀର ମୁଦ୍ରାସ୍ଫୀତି ଗତ ୧୯ ମାସ ମଧ୍ୟରେ ସବୁଠାରୁ ଉଚ୍ଚରେ ଅଛି। ତେଣୁ ସାମଗ୍ରିକ ଭାବେ ବିଚାର କଲେ ମୁଦ୍ରାସ୍ଫୀତି ହାର ଏବେ ୩ ପ୍ରତିଶତ ହୋଇଛି ବୋଲି ଧରି ନେବାକୁ ହେବ। ରବି ଫସଲ ଅମଳ ଆଶାନୁରୂପ ହୋଇଥିବା ବେଳେ ସ୍ୱାଭାବିକ ଠାରୁ ଅଧିକ ମୌସୁମୀ ବର୍ଷା ହେବାର ସମ୍ଭାବନା ଦୃଷ୍ଟିରୁ ଚଳିତ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ନିୟନ୍ତ୍ରିତ ସ୍ତରରେ ରହିବା ନେଇ ବିଶେଷଜ୍ଞମାନେ ଆଶାବାଦୀ ହୋଇପଡ଼ିଛନ୍ତି। ଆମକୁ ଏଠାରେ କହିବାକୁ ପଡୁଛି ଯେ ଏହା ଶେଷ କଥା ନୁହେଁ। ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଯେଉଁ ଯୁଦ୍ଧ ଘନଘଟା ମୁଣ୍ଡ ଟେକିଛି ତାହା ନିକଟ ଭବିଷ୍ୟତରେ ଥମିବାର ସମ୍ଭାବନା ଊଣା। ତେଣୁ ବିଶ୍ୱ ବଜାରରେ ସମ୍ଭାବ୍ୟ ତୈଳ ସଙ୍କଟ ଅର୍ଥନୀତିକୁ ନିଶ୍ଚୟ ପ୍ରଭାବିତ କରିବ। ଅନ୍ୟପକ୍ଷରେ ଆମେରିକା ବାଣିଜ୍ୟ ନୀତି ମଧ୍ୟ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏବେ ସମ୍ଭାବନାର ଯେଉଁ ଅଙ୍କକଷା ଯାଉଛି ତାହା କେତେଦିନ ସ୍ଥିର ରହିବ ସେ ନେଇ ଘୋର ସନ୍ଦେହ ମୁଣ୍ଡ ଟେକିଛି।

ମଧ୍ୟପ୍ରାଚ୍ୟରେ ଉପୁଜିଥିବା ଉତ୍ତେଜନା ଏବେ ଯୁଦ୍ଧ ଘନଘଟା ଆଡ଼କୁ ମୁହାଁଇଛି। ପରିସ୍ଥିତି ଯାହା ସେଥିରେ ହଠାତ୍ ଶାନ୍ତି ଫେରିବାର ସମ୍ଭାବନା ଊଣା। ରବିବାର ଓମାନରେ ଇରାନ୍‌ର ପମାଣୁ କାର୍ଯ୍ୟକ୍ରମ ନେଇ ଏକ ବୁଝାମଣାରେ ଉପନୀତ ହେବା ସକାଶେ ଆପୋସ ଆଲୋଚନା ସ୍ଥିରୀକୃତ ହୋଇଥିବା ବେଳେ ତାହାର ଦୁଇଦିନ ପୂର୍ବରୁ ଇସ୍ରାଏଲ୍‌ର ଦୁଇଶହ ଯୁଦ୍ଧ ବିମାନ ଯେଭଳି ଅତର୍କିତ ଭାବେ ଇରାନ୍ ଉପରେ ଆକ୍ରମଣ କଲା, ତାହା ଆସ୍ଥା ଓ ବିଶ୍ୱାସକୁ ତୁଟାଇ ଦେଇଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ତୁରନ୍ତ ପ୍ରତିକ୍ରିୟା ଥିଲା 'ଏକ୍ସଲେଣ୍ଟ(ଚମତ୍କାର)। ମୁଁ ଆକ୍ରମଣ ସମ୍ପର୍କରେ ଆଗୁଆ ତଥ୍ୟ ପାଇଥିଲି।' ତେଣୁ ଆମେରିକାର ଇଙ୍ଗିତରେ ଆପୋସ ଆଲୋଚନା ପୂର୍ବରୁ ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ଧ୍ୱଂସ କରିଦେବା ସକାଶେ ଯୋଜନା ପ୍ରସ୍ତୁତ ହୋଇଥିଲା। ଏ କଥା ସତ ଯେ ଇରାନ୍‌ର ସାମରିକ ମୁଖ୍ୟଙ୍କ ସମେତ କିଛି ବରିଷ୍ଠ ଅଧିକାରୀ ଓ ଆଣବିକ ବିଶେଷଜ୍ଞ ବା ବୈଜ୍ଞାନିକ ପ୍ରାଣ ହରାଇଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ କି ଇରାନ୍‌ରେ ନେତୃତ୍ୱ ପରିବର୍ତ୍ତନ ପାଇଁ ମୁଣ୍ଡ ଟେକିଥିବା ଆନ୍ଦୋଳନ ଏହି ଘଟଣା ପରେ ନିରବ ହୋଇଯାଇଛି। ସମଗ୍ର ଦେଶବାସୀ ଖେମିନିଙ୍କ ନେତୃତ୍ୱରେ ଲଢ଼ିବା ସକାଶେ ଐକ୍ୟବଦ୍ଧ ହୋଇଛନ୍ତି। ନିଜର ସବୁକିଛି ବିନିମୟରେ ଲଢ଼ିବାକୁ ଶପଥ ନେଇଥିବା ଇରାନବାସୀ ଏପ୍ରକାର ପ୍ରତାରଣା ଉଚିତ ଜବାବ ଦେବା ସକାଶେ ପ୍ରସ୍ତୁତ ଥିବା ସ୍ପଷ୍ଟ ହୋଇଛି। ଉଭୟ ପକ୍ଷଙ୍କ ପାଲଟା ଆକ୍ରମଣ ପରିସ୍ଥିତିକୁ ଆହୁରି ସଙ୍ଗିନ କରିଛି। ତେଣୁ ଯୁଦ୍ଧ ଥମିବାର ସମ୍ଭାବନା ନାହିଁ। ଏହାଫଳରେ ମଧ୍ୟପ୍ରାଚ୍ୟରେ ତୈଳ ଉତ୍ପାଦନ ହ୍ରାସ ପାଇବା ସ୍ୱାଭାବିକ। ତାହାର ପ୍ରତିକୂଳ ପ୍ରଭାବ ଭାରତ ସମେତ ସମଗ୍ର ବିଶ୍ୱରେ ଅନୁଭୂତ ହେବ। ସେ ଦୃଷ୍ଟିରୁ ଆମେ ମୁଦ୍ରାସ୍ଫୀତିର ଯେଉଁ ଅଙ୍କ କଷୁଛେ ତାହା କେତେଦିନ ବଳବତ୍ତର ରହିବ ସେ ନେଇ ସନ୍ଦେହ ଉଙ୍କିମାରିବା ସ୍ୱାଭାବିକ।

ଏହି ଯୁଦ୍ଧ ଘନଘଟା ମଧ୍ୟରେ ଗତ ଶୁକ୍ରବାର ସେନ୍‌ସେକ୍ସ ୧୩୦୦ ପଏଣ୍ଟ ହ୍ରାସ ପାଇ ଚାଲିଛି। ଇରାନ୍ ପାଲଟା ଆକ୍ରମଣରେ ଇସ୍ରାଏଲରେ ଥିବା ହାଇଫା ତୈଳ ରିଫାଇନାରୀ କ୍ଷତିଗ୍ରସ୍ତ ହୋଇଛି। ତେଣୁ ସେୟାର ବଜାରରେ ତାହାର ପ୍ରତିକୂଳ ପ୍ରଭାବ ଆଗକୁ ଅନୁଭୂତ ହେବ। ସମଗ୍ର ବିଶ୍ୱର ୯ ପ୍ରତିଶତ ତୈଳ ଇରାନ୍‌ରେ ମହଜୁଦ୍ ଅଛି। ତେଣୁ ଏହି ପ୍ରତିକୂଳ ପରିସ୍ଥିତିରେ ତୈଳ ଉତ୍ପାଦନ କରୁଥିବା ପଶ୍ଚିମ ଏସୀୟ ରାଷ୍ଟ୍ରଗୁଡ଼ିକ ଛନ୍ଦି ହୋଇପଡ଼ିବା ସ୍ୱାଭାବିକ। ଏଥିମଧ୍ୟରେ ବ୍ୟାରେଲ୍ ପିଛା ତୈଳ ଦର ୧୩ ପ୍ରତିଶତ ବୃଦ୍ଧି ପାଇ ୭୮.୫୦ ଡଲାରରେ ପହଞ୍ଚିଛି। ଜାନୁଆରୀ ମାସରୁ ଏହି ବର୍ଦ୍ଧିତ ଦର ସର୍ବାଧିକ। ଯଦି ଏହି ଉତ୍ତେଜନା ଆସନ୍ତା ୩ ରୁ ୬ ମାସ ବଳବତ୍ତର ରହେ, ତେବେ ବ୍ୟାରେଲ୍ ପିଛା ତୈଳ ଦର ୧୨୦ ଡଲାରରେ ପହଞ୍ଚିବ ବୋଲି ଜେପି ମୋର୍ଗାନ୍ ବିଶେଷଜ୍ଞଙ୍କ ପକ୍ଷରୁ ଦର୍ଶାଯାଇଛି। ଏ କଥା ସତ ଯେ କେବଳ ତୈଳ ଦର ବୃଦ୍ଧି ନୁହେଁ ଯଦି ତୈଳ ଯୋଗାଣ ବାଧାପ୍ରାପ୍ତ ହୁଏ ତେବେ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହେବ ଏବଂ ଚାହିଦା ଅନୁଯାୟୀ ଯୋଗାଣ ସମ୍ଭବପର ହେବ ନାହିଁ। ଏହା ମୁଦ୍ରାସ୍ଫୀତି ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଭାରତ ତୈଳ ଚାହିଦାର ୮୦ ପ୍ରତିଶତ ଆମଦାନୀ ଉପରେ ନିର୍ଭର କରେ। ବର୍ଦ୍ଧିତ ତୈଳ ଦର ବାବଦରେ ଆଗାମୀ ଦିନରେ ସରକାରଙ୍କୁ ଅଧିକରୁ ଅଧିକ ବୈଦେଶିକ ମୁଦ୍ରା ଖର୍ଚ୍ଚ କରିବାକୁ ପଡ଼ିବ। ଏହା କେବଳ ଭାରତୀୟ ମୁଦ୍ରାର ବିନିମୟ କ୍ଷମତାକୁ ହ୍ରାସ କରିବନି, ଚଳନ୍ତି ଜମାଖାତାରେ ନିଅଣ୍ଟିଆ ଅବସ୍ଥା ମଧ୍ୟ ଦେଖାଦେବ। ଅନ୍ୟପକ୍ଷରେ ଭାରତରେ ସୁନାର ଚାହିଦା ସର୍ବାଧିକ। ଗତ ଶୁକ୍ରବାର ୧୦ ଗ୍ରାମ ସୁନାର ଦାମ ୧ ଲକ୍ଷ ଟଙ୍କା ଟପିଛି। ଏ ସବୁ ଉଲ୍ଲେଖ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ଅର୍ଥନୀତିକୁ ନେଇ ଯେଉଁ ଉଚ୍ଚାଟ ଓ ଉତ୍ସାହ ପରିଲକ୍ଷିତ ହେଉଛି ତାହା କେତେ ଅନିଶ୍ଚିତତା ଦେଇ ଆଗକୁ ଗତି କରିବାକୁ ଯାଉଛି ସେ ନେଇ ସଚେତନତା ସୃଷ୍ଟି କରିବା।

ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତିର ସ୍ଥିତିକୁ ଭିତ୍ତି କରି କ୍ରମାଗତ ତିନିଥର ସୁଧ ହାର ହ୍ରାସ କରିଛନ୍ତି। ଜାତୀୟକରଣ ଓ ଘରୋଇ ବ୍ୟାଙ୍କର କାରବାରରେ ଏହା ପ୍ରତିଫଳିତ ହୋଇଛି। ସୁଧ ହାର ହ୍ରାସ, ଋଣ ଗ୍ରହଣ ଓ ପରିବେଶର ସୁଯୋଗ ବଜାର ବ୍ୟବସ୍ଥା ଉପରେ ଅନୁକୂଳ ପ୍ରଭାବ ପକାଇଛି। କହିବାକୁ ଗଲେ ମୁଦ୍ରା ପ୍ରଚଳନ ବୃଦ୍ଧି ପାଇଁ ଯେଉଁ ସୁଯୋଗ ସୃଷ୍ଟି ହୋଇଛି ତାହା ଖାଉଟିଙ୍କ କ୍ରୟଶକ୍ତି ବଢ଼ାଇବାରେ ସହାୟକ ହେବ। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ହଠାତ୍ ଯେଉଁ କଟକଣା ପ୍ରୟୋଗ କରାଯିବ, ତାହାକୁ ସମୁଖୀନ ହେବା ପାଇଁ ସବୁ ପକ୍ଷ ଏବେଠାରୁ ପ୍ରସ୍ତୁତ ହେବା ଆବଶ୍ୟକ।

# ଓଡ଼ିଆଙ୍କ ସଂସ୍କୃତିପାଠ

ହରପ୍ରସାଦ ଦାସ

ସାଧାରଣ ଶିକ୍ଷିତ ଲୋକେ କି ଲେଖାପଢ଼ା କରନ୍ତି, ଆମେ ଜାଣୁନାହିଁ। ହଁ, ପ୍ରାୟ ସବୁ ଅଳ୍ପବହୁତ ପାଠ ପଢ଼ିଥିବା ଲୋକ ଖବରକାଗଜ ଉପରେ ଆଖି ବୁଲେଇ ନିଅନ୍ତି, ବେଳେ ବେଳେ କିଛି ଖବର ବା ଲେଖା ପଢ଼ନ୍ତି ବି। କିନ୍ତୁ ସେମାନେ ବହିପଢ଼ନ୍ତି କି? ସେମାନେ କିଛି ଲେଖନ୍ତି କି? ତାଙ୍କ ପକେଟରେ କଲମ ଥାଏକି? ନା ସେମାନେ ମୋବାଇଲରେ ଲେଖନ୍ତି, ପଢ଼ନ୍ତି, ଟିପାଟିପି କରନ୍ତି? ଆମେ ଦୃଷ୍ଟି ଦେଇନେ ଅଥଚ ଏ ଭିତରେ ଦିସ୍ତା କାଗଜ ଗଲାଣି, ହାତରେ ଖାତା ସିଲେଇ ହେଉ ନାହିଁ, ସ୍ୟାହିର ବ୍ୟବହାର ହେଉନାହିଁ, ଝରକଲମ ବ୍ୟବହାରରୁ ଗଲାଣି। ଶିକ୍ଷିତ ମଧ୍ୟବିତ୍ତ ଘରେ ଯଦି ପିଲା ନଥା'ନ୍ତି, ତେବେ କଲମଟିଏ ବି ନଥାଏ। ବହି ଆଲମାରୀଟିଏ ଥିଲା, ଏବେ ଆଉ ତା'ର ପ୍ରୟୋଗ ନାହିଁ। ଅବଶ୍ୟ କିଛିଲୋକ ଲେଖାପଢ଼ା କରନ୍ତି, କାଗଜ କଲମ ବ୍ୟବହାର କରନ୍ତି। ସେମାନେ କମ୍ପ୍ୟୁଟରରେ ଏଯାଏଁ ଅଭ୍ୟସ୍ତ ହେଇନାହାନ୍ତି। ଇଏ କାଳାନ୍ତର ବା ଟ୍ରାଞ୍ଜିସନର ସମୟ। ପୁରୁଣା ଅସ୍ୱଷ୍ଟ ହେଇଆସୁଥିବ, ନୂଆ ପୂର୍ଣ୍ଣ ଆକାର ପାଇନଥିବ ଏଭଳି ଏକ ସମୟ ଏ।

ପାଲିମ୍ପସେଷ୍ଟ ଗୋଟେ ସାଂସ୍କୃତିକ ତତ୍ତ୍ୱ। ଇଏ ସେଇ କାଳାନ୍ତରର ତତ୍ତ୍ୱ। ଏ ସେହି ପୁନରାବୃତ ବୃତ୍ତକଥା, ଅର୍ଥାତ ଗୋଟେ ସ୍ଲେଟରେ ପୁରୁଣା ଅକ୍ଷର ପୂରା ଲିଭିନଥିବ, ନୂଆ ଅକ୍ଷର ଲେଖାହେବ, ସିଏ ଲିଭିନଥିବ ତା'ଉପରେ ଆଉ ପରସ୍ତେ ଲେଖା। ନିରେଖି ଦେଖିଲେ କେତେ କଥା ଦିଶିବ, କେତେ ଅନୁମାନ କରିହେବ। ଇଏ ହେଲା ସଂସ୍କୃତିର ସ୍ମୃତି। ପରସ୍ତ ପରସ୍ତ ରଚନା, କିଛି ଏବର, କିଛି ଅଳ୍ପଦିନର, କିଛି ଲିଭିଲା ଲିଭିଲା, କିଛି ପୂରା ଲିଭିଲାଣି। ସବୁ ସେଇ ଗୋଟିଏ ସ୍ମୃତିପଟରେ।

ଯେଉଁ ଲୋକ ସମ୍ପ୍ରଦାୟର ସାଂସ୍କୃତିକ ସ୍ମୃତିପଟ ଯେତେ ପ୍ରାଚୀନ, ତା'ର ସଂସ୍କୃତି ସେତେ ବହ୍ୱାରମ୍ଭୀ, ତା'ର ଜାତୀୟ ସ୍ମୃତି ସେତେ ବ୍ୟାପକ। ଓଡ଼ିଆଙ୍କ ସାଂସ୍କୃତିକ ସଂରଚନା ଅତି ଗଭୀର ଓ ଅତି ବ୍ୟାପକ। ଯାର ଯୋଡ଼ିଏ ପ୍ରମାଣସିଦ୍ଧି: ଧର୍ମ ଓ ସାହିତ୍ୟ। ଓଡ଼ିଆଙ୍କ ସଂସ୍କୃତିର ଗୋଟିଏ ମୁଖ୍ୟ ଉପାଦାନ ଧର୍ମ। ବୈଦିକ ଅପୌରୁଷେୟ ସହିତ ଜଗନ୍ନାଥ ତତ୍ତ୍ୱ, ସତ୍ୟ-ତ୍ରେତା-ଦ୍ୱାପର ସହିତ କଳିଯୁଗର ଚଳନ୍ତି ଈଶ୍ୱର ଜଗନ୍ନାଥଙ୍କ ପୁନର୍ନବା ଦାରୁକଳେବର ତଥା ଅଖଣ୍ଡ କାଳର କିମ୍ବଦନ୍ତୀୟ କଳ୍ପନା ଏସବୁ ଏବେ ମଧ୍ୟ ସାଂସ୍କୃତିକ ସ୍ମୃତିରେ ବିଦ୍ୟମାନ। ଅର୍ଥାତ ସ୍ମୃତିପଟରେ ଏକସଙ୍ଗରେ ହଜାର ହଜାର ବର୍ଷର ପାଠ ଏବେବି ପଢ଼ିହୁଅନ୍ତି, ଅକ୍ଷର ଉପରେ ଅକ୍ଷର ମାଡ଼ିଯାଇ କିଛି ଲିଭିନି। ଅକ୍ଷର ମାଡ଼ି ହିଁ ଯାଇନି। ଇଏ ଭାରତର ଏକମାତ୍ର ଜୀବନ୍ତ ସଂସ୍କୃତି, ଯାହା ଇସ୍ଲାମ ଓ ଖ୍ରୀଷ୍ଟିଆନ ଧର୍ମଧାରା ଦ୍ୱାରା ଲେଶମାତ୍ର ପ୍ରଭାବିତ ହୋଇନାହିଁ। ସେଇଠି ଭାରତର ବିଭିନ୍ନ ପ୍ରାନ୍ତରେ ଖ୍ରୀଷ୍ଟିଆନ ଓ ଇସ୍ଲାମ ପ୍ରଭାବ ସୁସ୍ପଷ୍ଟ। ଏପରିକି ବୌଦ୍ଧ ଧର୍ମ ତା'ର ପରୀକ୍ଷାଭୂମି ଓ ଆଶ୍ରୟସ୍ଥଳୀ ଓଡ଼ିଶାର ମୁଖ୍ୟସ୍ରୋତର ସଂସ୍କୃତି ଉପରେ ପ୍ରଭାବ ପକାଇ ପାରିନାହିଁ। କଳିଙ୍ଗ ଜୀନ ଏକ ଜୈନ ଟୋଟେମ୍ ନା ଏକ ଜୈନୀ-ସନାତନୀ ଫ୍ୟୁଜନ ଜଣାନାହିଁ। କିନ୍ତୁ ଏକଥା ସତ ଯେ ଜଗନ୍ନାଥଙ୍କ ବିଚିତ୍ର ଓ ବ୍ୟାପକ ପରିକଳ୍ପନା କୌଣସି ପ୍ରତିସ୍ପର୍ଦ୍ଧି ବା ଆକ୍ରାମକ ତତ୍ତ୍ୱକୁ ଆତ୍ମସାତ ନକରି ଛାଡ଼ିନାହିଁ। ଜଗନ୍ନାଥ ସ୍ୱୟଂ ଏକ ସାଂସ୍କୃତିକ ପାତ୍ର, ଯହିଁରେ ଯାହାପଡ଼ିଚି ତାହା ରନ୍ଧା ହୋଇ ବାହାରିଚି, ମହାପ୍ରସାଦରେ ପରିବର୍ତ୍ତିତ ହୋଇଚି। ସମସ୍ତ ବିଭେଦ ଓ ବିଭେଦର ସମ୍ଭାବନାକୁ ଗୋଟିଏ ରନ୍ଧନପାତ୍ରରେ ମିଶେଇ, ଘାଣ୍ଟି, ତତେଇ, ତରଳେଇ ତାକୁ ତୁଳସୀ ପାଖୁଡ଼ାଏରେ ପାଣି ଛଡ଼େଇ ପ୍ରସାଦ ବାଣ୍ଟିଲା ବାଲା ଲୋକ ବା ଜାତି ସଂସାରରେ ନାହାନ୍ତି। ଓଡ଼ିଆଙ୍କୁ ବୁଝିବ କିଏ? ପୁଣି ଠାକୁରଙ୍କ ନୀତିକାନ୍ତି କୋଉଠି ବି ବ୍ରାହ୍ମଣ୍ୟ କର୍ମକାଣ୍ଡ ନାହିଁ। ଅଷ୍ଟମ ଶତାବ୍ଦୀରେ ଆଚାର୍ଯ୍ୟ ଶଙ୍କର ଶ୍ଳୋକ, ମନ୍ତ୍ର, ଉପାସନାର ବୈଦିକ ଚଳଣି ଆରମ୍ଭ କଲେସିନା, ଏ ମହାଦେବତା ଏବେ ବି ସନାତନୀ ପୌତ୍ତଳିକତାର ଉର୍ଦ୍ଧ୍ୱରେ ଏକ ଅମୂର୍ତ୍ତ କଳ୍ପନା ହୋଇ ରହିଚନ୍ତି। କର୍ମକାଣ୍ଡ ତା' ବାଟରେ, ଠାକୁର ତା' ବାଟରେ। କହିବାର ତାତ୍ପର୍ଯ୍ୟ ଏତିକି ଯେ ଏ ଜାତିର ଧର୍ମୀୟ ବିବେକର ନିର୍ମାଣ କର୍ମକାଣ୍ଡସୃଷ୍ଟ ବ୍ରାହ୍ମଣ ମଧ୍ୟସ୍ଥତାରେ ପରିଚାଳିତ ନୁହେଁ, ଏ ଏକ ଆସ୍ଥା ନିର୍ମାଣର ସ୍ୱବିକଶିତ ହସ୍ତକଳା। ଯା'ର କଳା ରହେ, ଶିଳ୍ପର ସ୍ମୃତି ରହେ। ସବୁଠୁ ବଡ଼କଥା ଯା' ଉପରେ କୌଣସି ପକ୍କା ରଙ୍ଗ ଚଢ଼ିଲା ନାହିଁ। ସାଂସ୍କୃତିକ ସ୍ମୃତିପଟରେ ପୁରୁଣା ଅକ୍ଷରଗୁଡ଼ିକ ସ୍ପଷ୍ଟ ପଢ଼ିହେବାରେ ଅସୁବିଧା ନାହିଁ।

ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ପ୍ରଶ୍ନ: ସାଧାରଣ ଲୋକଟିଏ ଯେ କୌଣସି ସଂସ୍କୃତିର ହେଉ, ତା'ର ପହିଲି ପାଠ କ'ଣ? ଅନ୍ୟ ଭାବରେ ପଚାରିଲେ କୋଉ ପାଠ ସହିତ ମଣିଷର ପ୍ରାକୃତିକ ସମ୍ପର୍କ ଆଜନ୍ମ? ଏ ପ୍ରଶ୍ନର ଉତ୍ତର ଅତି ଜଟିଳ କରି ଦେଇଚନ୍ତି ଆମ ସମୟର ବିଶ୍ୱର ଶ୍ରେଷ୍ଠ ଭାଷାବିତ ନୋଆମ ଚୋମସ୍କି। ସରଳ କରି କହିଲେ ସଂସ୍କୃତି, ଯାହା ପ୍ରାତ୍ୟହିକ ଜୀବନର ଅଂଶ, ସେ ପାଠ ମୁଣ୍ଡ ଭିତରେ ଥାଏ, ତୁଣ୍ଡକୁ ଆସେ ଓ ଆପେ ମିଳେଇଯାଏ। ସେ ଦୃଷ୍ଟିରୁ ସଂସ୍କୃତିସମ୍ପନ୍ନ ଜାତିରେ କେହିବି ଅପାଠୁଆ ନୁହନ୍ତି, ନିରକ୍ଷର ହୋଇପାରନ୍ତି। କେତେକ ଦିଗରୁ ତ ଏ ନିରକ୍ଷର ପାଠୁଆ ଲୋକେ ସ୍ମୃତିର ସାମର୍ଥ୍ୟରେ ସଂସ୍କୃତି ଚଳାନ୍ତି, ପ୍ରଶ୍ନ କରନ୍ତି ନାହିଁ କି ସନ୍ଦେହ କରନ୍ତି ନାହିଁ। ଓଡ଼ିଆଙ୍କ ଜଗନ୍ନାଥ ସଂସ୍କୃତି ଚଳେ ନିରକ୍ଷର ପାଠୁଆଙ୍କ ସ୍ମୃତି, ଆସ୍ଥା, କୌତୂହଳ, ବିସ୍ମୟ ଓ ଆନୁଗତ୍ୟ ଦ୍ୱାରା। ସେମାନେ ଖବରକାଗଜ ପଢ଼ନ୍ତି ନାହିଁ। ସେମାନଙ୍କ ଖବର କୁହାଶୁଣାର ଖବର। ସେମାନେ ଏତେ ବଡ଼ କାମ ଏତେ ସହଜରେ କରନ୍ତି ଯେ ତାଙ୍କୁ ତଥାକଥିତ ଲେଖାପଢ଼ା କାମରେ ଲଗେଇବା କଥା ଟିକେ ଚିନ୍ତା କରି କହିବାକୁ ହେବ। ଆମର ଗାଁ ଓ ସହରରେ ଅସଂଖ୍ୟ ସଂସ୍କୃତି ପରିଚାଳକ ସ୍ତ୍ରୀ ଓ ପୁରୁଷ ଯଦି ବୟସ୍କ ଶିକ୍ଷଣ ଯୋଜନାରେ ସାମିଲ ହେଲେ ତ ଭଲ। ଯିଏ ନହେଲେ ତାଙ୍କର ଜୀବନମୂଲ୍ୟ ଅନ୍ୟତ୍ର ନିହିତ। ପ୍ରକୃତ ଚିନ୍ତା ସେଇମାନଙ୍କ ପାଇଁ, ଯେଉଁମାନେ ସଂସ୍କୃତିପାଠରେ ନିରକ୍ଷର; କିନ୍ତୁ ଖବରକାଗଜୀ ବଖାଣରେ ଧୁରନ୍ଧର। ଅନ୍ୟଭାବରେ କହିଲେ ଏଇମାନେ ହିଁ ଅପସଂସ୍କୃତିର ବାର୍ତ୍ତାବହ ଓ ବାର୍ତ୍ତାକାର।

ଏମାନେ ଲେଖିଜାଣନ୍ତି, କିନ୍ତୁ ଲେଖନ୍ତି ନାହିଁ, ପଢ଼ିଜାଣନ୍ତି କିନ୍ତୁ ପଢ଼ନ୍ତି ନାହିଁ। ମଧ୍ୟବର୍ଗର ଏହି ଗୋଷ୍ଠୀକୁ ପଢ଼ାଲେଖାରେ ବ୍ୟସ୍ତ ରଖିବା କେମିତି? ଏମାନେ ନିୟମ ମାନିବା ଲୋକ ନୁହନ୍ତି। ଯା'ଙ୍କ ଭିତରେ ଗୁଳାରୁ ଖସି ପଳେଇବାର, ନିୟମ ଭାଙ୍ଗିବାର ଅସଂଖ୍ୟ କ୍ଷୁଦ୍ର ବିଦ୍ରୋହ ଉଠନ୍ତି ଓ ମିଳେଇଯା'ନ୍ତି। ବିଭିନ୍ନ ସାଲିସ, ବୁଝାମଣା ଓ ଭାଗ୍ୟବାଦୀ ମନବୋଧରେ ଗଢ଼ା ଏମାନଙ୍କର ମଧ୍ୟବର୍ଗୀ ଜୀବନ। ବସ୍ତୁତଃ ସବୁ ପରିବର୍ତ୍ତନ, ନୂଆଚିନ୍ତା ଏଇଠି ହୁଏ, କିନ୍ତୁ ଭାଷା ପାଏନାହିଁ। ଆସନ୍ତି ଏଭଳି କେହି କେହି ଯିଏ ଲେଖାପଢ଼ା ସହିତ କହନ୍ତି ବି, ପାଟିତୁଣ୍ଡ କରନ୍ତି, କଦବା କେମିତି ସମାଜ ଓ ଦେଶ, ରାଜନୀତି ଓ ବିକାଶ, ଇତ୍ୟାଦିକୁ ନେଇ ସ୍ୱପ୍ନ ବି ଦେଖିଦିଅନ୍ତି। ସୁଯୋଗ ମିଳିଲେ ଏମାନେ ସଂସ୍କାର ପକ୍ଷରେ ତର୍କ ବି କରିପାରନ୍ତି। ଏମାନେ ହେଉଚନ୍ତି ଆମ ସମାଜର ଉଦଜାନୀ ତତ୍ତ୍ୱ, ଯାଙ୍କୁ ଲୟବଦ୍ଧ କରିବା ଅସମ୍ଭବ। ଏଇଟା ଓଡ଼ିଆ ମଧ୍ୟବର୍ଗର ଚରିତ୍ର। ଏମାନଙ୍କୁ ଲେଖାପଢ଼ାରେ ଆଗ୍ରହୀ କରାଇବାର ମାର୍ଗ କ'ଣ ହେଇପାରେ? ଏମାନେ ଲେଖାପଢ଼ାରେ ଆଗ୍ରହୀ ହେବାର ମାର୍ଗ ଲୟବଦ୍ଧ ଔପଚାରିକ ବୌଦ୍ଧିକତା ନୁହେଁ। ଯାଙ୍କ ଭିତରେ ଯେଉଁ ଓଡ଼ିଆ ଅନ୍ତଃପ୍ରକୃତି ସକ୍ରିୟ ଓ ଜୀବନ୍ତ ହୋଇ ରହିଚି ସେଇଟା ଏକ ବିଚିତ୍ର ପଦାର୍ଥ। ତା'କୁ ଔଜଲ୍ୟ ହରାଇବା ସତ୍ତ୍ୱେ ସମର୍ଥ ହୋଇ ରହିଥିବା ଧର୍ମୀୟ ସଂସ୍କୃତି ବୋଲି ଠାବ କରାଯାଇପାରେ। ଆହୁରି ସରଳ କଲେ ଯା'କୁ ସଘନ ସ୍ଥାନୀୟତା ଓ ଅନ୍ତରଙ୍ଗ ଜଗନ୍ନାଥବୋଧର ଏକ ମିଶ୍ରରୂପ କହଯାଇପାରେ। ଇଏ ଜଣେ ସାଧାରଣ ମଧ୍ୟବର୍ଗୀ ଓଡ଼ିଆର ଅବଦମିତ, କିନ୍ତୁ ଆଶୁପ୍ରକାଶକ୍ଷମ ଚିତ୍ତବୃତ୍ତି। ସମାଜର ମୁଖ୍ୟସ୍ରୋତରୁ ବହିଷ୍କୃତ କିଛି ବିଭ୍ରାନ୍ତ ଲୋକଙ୍କୁ ଛାଡ଼ିଦେଲେ ମୋ ଜାଣିବାରେ ଏଭଳି ମଧ୍ୟବର୍ଗୀ ଓଡ଼ିଆ ନାହାନ୍ତି, ଯିଏ ଈଶ୍ୱରବିଶ୍ୱାସୀ ନୁହନ୍ତି, ଜଗନ୍ନାଥବିଶ୍ୱାସୀ ନୁହନ୍ତି ବା ଭିଟାମାଟିର ଅନ୍ତରଙ୍ଗତା ବୁଝନ୍ତି ନାହିଁ। ଯେଉଁ ମାନସିକତା ଯାଙ୍କୁ ମାଟିକାମୁଡ଼ି ପଡ଼ିରହିବାର ପ୍ରେରଣା ଦିଏ ଓ ସର୍ବମଙ୍ଗଳ ଜଗନ୍ନାଥ କହି ନଡ଼ିଆଟିଏ ବାଡ଼େଇବାର ସରଳ ବିଶ୍ୱାସ ଦିଏ, ସେଇଟି ତାଙ୍କର ସଂସ୍କୃତିପାଠ, ଯାହାକୁ ସେମାନେ ଏବେବି ଭୁଲିନାହାନ୍ତି। ଜାତୀୟ ସ୍ମୃତିପଟର ପୁନରାବୃତ ବୃତ୍ତକଥାର ରହସ୍ୟମୟ ବର୍ଣ୍ଣମାଳା ଏବେବି ପଢ଼ିହେଉଚି। କୁହାଯାଇପାରେ ଯେ ଲୋକଦେଖାଣିଆ ଲେଖାପଢ଼ା କରୁ ନ ଥିବା ଆମର ଶିକ୍ଷିତ କିନ୍ତୁ ବୌଦ୍ଧିକ ଉଦାସୀନତାଗ୍ରସ୍ତ ମଧ୍ୟବର୍ଗ ସଂସ୍କୃତିପାଠରେ ସ୍ୱାଭାବିକ ଭାବରେ ଲିପ୍ତ। ଏ କାର୍ଯ୍ୟ ନିରବରେ ସମ୍ପାଦିତ ହୁଏ। ଯାକୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ବିକାଶର ସାଂସ୍କୃତିକ ପକ୍ଷର ତର୍ଜମା ଓ ଅଳ୍ପକିଛି ଅନ-ଲାଇନ-କରେକ୍ସନ ଦରକାର।

ହଠାତ ବିକାଶର ଅର୍ଥନୈତିକ ମଡେଲକୁ ବଦଳେଇବା ଦରକାର ନାହିଁ। ସଂସ୍କୃତି ସବ୍-ପ୍ଲାନ ଯୋଡ଼ନ୍ତୁ ସବୁ ପ୍ଲାନର ଅନ୍ତଃପାଠ ଭାବରେ, ଯେମିତି ଟ୍ରାଇବାଲ ସବପ୍ଲାନ। ସମାଜର ସଂସ୍କୃତିକରଣ(କଲଚରାଇଜେସନ ଅଫ ସୋସାଇଟି) ସାଂସ୍କୃତିକ ସମାଜରେ ଗୁରୁତ୍ୱପୂର୍ଣ୍ଣ। ଯା' ଫଳରେ ସଂସ୍କୃତିକୁ ଭିତରେ ଧରି ଉପରେ ଉପରେ ସଂସ୍କୃତିଠାରୁ ଦୂରେଇ ଯାଉଥିବା ଭଳି ମନେହେଉଥିବା ମଧ୍ୟବର୍ଗ ସଂସ୍କୃତି ମାଧ୍ୟମରେ ପୁଣିଥରେ ନିଜର ସମାଜକୁ ଓ ପରିବେଶକୁ ଚାହିଁବ। ଆଗ୍ରହୀ ହେବ ଜାଣିବା ପାଇଁ ଖରାଖିଆ ମହାଦେବଙ୍କ ନାଁ ଏମିତି କେମିତି ହେଲା। ଆନନ୍ତପୁର ଗାଁର ବଟମହାତ୍ମ୍ୟ କ'ଣ? କୀଚକେଶ୍ୱରୀ କିଏ? ଭଣ୍ଡଗଣେଶ ହାଃ ହାଃ କେମିତି ହେଲେ? ଅସଂଖ୍ୟ କିମ୍ବଦନ୍ତୀ, ଅସଂଖ୍ୟ ଜାତୀୟ ସ୍ମୃତି ପୁଣି ଚର୍ଚ୍ଚାକୁ ଆସିଯିବେ, ଧର୍ମ ସହିତ ମଣିଷର ରୋମାନ୍ସ ଯୋଉଟା ଉପଚାରରେ ପୋତି ହୋଇ ପଡ଼ିଚି, ସିଏ ଫିଟିଯିବ।

ସଂସ୍କୃତିପାଠ ସ୍ୱାଭାବିକ ଭାବରେ ମଧ୍ୟବର୍ଗର ଜୀବନକୁ ଫେରିବ। ଏଥିସହିତ ସଂସ୍କୃତି ସମ୍ପର୍କିତ ଗୋଟେ ବିଶାଳ ସାହିତ୍ୟିକ ପରମ୍ପରା ବି ଚିନ୍ତା ଓ ଚେତନାକୁ ଆକୃଷ୍ଟ କରିବ। ଯା' ଫଳରେ ବହିପଢ଼ା ବଢ଼ି ନ ପାରେ; କିନ୍ତୁ ସାଂସ୍କୃତିକ ସମ୍ପୃକ୍ତି ବଢ଼ିବ। ସଂସ୍କୃତି ସଚେତନ ସ୍ଥାନୀୟତା ଓଡ଼ିଆଙ୍କର ସାଂସ୍କୃତିକ ସ୍ୱଜ୍ଞାନ, ପରମ୍ପରାବୋଧ ଓ ଆତ୍ମପ୍ରତ୍ୟୟ ବଢ଼ାଇବ। ଲେଖିବାରେ ଆଗ୍ରହୀ ଲୋକେ ପ୍ରତି ପ୍ରାଚୀନ ଜନପଦ, ନଦୀ, ପର୍ବତ, ହ୍ରଦ, ଜଳାଶୟ, ମନ୍ଦିର, ମହାବୃକ୍ଷ, ଘାଟ, ତୁଠ, ରାସ୍ତା ଓ ଅପନ୍ତରାର ବିଚିତ୍ରକର୍ମା ଓ ଅସମ୍ଭବ ନାମଧାରୀ ଲୋକକଳ୍ପନାର ଦୈବୀ ପ୍ରତିମାର କାହାଣୀ ଲେଖିବେ। ଓଡ଼ିଶା ତା'ର ସାଂସ୍କୃତିକ ଐତିହ୍ୟର ଲିଭିଆସୁଥିବା ସ୍ମୃତିପଟକୁ ଗୋଟିଏ କଥାକୁହା ଓ କଥାପ୍ରିୟ ମଧ୍ୟବର୍ଗର ଜୀବନ୍ତ ସ୍ମୃତିପାଠରେ ପାଇଯିବ।

ଭୁବନେଶ୍ୱର, ମୋ: ୯୪୩୭୦୩୯୮୫୮

# ହଜିଯାଉଛି ନିଦ ଆଉ ହସ

ମାନସ କୁମାର କର

ଭଲ ହସ ଏବଂ ଦୀର୍ଘ ନିଦ୍ରା ଅଧିକାଂଶ ରୋଗର ସର୍ବୋତ୍ତମ ଉପଚାର। କିନ୍ତୁ ଗତ କିଛିଦଶନ୍ଧି ମଧ୍ୟରେ ଶିଶୁ ଓ କିଶୋରମାନଙ୍କ ମଧ୍ୟରେ ନିଦ୍ରା ସମସ୍ୟା ବୃଦ୍ଧି ପାଇଛି। ଡିଜିଟାଲ ଯୁଗର ଆଗମନ ପରେ ଇଣ୍ଟରନେଟ୍ ସାମାଜିକ ଗଣମାଧ୍ୟମକୁ ସମସ୍ତଙ୍କ ପାଇଁ ସହଜ କରିଦେଇଛି। ଅପରପକ୍ଷରେ ଲୋକଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ରୋଗାକ୍ରାନ୍ତ କରିଚାଲିଛି। ଏହା ଏକପ୍ରକାର ଡିଜିଟାଲ ନିଶା, ଯାହା ଶିଶୁ ଓ କିଶୋରମାନଙ୍କୁ ଗ୍ରାସ କରିଚାଲିଛି।

ଶୈଶବ ହେଉଛି ମାନବ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ, ଯେଉଁଠାରେ ଦୁନିଆର ଦୁଃଖ, କଷ୍ଟ, ଚାପ ଓ ସଂଘର୍ଷ ବିଷୟରେ ସେ ଅଜ୍ଞ। ସେହି ଅବସ୍ଥାରେ ସେ ପ୍ରତ୍ୟେକ ଦିନ କେବଳ ଉପଭୋଗ କରେ। କିନ୍ତୁ ଏହା କ'ଣ ଆଜିର ଯୁଗର ପିଲାମାନଙ୍କ ପାଇଁ ପ୍ରଯୁଜ୍ୟ? ହୁଏତ ନୁହେଁ। ଶୈଶବ ଦୁଷ୍ଟାମି, ଖେଳ, ମଜା, ଜିଦ୍ ଓ ରାଗିବା ଏବଂ ଭାଇଭଉଣୀ ଓ ବନ୍ଧୁମାନଙ୍କ ସହିତ ପ୍ରଲୋଭନ ଓ ଝଗଡ଼ାରେ ପରିପୂର୍ଣ୍ଣ। ଏହା ମାନବ ଜୀବନର ସବୁଠାରୁ ସୁନ୍ଦର ପର୍ଯ୍ୟାୟ, ଯେଉଁଥିରେ ନା କୌଣସି ଦାୟିତ୍ୱର ଭାବନା ଅଛି, ନା କୌଣସି ଚିନ୍ତା, ଜୀବନଶୈଳୀ। କେବଳ 'ଖାଅ, ପିଅ ଓ ଉପଭୋଗ କର।' କିନ୍ତୁ ଆଜିର ପିଢ଼ିର ପିଲାମାନେ ସେମାନଙ୍କର ଶୈଶବରେ ବଞ୍ଚିଲେ ନାହିଁ। ସେମାନଙ୍କର ନିର୍ଦ୍ଦୋଷ ବହୁତ ଶୀଘ୍ର ପରିପକ୍ୱତାରେ ପରିଣତ ହୋଇଗଲା। ପ୍ରଯୁକ୍ତିବିଦ୍ୟା ଓ ସାମାଜିକ ଗଣମାଧ୍ୟମ ବୟସ ଓ ସମୟ ପୂର୍ବରୁ ସେମାନଙ୍କ ଶୈଶବକୁ ଛଡ଼ାଇ ନେଇଗଲା।

ନିକଟରେ ନିତି ଆୟୋଗ ୧୨ ରୁ ୧୮ ବର୍ଷ ବୟସର କିଶୋରମାନଙ୍କ ଶୋଇବା ଅଭ୍ୟାସ ଏବଂ ଏହାର ପ୍ରଭାବ ଉପରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ସେଥିରେ ଦର୍ଶାଯାଇଛି ଯେ ଆମ ଦେଶର ଏକ-ଚତୁର୍ଥାଂଶ ସ୍କୁଲ ପିଲା ପର୍ଯ୍ୟାପ୍ତ ନିଦ୍ରା ପାଇପାରୁ ନାହାନ୍ତି। ଏହା କେବଳ ସେମାନଙ୍କର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉନାହିଁ, ସେମାନଙ୍କ ଚିନ୍ତାଧାରା ଏବଂ ବୁଝିବା କ୍ଷମତାକୁ ମଧ୍ୟ ପ୍ରଭାବିତ କରୁଛି। ଏଥିରେ କୌଣସି ସନ୍ଦେହ ନାହିଁ ଯେ ସୂଚନା ବିପ୍ଳବ ଏବଂ ଗ୍ରାହକ ବଜାର ପିଲାମାନଙ୍କ ଅପରିପକ୍ୱ ମସ୍ତିଷ୍କ ଉପରେ ସୂଚନାର ଆକ୍ରମଣ ଆରମ୍ଭ କରିଛି। ସଫଳତାର ସମ୍ଭାବନା ପିଲାମାନଙ୍କୁ ଗ୍ରାହକରେ ପରିଣତ କରିଛି ଏବଂ ସେମାନଙ୍କର ସ୍ୱାଭାବିକତାକୁ ମଧ୍ୟ ଶେଷ କରିଦେଇଛି।

ପୂର୍ବରୁ ବୃଦ୍ଧାବସ୍ଥାରେ ଦେଖାଯାଉଥିବା ରକ୍ତଚାପ, ମଧୁମେହ, ଶ୍ୱାସରୋଗ, ହୃଦଘାତ ଇତ୍ୟାଦି ରୋଗଗୁଡ଼ିକ ଏବେ କିଶୋର ଓ ଯୁବାବସ୍ଥାରେ କିମ୍ବା ତା'ପୂର୍ବରୁ ମଧ୍ୟ ଦେଖାଯାଉଛି। ଡାକ୍ତରୀ ଗବେଷଣା ଅନୁଯାୟୀ, ୮୦ ରୁ ୯୦ ପ୍ରତିଶତ ରୋଗ ଅନିଦ୍ରା, ଚାପ, ଅସନ୍ତୁଳିତ ଖାଦ୍ୟ ହେତୁ ହୋଇଥାଏ। ତେଣୁ ପ୍ରତ୍ୟେକ ପିଲା ପ୍ରତିଦିନ ଅତିକମ୍‌ରେ ୭ ରୁ ୮ ଘଣ୍ଟା ଶୋଇବା ଉଚିତ, ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ମାନସିକ ଓ ଶାରୀରିକ ସନ୍ତୁଳନ ବଜାୟ ରହିବ। ପର୍ଯ୍ୟାପ୍ତ ନିଦ୍ରା ଓ ସନ୍ତୁଳିତ ଖାଦ୍ୟ ଦ୍ୱାରା ଅନେକ ରୋଗରୁ ଉପଶମ ମିଳିପାରିବ।

ନ୍ୟୁରୋସାଇଣ୍ଟିଷ୍ଟ ବି.ଏସ୍. ଗ୍ରୀନଫିଲ୍ଡଙ୍କ ମତରେ, ପ୍ରତ୍ୟକ୍ଷ ଅଭିଜ୍ଞତା, ପର୍ଯ୍ୟାପ୍ତ ନିଦ୍ରା, ବୟସ୍କ ପିଢ଼ି ସହିତ ପାରସ୍ପରିକ କ୍ରିୟା, ଖେଳିବାର ସୁଯୋଗ ଓ ସୃଜନଶୀଳତା ହେଉଛି ମସ୍ତିଷ୍କ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାର କାରଣ, ଯାହାକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ରୁତ ଗତିରେ ନଷ୍ଟ କରିଚାଲିଛି। ଆଜିକାଲି ପ୍ରଯୁକ୍ତିବିଦ୍ୟା ଯୋଗୁଁ ବାହ୍ୟ କାର୍ଯ୍ୟକଳାପ ଘର ଭିତରେ କାର୍ଯ୍ୟକଳାପରେ ପରିବର୍ତ୍ତନ ହୋଇଛି, ଯାହା ପିଲାମାନଙ୍କର ଶାରୀରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିବା ସହିତ ସେମାନଙ୍କ ମଧ୍ୟରେ ଆକ୍ରମଣାତ୍ମକ, ନିରାଶା ଓ ହତାଶାର ଭାବନା ମଧ୍ୟ ବୃଦ୍ଧି କରୁଛି। ସେମାନଙ୍କ ମଧ୍ୟରେ ସାମାଜିକତା ଗୁଣ ହ୍ରାସ ପାଇ ବ୍ୟକ୍ତିବାଦର ପ୍ରବୃତ୍ତି ବୃଦ୍ଧି ପାଉଛି। ସେମାନେ ଆହ୍ୱାନର ସମ୍ମୁଖୀନ ହେବା ପରିବର୍ତ୍ତେ ପଳାତକ ହୋଇଯାଉଛନ୍ତି। ଜୀବନ ବଞ୍ଚିବା ପରିବର୍ତ୍ତେ ଏହାକୁ ସମାପ୍ତ କରିବା ସହଜ ମନେ କରୁଛନ୍ତି।

ଆବଶ୍ୟକ ପରିମାଣରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇପାରେ, କିନ୍ତୁ ତା' ଉପରେ ଯଦି ନିର୍ଭରଶୀଳତା ବୃଦ୍ଧି ପାଏ ତେବେ ମଣିଷକୁ ଯନ୍ତ୍ର ହେବାରୁ ରୋକିବା ସମ୍ଭବ ହେବ ନାହିଁ। ଦେଖାଯାଇଛି ଯେ ପ୍ରଯୁକ୍ତିବିଦ୍ୟା ଉପରେ ନିର୍ଭରଶୀଳ ହେବା ପରେ ପିଲାମାନେ ସେମାନଙ୍କର ବୁଦ୍ଧିମତ୍ତା ଉପରେ ସନ୍ଦେହ କରିବା ଆରମ୍ଭ କରିଛନ୍ତି। ସେମାନଙ୍କର ଆତ୍ମବିଶ୍ୱାସ ହ୍ରାସ ପାଉଛି। ଭର୍ଚୁଆଲ୍ ଦୁନିଆକୁ ବାସ୍ତବ ବୋଲି ଭାବିବା ଆରମ୍ଭ କରିଥିବାରୁ ସେମାନେ ଗୁଗୁଲରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଖୋଜୁଛନ୍ତି। ମନୋରଞ୍ଜନ, ସମୟ ବିତାଇବା, ଆରାମ କରିବା ପାଇଁ ସାମାଜିକ ଗଣମାଧ୍ୟମ କିମ୍ବା ନେଟୱାର୍କିଂର ସାହାଯ୍ୟ ନେଉଛନ୍ତି। ଥରେ ଲଗ୍‌ଇନ୍ କରିବା ପରେ ଦିନ ଓ ରାତି କେତେବେଳେ ବିତିଗଲା ତାହା ଜଣାପଡ଼େ ନାହିଁ। ଗୋଷ୍ଠୀ କିମ୍ବା ବନ୍ଧୁମାନଙ୍କ ସହିତ ବୁଲିବା, ପରିବାର ସହିତ ସମୟ ବିତାଇବା, କମିକ୍ସ ପଢ଼ିବା, ଖୋଲା ପଡ଼ିଆରେ ଖେଳିବା ଏବେ ଅତୀତର କଥା ହୋଇଗଲାଣି। ହ୍ୱାଟ୍‌ସଆପ୍ ଏବେ ସ୍କୁଲ ଡାଏରୀକୁ ବଦଳାଇ ଦେଇଛି। ଏପରି ପରିସ୍ଥିତିରେ ପିଲାମାନେ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଆହ୍ୱାନର ସମ୍ମୁଖୀନ ହେବା ସ୍ୱାଭାବିକ।

କୋଡାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

# ଅନବସର ଜ୍ୱର -ଏକ ଅଭିଶାପ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଲକ୍ଷ୍ମୀ ଓ ଅଲକ୍ଷ୍ମୀ ଦୁଇ ଭଉଣୀ। ଲକ୍ଷ୍ମୀ ସାନ, ଅଲକ୍ଷ୍ମୀ ବଡ଼। ଦୈହିକ ଓ ମାନସିକ ସ୍ତରରେ ଦୁହେଁ ଦୁହିଁଙ୍କର ବିପରୀତ। ଲକ୍ଷ୍ମୀ ପରମା ସୁନ୍ଦରୀ। ଅଲକ୍ଷ୍ମୀ ଅତ୍ୟନ୍ତ ଅସୁନ୍ଦରୀ, ଶୀରାଳ ମୁଖମଣ୍ଡଳ, ବଡ଼ ବଡ଼ ଦାନ୍ତ, ଡିମା ଡିମା ଆଖି, ଅସ୍ତ ବ୍ୟସ୍ତ ବାଳ। କାନ ଦୁଇଟା ଅନୁପାତରେ କାହିଁ କେତେ ଗୁଣ ବଡ଼। ଯେ କେହି ଦେଖିଲେ ଭୟଭୀତ ହେବାଟା ଥୟ। ଲକ୍ଷ୍ମୀ ଥିଲେ ସଂସାରର ସକଳ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ଅଧିକାରିଣୀ ଦେବୀ। କିନ୍ତୁ ଅଲକ୍ଷ୍ମୀ ଥିଲେ କଳିହୁଡ଼ି। ମାତା ଲକ୍ଷ୍ମୀଙ୍କର ରୂପ ମାଧୁର୍ଯ୍ୟ ଓ ଗୁଣ ମାଧୁର୍ଯ୍ୟରେ ମୁଗ୍ଧ ହୋଇ ଦେବତାମାନଙ୍କ ଭିତରେ ସାର୍ବଭୌମ ବିଷ୍ଣୁ ତାଙ୍କୁ ଆନନ୍ଦରେ ପତ୍ନୀ ରୂପେ ଗ୍ରହଣ କଲେ। କିନ୍ତୁ ଅଲକ୍ଷ୍ମୀଙ୍କର ଉପରୋକ୍ତ ଅବିଗୁଣ ଯୋଗୁଁ ତାଙ୍କୁ କେହି ବାହା ହେବାକୁ ରାଜି ହେଉ ନ ଥିଲେ। ସେ ମଧ୍ୟ ଜଣେ ଦେବତାଙ୍କୁ ବିବାହ କରି ସ୍ୱର୍ଗର କଠୋର ସାମାଜିକ ନୀତିନିୟମରେ ଛନ୍ଦି ହେବାକୁ ଚାହୁଁ ନ ଥିଲେ। ମର୍ତ୍ତ୍ୟମଣ୍ଡଳର ଜଣେ ରାଜାଙ୍କୁ ବିବାହ କରି ବିଳାସବ୍ୟସନରେ ଜୀବନକୁ ଉପଭୋଗ କରିବାକୁ ସେ ଚାହୁଁଥିଲେ।

ଘରେ ବଡ଼ଭଉଣୀ ଅଭିଆଡ଼ି ହୋଇ ବସି ଥିବା ବେଳେ ସାନ ଭଉଣୀର ବାହା ହେବା କଥାଟା ଲକ୍ଷ୍ମୀଙ୍କୁ ଭଲ ଲାଗୁ ନ ଥିଲା। ସେ ଚିନ୍ତିତା ଥିଲେ ଯେ ଲୋକେ ପଛରେ କୁହା କୁହି ହେବେ-ସୁନ୍ଦର ବରଟେ ପାଇଲା ବୋଲି ସ୍ୱାର୍ଥପର ଲକ୍ଷ୍ମୀ ବଡ଼ ଭଉଣୀକୁ ଛାଡ଼ି ବାହା ହୋଇଗଲା। ତେଣୁ ଅଲକ୍ଷ୍ମୀଙ୍କ ପାଇଁ ଗୋଟେ ବିବାହ ପ୍ରସ୍ତାବ ଖୋଜିବାକୁଁ ସେ ବିଷ୍ଣୁଙ୍କୁ ଅନୁରୋଧ କରୁଥିଲେ। ମହାବିଷ୍ଣୁ ଯେ ସେ ବିଷୟରେ ଚିନ୍ତା କରୁ ନ ଥିଲେ, ସେ କଥା ନୁହେଁ। ଭଉଣୀ ଜୋଇଁ ଦେଢ଼ଶାଶୂଙ୍କପାଇଁ ବର ଖୋଜିବା କଥାଟା ତାଙ୍କୁ ଅସଙ୍ଗତ ଲାଗୁ ଥିଲେ ବି ସେ ମନେ ମନେ ଜଣେ ପାତ୍ରର ସନ୍ଧାନରେ ଥିଲେ। ଏତିକିବେଳେ ଅତୀତର ଏକ କଥା ତାଙ୍କର ମନେ ପଡ଼ିଗଲା। ଥରେ ସେ ଅଲକ୍ଷ୍ମୀଙ୍କୁ ଆଣିବାକୁ ଯାଇଥିଲେ। ଫେରିବାବେଳେ ଅଲକ୍ଷ୍ମୀ ବାଟରେ ଏକ ଅଶ୍ୱତ୍ଥ ଗଛ ମୂଳରେ ବିଶ୍ରାମ ନେଇଥିଲେ। ଅଶ୍ୱତ୍ଥ ଏକ ପବିତ୍ର ଗଛ। ତେଣୁ ଅଶ୍ୱତ୍ଥ ବୃକ୍ଷସମାଜ ଚିନ୍ତା କଲେ ଯେ ଅଲକ୍ଷ୍ମୀ ଯେଉଁ ଗଛ ତଳେ ବସିଥିଲେ ସେ ଗଛ ଅପବିତ୍ର ହୋଇଗଲା। ବୃକ୍ଷସମାଜ ସେ ଗଛକୁ ବାସନ୍ଦ କରି ଜଙ୍ଗଲକୁ ତଡ଼ି ଦେଲେ। ସେ ଗଛ ଜଙ୍ଗଲରେ ଜରି ଗଛ ନାମ ଧରି ରହିଲା। କଳିହୁଡ଼ି ଅଲକ୍ଷ୍ମୀଙ୍କ ପ୍ରଭାବରେ ସେ ଗଛର ପତ୍ରମାନେ ସବୁବେଳେ ଫଡ୍ ଫଡ୍ ଶବ୍ଦ କରିବାକୁ ଲାଗିଲେ। ଲୋକମାନେ ସେ ଗଛକୁ ନକ୍ଷ୍ମୀଛଡ଼ା ବୋଲି କହନ୍ତି ଏବଂ କୌଣସି କାର୍ଯ୍ୟରେ ଲଗାନ୍ତି ନାହିଁ। ଏପରି ଜଣେ କନ୍ୟା ପାଇଁ ବର ଖୋଜିବା କିଛି ସହଜ କଥା ନ ଥିଲା। ତେଣୁ ମହାବିଷ୍ଣୁ ଭାବିଲେ ଯେ ଅଲକ୍ଷ୍ମୀଙ୍କୁ ଜଣେ ଋଷିଙ୍କ ସହ ବିବାହ କରିଦେଲେ ଠିକ ହେବ। ସେ ଋଷି ଉଦ୍ଦାଳକଙ୍କ ଆଶ୍ରମକୁ ଯାଇ ଅଲକ୍ଷ୍ମୀଙ୍କୁ ବିବାହ କରିବାକୁ ଅନୁରୋଧ କଲେ। ମହାବିଷ୍ଣୁଙ୍କୁ ସଦ୍ଗୁରୂପେ ପା ଥିବାରୁ ଋଷିଙ୍କ ମନ ଆନନ୍ଦ ହୋଇ ଗଲା। ତେଣୁ ସେ ପ୍ରସ୍ତାବରେ ରାଜି ହୋଇ ଗଲେ ଏବଂ ଅଲକ୍ଷ୍ମୀଙ୍କର ବାହାଘର ଋଷିଙ୍କ ସାଙ୍ଗରେ ହୋଇଗଲା।

ବିବାହ ପରେ ପରେ ଅଲକ୍ଷ୍ମୀ କିନ୍ତୁ ଭାବିବାକୁ ଲାଗିଲେ ଯେ ମାୟାଧର ବିଷ୍ଣୁ ମାୟା କରି ଜଣେ ଋଷି ସହ ତାଙ୍କର ବିବାହ କରି ତାଙ୍କ ପ୍ରତି ବିଶ୍ୱାସଘାତକତା କଲେ। ଭିକ୍ଷାଥାଳ ଧରିଥିବା ଜଣେ ଋଷି ସହ ତାଙ୍କର ବିବାହ କରେଇ ତାଙ୍କୁ ଭିକାରୁଣୀ କରିଦେଲେ। ତାଙ୍କର କ୍ରୋଧ ଦିନୁଦିନ ବଢ଼ିବାକୁ ଲାଗିଲା। ଦିନେ ସେ କ୍ରୋଧରେ ବିଷ୍ଣୁଙ୍କୁ ଅଭିଶାପ ଦେଲେ, 'ହେ ସ୍ୱାର୍ଥପର ମାୟାଧର, ନିଜ ଲୋକମାନଙ୍କର ଭଲମନ୍ଦ ବୁଝିବାରେ ମଧ୍ୟ ତୁମେ ମାୟାର ସାହାରା ନେଲ। ତେଣୁ ତୁମକୁ ଅଭିଶାପ ଦେଉଛି ଯେ ତୁମେ ମହାଜ୍ୱରରେ ପୀଡ଼ିତ ହୁଅ।' ବିଷ୍ଣୁ ଏ କଥା ଶୁଣି ମନ୍ଦମନ୍ଦ ହସିଲେ ଓ କହିଲେ, 'ଦେବୀ! ଆପଣ ମୋର ଦେଢ଼ଶାଶୂ। ଆପଣଙ୍କ ଅଭିଶାପ ବୃଥା ଯିବ ନାହିଁ। କିନ୍ତୁ ମୋର ଏ ଶରୀର ଅଜର ହୋଇ ଥିବାରୁ ଜ୍ୱର କୌଣସି ପ୍ରଭାବ ପକାଇ ପାରିବ ନାହିଁ। କଳିଯୁଗରେ ମୁଁ ନିତ୍ୟ ନୀଳାଚଳରେ ଦାରୁବ୍ରହ୍ମ ଜଗନ୍ନାଥ ରୂପେ ଆରାଧିତ ହୋଇ ମାନବୀୟ ଲୀଳା ରଚନା କରିବି। ଜ୍ୟେଷ୍ଠ ମାସ ପୂର୍ଣ୍ଣିମାରେ ମୋର ପ୍ରତ୍ୟକ୍ଷ ସ୍ନାନନୀତି ଅନୁଷ୍ଠିତ ହେବ। ସେ ଦିନ ଅବେଳରେ ଅତ୍ୟଧିକ ପ୍ରତ୍ୟକ୍ଷ ସ୍ନାନ କରି ପନ୍ଦର ଦିନ ପର୍ଯ୍ୟନ୍ତ ଜ୍ୱରରେ ପୀଡ଼ିତ ହେବି। ସେତେବେଳେ ମୁଁ ଅନବସର ଗୃହରେ ପଥ୍ୟପାଚନ ଭୋଜନ କରି ବିଶ୍ରାମ ନେବି। ସଙ୍ଗରୋଧରେ ରହୁଥିବାରୁ ସାଧାରଣ ଭକ୍ତ ମୋର ଦର୍ଶନର ସୁଯୋଗ ପାଇବେ ନାହିଁ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁଦ୍ଧକୁ ଡେଇଁବ...

ଉପରେ ଚୁକ୍ତି ପାଇଁ ମିଳିଥିବା ସୁଯୋଗକୁ ଇରାନ୍ ହରାଇଛି। ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ଲାଗି ଆମେରିକା ଉଦ୍ୟମ କରୁଥିବା ଖବରକୁ ଖଣ୍ଡନ କରି ଟ୍ରମ୍ପ କହିଛନ୍ତି, ଯୁଦ୍ଧବିରତି ନୁହେଁ; ଶତ୍ରୁତାର ଅନ୍ତ କରିବାକୁ ସେ ଉଦ୍ୟମ କରୁଛନ୍ତି। ତେବେ ଶତ୍ରୁତାର କିପରି ଅନ୍ତ ଘଟିବ ସେ ସଂପର୍କରେ ସେ କିଛି କହି ନାହାନ୍ତି। ନାତାଞ୍ଜ୍ ଓ ଫର୍ଦ୍ଦୋଓରେ ଇରାନ୍ ଚଳାଇଥିବା ଭୂତଳ ପରମାଣୁ କାର୍ଯ୍ୟକ୍ରମ ଜି-୭ ରାଷ୍ଟ୍ରଗୋଷ୍ଠୀ ପାଇଁ ଚିନ୍ତାର ବିଷୟ ହୋଇଛି। ତେଣୁ କାନାଡ଼ାରେ ଚାଲିଥିବା ଜି-୭ ବୈଠକରେ ଇରାନ୍‌ର ପରମାଣୁ କାର୍ଯ୍ୟକ୍ରମକୁ ବିରୋଧ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। କାନାଡାରେ ଚାଲିଥିବା ଜି-୭ ସମ୍ମିଳନୀରେ ଯୋଗଦେବାକୁ ଯାଇଥିବା ଟ୍ରମ୍ପ ତାଙ୍କର କାର୍ଯ୍ୟକ୍ରମକୁ ଅଧାରୁ ଛାଡ଼ି ୱାସିଂଟନ ଫେରିଆସିଛନ୍ତି। ଅନ୍ୟପକ୍ଷରେ ଇରାନ୍‌ର ଭୂତର ପରମାଣୁ କାର୍ଯ୍ୟକ୍ରମକୁ ଧ୍ୱଂସ କରିବା ପାଇଁ ଆମେରିକା ଇସ୍ରାଏଲ୍‌କୁ 'ବଙ୍କର୍ ବଷ୍ଟର୍' ଯୋଗାଇ ଦେବାକୁ ଯୋଜନା କରୁଛି। ଖାମନେଇ ପ୍ରଶାସନକୁ ହଟାଇ ଆମେରିକାକୁ ସୁହାଇଲା ଭଳି ପ୍ରଶାସକଙ୍କୁ କ୍ଷମତାରେ ବସାଇବାକୁ ଟ୍ରମ୍ପ ଭିତିରି ଯୋଜନା କରୁଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ଟ୍ରମ୍ପଙ୍କ ଭାଷା ଏବଂ କଥାବାର୍ତ୍ତା ଶୈଳୀରୁ ଇରାନ ଉପରେ ଆମେରିକା-ଇସ୍ରାଏଲ ମିଳିତ ଆକ୍ରମଣ କରିବା ନେଇ ସ୍ପଷ୍ଟ ଇଙ୍ଗିତ ମିଳିଛି। ଯୁଦ୍ଧକ୍ଷେତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଇସ୍ରାଏଲ ଉପରେ ପୁଣି ପ୍ରଚଣ୍ଡ କ୍ଷେପଣାସ୍ତ୍ର ମାଡ଼ କରିଛି ଇରାନ। ଆଜି ସନ୍ଧ୍ୟାରେ ଇସ୍ରାଏଲ ରାଜଧାନୀ ତେଲ୍‌ଆଭିଭ୍ ସମେତ ଅନ୍ୟ କେତେକ ସହର ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଛି। ଇସ୍ରାଏଲର ପରମାଣୁ କେନ୍ଦ୍ର ଉପରେ ମଧ୍ୟ ଇରାନ ବାଲିଷ୍ଟିକ ମିଜାଇଲ୍ ମାଡ଼ କରିଛି। ଇସ୍ରାଏଲର ସେନା ମୁଖ୍ୟାଳୟ ସମେତ ଅନେକ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ହୋଇଛି। ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ଇସ୍ରାଏଲରେ ୨୪ ଜଣ ପ୍ରାଣ ହରାଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି। ଇରାନରେ ମଧ୍ୟ ୨୨୪ ଜଣ ପ୍ରାଣ ହରାଇଥିବା କୁହାଯାଉଛି।

ଅନ୍ୟପକ୍ଷରେ ଇରାନ ଉପରେ ଇସ୍ରାଏଲ ମଧ୍ୟ କ୍ଷେପଣାସ୍ତ୍ର ଓ ବୋମାମାଡ଼ ଜାରି ରଖିଛି। ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ଆଜିର ଆକ୍ରମଣରେ ଇରାନର ଯୁଦ୍ଧକାଳୀନ ସେନା ମୁଖ୍ୟ ଜେନେରାଲ ଅଲ୍ଲୀ ସଦ୍‌ମାନୀ ନିହତ ହୋଇଛନ୍ତି। ସେ ଇରାନର ସର୍ବୋଚ୍ଚ ନେତା ଖାମନେଇଙ୍କ ଘନିଷ୍ଠ ବୋଲି କୁହାଯାଉଛି। ଏହାସହିତ ଇସ୍ରାଏଲ ଆକ୍ରମଣରେ ଇରାନ ସେନାର ଅନେକ ବରିଷ୍ଠ କମାଣ୍ଡର ଏବଂ ଚିଫ୍ ଅଫ୍ ଷ୍ଟାଫ ପ୍ରାଣ ହରାଇଲେଣି। ଜୀବନ ବଞ୍ଚାଇବା ଲାଗି ଖାମନେଇ ବଙ୍କରରେ ଲୁଚିଥିବା କୁହାଯାଉଛି। ଇସାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ କହିଛନ୍ତି, ଖାମନେଇ ବଞ୍ଚିଥିବା ପର୍ଯ୍ୟନ୍ତ ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରିବା ଅସମ୍ଭବ। ତେଣୁ ଖାମନେଇ ସଦ୍ଦାମ ହୁସେନଙ୍କ ଭଳି ଦଶା ଭୋଗିବେ ବୋଲି ସେ ଧମକ ଦେଇଛନ୍ତି।

### ପାଣି ଦୂଷିତ...

ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ଚିନ୍ତାଜନକସ୍ଥିତି ଉପୁଜିଛି। ଗତକାଲି ୧୨୦ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏବେ ଏହି ଆକ୍ରାନ୍ତଙ୍କ ସଂଖ୍ୟା ୧୫୦ ପାର୍ କରିଥିବା ଜଣାପଡ଼ିଛି। ଏବେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ପାଖାପାଖି ଅନେକ ଆକ୍ରାନ୍ତ ଚିକିତ୍ସିତ ହେଉଥିବାବେଳେ ବିଭିନ୍ନ ଘରୋଇ ହସ୍ପିଟାଲ୍‌ରେ କିଛି ବ୍ୟକ୍ତି ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ ହସ୍ପିଟାଲ୍‌ର ନିର୍ଦ୍ଦେଶକ ଡାକ୍ତର ରୂପଭାନୁ ମିଶ୍ର କହିଛନ୍ତି, ରାଜ୍ୟରେ ହଇଜା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଏହାକୁ ନେଇ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ହସ୍ପିଟାଲ୍‌ରେ ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳରରୁ କିଛି ଡାଇରିଆ ରୋଗୀ ଚିକିତ୍ସିତ ହେଉଛନ୍ତି। କିନ୍ତୁ ବାହାରୁ ରୋଗୀ କେହି ଆସି ଚିକିତ୍ସିତ ହେଉନାହାନ୍ତି। ଡାଇରିଆ ୱାର୍ଡକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରି ରଖାଯାଇଛି। ସମସ୍ତ ବ୍ୟବସ୍ଥା କରାଯାଇଛି। ବାହାରୁ ଯଦି ରୋଗୀ ଆସନ୍ତି ତେବେ ଚିକିତ୍ସା କରିହେବ। ଏବେ ଭୁବନେଶ୍ୱରରେ ସେଭଳି ଅଣାୟତ୍ତ ପରିସ୍ଥିତି ହୋଇନାହିଁ। ତଥାପି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ଡାଇରିଆ ନିୟନ୍ତ୍ରଣ ପାଇଁ ଆବଶ୍ୟକ ଔଷଧ ଓ ସାଲାଇନ୍ ମହଜୁଦ୍ ରହିଛି ବୋଲି ସେ କହିଛନ୍ତି।

ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗତକାଲି ଢେଙ୍କାନାଳରେ 'ଷ୍ଟପ୍ ଡାଇରିଆ' ଅଭିଯାନ ଆରମ୍ଭ କଲେ। ଏହା ୪୫ ଦିନ ଧରି ଚାଲିବ ବୋଲି କୁହାଯାଉଛି। ମାତ୍ର ବର୍ତ୍ତମାନର ଭୟଙ୍କରସ୍ଥିତିରୁ ଲୋକମାନଙ୍କୁ କେମିତି ଉଦ୍ଧାର କରାଯିବ, ଅର୍ଥାତ୍ ସଂକ୍ରମଣ କେମିତି ରୋକାଯିବ, ତା' ଉପରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଷ୍ଟପ୍ ଡାଇରିଆ ଅଭିଯାନରେ ଜନସଚେତନତା ଏକ ନିୟମିତ ପ୍ରକ୍ରିୟା। ପୂର୍ବରୁ ବି ଏହା କରାଯାଉଥିଲା। ହେଲେ ତୃଣମୂଳସ୍ତରରେ ଲୋକଙ୍କ ପାଖରେ ଏହା ପହଞ୍ଚି ପାରୁନଥିବାରୁ ଆଜି ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ବେସରକାରୀ ଭାବେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କର ଏଥିରେ ପ୍ରାଣହାନୀ ଘଟିଲାଣି। ଆଉ କେତେ ମୁଣ୍ଡ ଗଡ଼ିବା ପରେ ରାଜ୍ୟ ସରକାର ଚେତିବେ ବୋଲି ସଚେତନ ନାଗରିକ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏହି ଘଟଣା ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱସ୍ତି ୩୦ଜିଲ୍ଲାକୁ ସତର୍କ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆଜି ଦିନ ୧୦ଟା ସୁଦ୍ଧା ୫ ଜିଲ୍ଲାରୁ ୩ ଶହ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ଯେଉଁ ରୋଗୀ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି, ତାଙ୍କୁ ୨୪ ଘଣ୍ଟିଆ ନୀରିକ୍ଷଣରେ ରଖିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଡାଇରିଆ ନେଇ ଆଶା, ଅଙ୍ଗନବାଡି ସଚେତନ କରିବା ସହିତ ଗାଁ ଗାଁରେ ମାଇକରେ ପ୍ରଚାର ଚାଲିଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏହି ପଦକ୍ଷେପ ଜାରି ରହିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପ୍ରତିଦିନ ରାଜ୍ୟସ୍ତରୀୟ ସମୀକ୍ଷା ହେବ। ଅ। ।ସନ୍ତାକାଲି କେନ୍ଦ୍ରୀୟ ଟିମ୍ ସହିତ ରାଜ୍ୟ ସରକାର ଆଲୋଚନା କରିବେ। ଏହାସହ ମୌସୁମୀ ବର୍ଷା ହେଉଛି, ତେଣୁ ସଚେତନ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

### ରାଜଧାନୀରେ ମଦମୃତ୍ୟୁ...

୩ଦିନ ମଧ୍ୟରେ ମଦର ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁସାରେ ସନ୍ତୋଷ କୁମାର,ବିଶ୍ୱଜିତ, ଅନ୍ୟ ୩ଜଣ ଷ୍ଟେସନ ବଜାର ନିକଟରେ ଥିବା ମଦ ଦୋକାନରୁ ବିୟର ପେଟି ନେଇଥିଲେ। ପରେ ସେମାନେ ବାଙ୍କୁଆଳ ନଦୀ ପଠାରେ ଭେଜି କରି ଖାଇବା ସହ ବିୟର ପିଇଥିଲେ। ଭୋଜି ଖାଇ ଘରକୁ ଫେରିବା ପରେ ରାତିରେ ସମସ୍ତେ ଯନ୍ତ୍ରଣା ଅନୁଭବ କରିଥିଲେ। ସନ୍ତୋଷ ଗୁରୁତର ହେବାରୁ ତାଙ୍କୁ ଆଗେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ରଖାଗଲା। ହେଲେ ୪ଦିନ ତଳେ ସନ୍ତୋଷର ମୃତ୍ୟୁ ଘଟିଥିବା ବେଳେ ଆଜି ଆଇସିୟୁରେ ଥିବା ବିଶ୍ୱଜିତଙ୍କ ମୃତ୍ୟୁ ଘଟିଛି। ମୃତ ଦୁଇ ଜଣଙ୍କ ସହ ଭୋଜି କରିଥିବା ଅନ୍ୟ ୩ଜଣ ଏବେବି ଆଇସିୟୁରେ ମରଣ ସହ ସଂଘର୍ଷ କରୁଛନ୍ତି। ପରିବାର ଲୋକ ଡାକ୍ତରଙ୍କୁ ଏହି ଦୁଇ ଯୁବକଙ୍କ ମୃତ୍ୟୁର କାରଣ ପଚାରିବାରୁ ବିଷାକ୍ତ ଖାଦ୍ୟ ନୁହେଁ ବିଷାକ୍ତ ବିୟର ପିଇଥିବାରୁ ମୃତ୍ୟୁ ଘଟିଥିବା କହିଥିଲେ। ଡାକ୍ତରଙ୍କ ଠାରୁ ଏକଥା ଶୁଣିବା ପରେ ପରିବାର ଲୋକ ଏବଂ ଗ୍ରାମବାସୀ ତାତିଥିଲେ। ସେମାନେ ମଦ ଦୋକାନ ଆଗରେ ଆସି ହୋ ହାଲ୍ଲା କରିଥିଲେ। ରାଜ୍ୟରେ ବିଷାକ୍ତ ମଦ ପିଇ ମୃତ୍ୟୁ ସଂଖ୍ୟା ବଢୁଥିବା ବେଳେ ଚୋରାମଦ ଏବଂ ବିଷାକ୍ତ ମଦ ଉପରେ ଚଢଉ ଜୋରଦାର କରାଯାଉ ନାହିଁ। ପୁଲିସ ଏବଂ ଅବକାରୀ ବିଭାଗ ସବୁ ଜାଣିଥିଲେ ମଧ୍ୟ ହାତଗୁଞ୍ଜା ନେଇ ଏହାକୁ ପରୋକ୍ଷରେ ପ୍ରସୟ ଦେଉଥିବା ଅଭିଯୋଗ ହେଉଛି। ଯେଉଁଥି ପାଇଁ ରାଜ୍ୟରେ ମଦ ମୃତ୍ୟୁ ବଢିବାରେ ଲାଗିଛି।

### ରାଜ୍ୟକୁ ଲଜ୍ଜା...

ମଧ୍ୟରେ ରିପୋର୍ଟ ଦେବାକୁ ରାଜ୍ୟ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜାତୀୟ ମହିଳା କମିଶନ ଏହି ଘଟଣାରେ ନିଜଆଡ଼ୁ ଏକ ମାମଲା ରୁଜୁ କରିଛନ୍ତି। ଅନ୍ୟପକ୍ଷରେ ପୁଲିସ ଡ଼ିଜି ଯୋଗେଶ ବାହାଦୂର ଖୁରାନିଆ ଏହି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଛନ୍ତି । ଏହି ଗଣଦୁଷ୍କର୍ମ ଘଟଣାକୁ ରେଡ୍ ଫ୍ଲାଗ୍ ମାମଲା ଭାବରେ ଗ୍ରହଣ କରି ତୁରନ୍ତ ତଦନ୍ତ ନିମନ୍ତେ ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଆଇଜି ଏସ୍.ସାଇନି ଏହି ଘଟଣାର ତଦନ୍ତ କରିବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ବ୍ରହ୍ମପୁର ପୁଲିସ ଏହି ଘଟଣାରେ ୧୦ଜଣଙ୍କୁ ଗିରଫ କରିଥିବା ବ୍ରହ୍ମପୁର ପୁଲିସ ଏସ୍‌ପି ଶ୍ରବଣା ବିବେକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ରବିବାର ସନ୍ଧ୍ୟା ୬ଟା ସମୟରେ ବ୍ରହ୍ମପୁରରୁ ସମ୍ପୃକ୍ତ ଯୁବତୀ ଓ ତାଙ୍କର ବନ୍ଧୁ ଗୋପାଳପୁର ବେଳାଭୂମିକୁ ଯାଇଥିଲେ। ଗୋପାଳପୁର ପାନ୍ଥନିବାସ ପଛପଟେ ଥିବା ବେଳାଭୂମିରେ ୬.୩୦ମିନିଟ୍‌ରେ ପହଞ୍ଚିବା ପରେ ସେଠାରେ ନିରୋଳାରେ କିଛି ସମୟ ବିତାଇଥିଲେ। ରାତି ପ୍ରାୟ ୮ଟା ସମୟରେ ୧୦ଜଣ ଯୁବକ ପ୍ରେମୀଯୁଗଳଙ୍କ ନିକଟରେ ପହଞ୍ଚି ଯୁବତୀଙ୍କୁ ଅସଦାଚରଣ କରିବା ସହିତ ପୁରୁଷ ବନ୍ଧୁଙ୍କୁ ମାରପିଟ୍ କରିଥିଲେ। ଏହାପରେ ୧୦ଜଣଙ୍କ ମଧ୍ୟରୁ ୩ଜଣ ଉକ୍ତ ଯୁବତୀଙ୍କୁ ସେହି ସ୍ଥାନରୁ କିଛିଦୂରକୁ ନେଇ ଏକ ଅନ୍ଧାରିଆ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ। ଅନ୍ୟ ୭ଜଣ ଯୁବକ ଗଣଦୁଷ୍କର୍ମ କରିବାରେ ସେମାନଙ୍କୁ ସହଯୋଗ କରିବା ସହିତ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ନଜରବନ୍ଦୀ କରି ମାରପିଟ୍ କରିଥିଲେ। ଗଣଦୁଷ୍କର୍ମ ପରେ ଯୁବତୀଙ୍କ ଠାରୁ ନଗଦ ୧ହଜାର ଟଙ୍କା ଓ ଅନ୍‌ଲାଇନ୍‌ରେ ୩୦୦ଟଙ୍କା ନେଇ ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଘଟଣାକୁ ନେଇ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ରାତି ୧୧ଟା ସମୟରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଗୋପାଳପୁର ଓଭରବ୍ରିଜ ନିକଟରୁ ୨ଜଣଙ୍କୁ ଗିରଫ କରିବା ପରେ ସେମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରି ରବିବାର ରାତିରେ ଘଟଣାରେ ସମ୍ପୃକ୍ତ ଆନ୍ୟ ୫ଜଣଙ୍କୁ କାବୁ କରିଥିଲା ପୋଲିସ। ମଙ୍ଗଳବାର ସକାଳେ ପୁଣି ଆଉ ୩ଜଣଙ୍କୁ ପୁଲିସ ବ୍ରହ୍ମପୁରରୁ ଗିରଫ କରିଛି। ଏହି ଘଟଣରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରମୋଦ ନାୟକ ନାମରେ ହତ୍ୟା ପରି ସଙ୍ଗୀନ ଅପରାଧ ଥିବା ବ୍ରହ୍ମପୁର ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାର ୨୪ଘଣ୍ଟା ମଧ୍ୟରେ ସମସ୍ତ ୧୦ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ୧୦ଜଣଙ୍କ ମଧ୍ୟରେ ୬ଜଣ ସାବାଳକ ଥିବାବେଳେ ଅନ୍ୟ ୪ଜଣ ନାବାଳକ। ୬ ସାବାଳକ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ୪ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର ପରେ ବାଳସୁଧାର ଗୃହକୁ ପଠାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ବେଲଗାଁ ଥାନା ଅନ୍ତର୍ଗତ ପାଟପୁର ଗ୍ରାମର କୁନାଲ ପ୍ରଧାନ(୨୪), ହିଞ୍ଜିଳି ବୁରୁପଡାର ବାବୁରାମ ଦଳାଇ(୧୯), ଲକ୍ଷ୍ମଣ ପ୍ରଧାନ(୨୪),ସିକିରର ଓମ୍ ପ୍ରଧାନ(୧୯), ଦୀପକ ତରାଇ(୧୯) ଓ ପୁରୁଷୋତ୍ତମପୁରର ପ୍ରମୋଦ ନାୟକ(୨୩) ସାମିଲ। ଚିହ୍ନଟ ୧୦ଜଣଙ୍କ ମଧ୍ୟରୁ ୩ଜଣ ଯୁବକ ପୀଡ଼ିତାଙ୍କୁ ଗଣଦୁଷ୍କର୍ମ କରିଥିବା ବେଳେ ଅନ୍ୟ ୭ଜଣ ଗଣଦୁଷ୍କର୍ମରେ ସହଯୋଗ କରିଥିବା ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

### ନିନ୍ଦାକଲେ ମୁଖ୍ୟମନ୍ତ୍ରୀ...

ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଭଳି ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ମାନବତା ବିରୁଦ୍ଧରେ ଏକ ଅପରାଧ। ଏ ଘଟଣାରେ ସମ୍ପୃକ୍ତ କୌଣସି ଅପରାଧୀଙ୍କୁ ଛଡ଼ା ଯିବ ନାହିଁ। ଆଇନ ଅନୁମୋଦିତ ସବୁଠାରୁ କଠୋର ଦଣ୍ଡବିଧାନ କରାଯିବ। ଏହି ଘଟଣାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ଥିବା ସମସ୍ତ ଅପରାଧୀଙ୍କୁ ଧରାଯାଇ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ନବୀନଙ୍କ କ୍ଷୋଭ...

ନବୀନ କହିଛନ୍ତି ଯେ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଖବର ଅତ୍ୟନ୍ତ ସ୍ୱର୍ଶକାତର ଓ ଏହା ସଭିଙ୍କୁ ଏହା ବିଚଳିତ କରିଛି। ପର୍ଯ୍ୟଟନ ସ୍ଥଳୀରେ ମହିଳାମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତିଦିନ ମହିଳାଙ୍କ ଉପରେ ବଢୁଥିବା ନିର୍ଯାତନାକୁ ରୋକିବା ଦିଗରେ ସରକାର ସଜାଗ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଆଇନ ଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ । ତଥ୍ୟ ଅନୁଯାୟୀ ଗତ ୧୦ ମାସରେ ରାଜ୍ୟର ବିଭିନ୍ନ ଥାନାରେ ସାଢ଼େ ଚାରି ହଜାର ଦୁଷ୍କର୍ମ ମାମଲା ରୁଜୁ ହେଲାଣି । ହିସାବ କଲେ ହାରାହାରି ଦିନକୁ ୧୫ଟି ଦୁଷ୍କର୍ମ ଘଟଣା ଘଟୁଛି। ଯାହା ରାଜ୍ୟରେ ମା, ଭଉଣୀଙ୍କ ସୁରକ୍ଷା ପ୍ରତି ସାଂଘାତିକ ସ୍ଥିତି ସୃଷ୍ଟି କଲାଣି। ବିଶେଷ ନିକଟ ଅତୀତରେ କରି ଗଞ୍ଜାମ,ଖୋର୍ଦ୍ଧା,କନ୍ଧମାଳ, ବଲାଙ୍ଗୀର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଦୁଷ୍କର୍ମ ଜନିତ କିଛି ମାମଲାରେ ଅଭିଯୁକ୍ତ ଗିରଫ ହୋଇଥିଲେ ହେଁ ଅଧିକାଂଶ ମାମଲାରେ ପୁଲିସ ସେମାନଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଏହା ପ୍ରତ୍ୟକ୍ଷ ଭାବରେ ଅପରାଧୀଙ୍କ ମନୋବଳ ବୃଦ୍ଧି କରୁଥିବା ବେଳେ ମହିଳା ବିରୋଧୀ ହିଂସା ଏବଂ ଦୁଷ୍କର୍ମ ଘଟଣା ବୃଦ୍ଧିରେ ସହାୟକ ହେଉଛି। ଗତ ୬ ମାସ ହେବ ବିରୋଧୀ ବିଜେଡି ଓ କଂଗ୍ରେସ ଏହାକୁ ନେଇ ସରକାରଙ୍କୁ ସଜାଗ ହେବାକୁ ଦାବି କରୁଥିଲେ ହଁ ସରକାର ଏହାକୁ ଗୁରୁତର ସହ ଗ୍ରହଣ କରୁନାହାନ୍ତି। ଏପରିକି ଉଭୟ ବିରୋଧୀ ଗତ ବିଧାନସଭା ଅଧିବେଶନରେ ଏହାକୁ ନେଇ ପ୍ରବଳ ତମ୍ବିତୋଫାନ କରିଥିଲେ। କଂଗ୍ରେସ ସମସ୍ତ ସଦସ୍ୟଙ୍କୁ ମଧ୍ୟ ଏଥିପାଇଁ ଗୃହରୁ ନିଲମ୍ବିତ ହେବାକୁ ପଡ଼ିଥିଲା। ଏତେସବୁ ଘଟଣା ପରେ ମଧ୍ୟ ସରକାର ଏନେଇ ସଚେତନ ନହେବା କାରଣରୁ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ବାହାରକୁ ଗଲାଣି। ବିଶେଷକରି ଗୋପାଳପୁର ପରି ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳରେ ଏପରି ଘଟଣା ଘଟିବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ବୁଦ୍ଧିଜୀବି। ଏହା ରାଜ୍ୟର ମହିଳାଙ୍କ ସମ୍ମାନ ପ୍ରତି ଆଞ୍ଚ ଆଣିବା ସହ ଓଡ଼ିଶାର ଛବିକୁ ଖରାପ କଲାଣି। ସରକାର ସଜାଗ ନହେଲେ ଏପରି ଲଜ୍ଜାଜନକ ଏବଂ ସ୍ୱର୍ଶକାତର ଘଟଣା ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ମଧ୍ୟ ପ୍ରଭାବ ପକାଇବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

### ପ୍ରେମିକାକୁ ଉପହାର...

ସେମାନେ ଅନ୍ୟ ୪ ଜଣଙ୍କ ସହ ମିଶି ଏକ ପିକଅପ ଭ୍ୟାନ ଓ ଏକ କାର୍ ନେଇ ଯାଜପୁର ଜିଲ୍ଲା ପାଣିକୋଇଲିକୁ ଯାଇଥିଲେ। ସେଠାରେ ୭ ଜଣ ସାଙ୍ଗ ହୋଇ ପ୍ରଥମେ ଏକ ରୋଟର (ଚାଷ କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ର) ଚୋରି କରିଥିଲେ। ସେଠାରୁ ଚୋରି କରି ମାହାଙ୍ଗା ଦେଇ ଫେରୁଥିବାବେଳେ ବାଟରେ ପିସିଆର ଗୋଡାଇଥିଲା। ପୁଲିସ କବଳରୁ ରକ୍ଷା ପାଇବା ପାଇଁ ସିପୁନ ଓ ମାଷ୍ଟରମାଇଣ୍ଡ ସତ୍ୟରଞ୍ଜନ କାର୍‌ରୁ ଡେଇଁ ପଡ଼ିଥିଲେ। କିନ୍ତୁ ମାଷ୍ଟରମାଇଣ୍ଡ ଖସି ଯାଇଥିବାବେଳେ ସିପୁନ ଗୁରୁତର ହୋଇଥିଲା। ସିପୁନକୁ କାର୍ତ୍ତିକ କାର୍‌ରେ ବସାଇ ମାହାଙ୍ଗା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ କଟକ ବଡ ଡାକ୍ତରଖାନାକୁ ସିପୁନକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ସିପୁନର ମୃତ୍ୟୁ ଘଟିଥିଲା। କାର୍ତ୍ତିକକୁ ଗ୍ରାମବାସୀ ପୁଲିସ ଜିମା ଦେଇଥିଲେ। ପୁଲିସ କାର୍ତ୍ତିକକୁ ଜେରା କରି ଏସବୁ ରହସ୍ୟ ଉନ୍ମୋଚିତ ହୋଇଥିଲା। ଚୋର ଦଳର ମାଷ୍ଟରମାଇଣ୍ଡ ସତ୍ୟରଞ୍ଜନ ଓ ଅନ୍ୟ ୫ ଜଣ ଏବେବି ଫେରାର ଅଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସଦର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ ଅବକାରୀ ଅଧିକାରୀ



ଟାଙ୍ଗୀ,୧୭।୬(ସମିସ): ଟାଙ୍ଗୀ ଅବକାରୀ ସବ୍‌ଇନ୍ସପେକ୍ଟର ଅମରେନ୍ଦ୍ର ଶତପଥି ଜଣେ ମଦ ଲାଇସେନ୍ସପ୍ରାପ୍ତ ଭେଣ୍ଡରଙ୍କଠାରୁ ପ୍ରତି ମାସରେ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ଟାଙ୍ଗୀ ଅବକାରୀ ବିଭାଗର ଅଧିକାରୀ ସବ୍‌ଇନ୍ସପେକ୍ଟର ଅମରେନ୍ଦ୍ର ଶତପଥି ଜନୈକ ଲାଇସେନ୍ସପ୍ରାପ୍ତ ମଦ ବିକ୍ରେତାଙ୍କୁ ଖୁଲମଖୁଲା ମଦ ବ୍ୟବସାୟ କରିବା ପାଇଁ ଅଭୟ ପ୍ରତିଶ୍ରୁତି ଦେବାକୁ କହି ପ୍ରତି ମାସରେ ୮ ହଜାର ଟଙ୍କା ବଟି ନେଉଥିଲେ। ଏହି ଘଟଣା ସମ୍ପର୍କରେ ସମ୍ପୃକ୍ତ ମଦ ବ୍ୟବସାୟୀ ଭିଜିଲାନ୍ସ ବିଭାଗର ସହାୟତା ଲୋଡ଼ିଥିଲେ। ଏପରିକି ଏହି ନିର୍ଦ୍ଦିଷ୍ଟ ଟଙ୍କା ପ୍ରତି ମାସରେ ଠିକ୍‌ରେ ନ ଦେଲେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ୍ୟ ଭୟ ଦେଖାଇ ଆସୁଥିଲେ ବୋଲି ଅଭିଯୋଗ କରିଥିଲେ। ଉକ୍ତ ଅସାଧୁ ଅଫିସରଙ୍କୁ କାବୁ କରିବା ପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ମଙ୍ଗଳବାର ସମ୍ପୃକ୍ତ ମଦ ବ୍ୟବସାୟୀ ଅବକାରୀ ସବ୍‌ଇନ୍ସପେକ୍ଟର ଶ୍ରୀ ଶତପଥିଙ୍କୁ ଟଙ୍କା ଦେବା ସମୟରେ ଛକି ରହିଥିବା ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିବା ଜଣାପଡ଼ିଛି। ଭିଜିଲାନ୍ସ ବିଭାଗୀୟ ଅଧିକାରୀ ଏକକାଳୀନ ଶ୍ରୀ ଶତପଥିଙ୍କର ତିନିଟି ସ୍ଥାନରେ ଚଢ଼ଉ ଜାରି ରହିଥିବା ମଧ୍ୟ ଜଣାପଡ଼ିଛି। ଭୁବନେଶ୍ୱର ଭିଜିଲାନ୍ସ ଥାନା କେସ୍ ନମ୍ବର ୧୧/୨୦୨୫, ଧାରା ୭ ଅନୁସାରେ ଶ୍ରୀ ଶତପଥିଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

## କୁଲଡ଼ିହା ଅଭୟାରଣ୍ୟରୁ ହାତୀର ଗଳିତ ମୃତଦେହ ଉଦ୍ଧାର

ନୀଳଗିରି,୧୭।୬ (ସମିସ): କୁଲଡ଼ିହା ଅଭୟାରଣ୍ୟରୁ ଏକ ହାତୀର ଗଳିତ ମୃତଦେହ ବନବିଭାଗ ଠାବ କରିଛି। ୪/୫ଦିନ ପୂର୍ବରୁ ଏକ ହାତୀର ମୃତଶରୀର କୁଲଡ଼ିହା ଅଭୟାରଣ୍ୟ ପାଦ ଦେଶର ପୁଟିବନ୍ଧ ଉପରଭାଗରେ ପଡ଼ିଥିବା ସ୍ଥାନୀୟ କେତେକ ଲୋକେ ଛେଳି ଚରେଇବାକୁ ଯାଇ ଦେଖିବାକୁ ପାଇଥିଲେ। ପରେ ନୀଳଗିରି କୁଲଡିହା ବନବିଭାଗ ଅଧିକାରୀ ଘଟଣା ସ୍ଥଳକୁ ଯାଇଥିଲେ। ଘଟଣା ବାବଦରେ କୁଲଡିହା ରେଞ୍ଜର ସୁବ୍ରତ ବେହେରା ବାଲେଶ୍ୱର ଭାରାପ୍ରାପ୍ତ ଡିଏଫ୍‌ଓଙ୍କ ସମେତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲା ପରେ ସମସ୍ତ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କଳାପରେ ମୃତ ହାତୀର ଶବ ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି।

## ମାଡ଼ିଗଲା ଟ୍ରକ୍; ୭୦ ଛେଳି ମୃତ

ଖଲ୍ଲିକୋଟ,୧୭।୬(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବଡ଼ ଘାଟି ରାସ୍ତାରେ ମଙ୍ଗଳବାର ଦିନ ପ୍ରାୟ ୨ଟାରେ ଘଟିଛି ସଡ଼କ ଦୁର୍ଘଟଣା। ଗୋଟିଏ ଛେଳିପଲ ରାସ୍ତାରେ ଯାଉଥିବାବେଳେ ଏକ ଟ୍ରକ୍ ମାଡ଼ିଯିବାରୁ ପ୍ରାୟ ୭୦ଟି ଛେଳିଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ବି. ରାମେୟା ପାତ୍ର ଓ ବି. ମୋଚିରାମ ପାତ୍ର ସକାଳୁ ଛେଳି ଓ ମେଣ୍ଢା ପଲ ଧରି ବଡ଼ ଘାଟି ଉପରକୁ ଚରାଇବାକୁ ନେଇଥିଲେ। ସେଠାରୁ ଦିନ ୨ଟାରେ ଛେଳି ଓ ମେଣ୍ଢା ପଲ ଧରି ଗାଁକୁ ଫେରୁଥିବାବେଳେ ଏକ ଟ୍ରକ୍ ଦ୍ରୁତଗତିରେ ଆସି ପଲ ଉପରେ ମାଡ଼ି ଚାଲିଯାଇଥିଲା। ପଲରେ ୨୦୦ ଛେଳି ଓ ମେଣ୍ଢା ରହିଥିବାବେଳେ ଟ୍ରକ୍ ଚାପାରେ ପ୍ରାୟ ୭୦ ଛେଳି ଓ ମେଣ୍ଢାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାସ୍ଥଳର ଦୃଶ୍ୟ ଏତେ ଭୟଙ୍କର ଥିଲା ଯେ ଜଣେ ସୁସ୍ଥ ମନୁଷ୍ୟ ଦେଖିବା ସମ୍ଭବ ନୁହେଁ। ଛେଳି ଓ ମେଣ୍ଢାଙ୍କ ଗୋଡ଼, ମୁଣ୍ଡ, ରକ୍ତ, ମାଂସ ରାସ୍ତା ସାରା ବିଛାଡ଼ି ହୋଇ ପଡ଼ିଥିଲା। ସେହି ରାସ୍ତା ଦେଇ ଯାଉଥିବା ପଥଚାରୀ ଓ ଯାତ୍ରୀମାନେ ଏଭଳି ଦୃଶ୍ୟ ଦେଖି ଶିହରୀ ଉଠୁଥିଲେ। ଖବର ପାଇ ଖଲ୍ଲିକୋଟ ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଦୁର୍ଘଟଣା ଘଟାଇ ଚମ୍ପଟ ମାରିଥିବା ଟ୍ରକ୍‌କୁ ଧରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି।

## ଅଭୟ ସାହୁ କିଷାନ କଂଗ୍ରେସ ନୂତନ ଅଧ୍ୟକ୍ଷ

ଭୁବନେଶ୍ୱର,୧୭।୬(ସମିସ): ଅଭୟ ସାହୁ ରାଜ୍ୟ କିଷାନ କଂଗ୍ରେସର ନୂତନ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଶ୍ରୀ ସାହୁଙ୍କ ନିଯୁକ୍ତିକୁ ଏଆଇସିସିର ମୋହର ବାଜିଛି। ପୂର୍ବରୁ ଅମିୟ ପଟ୍ଟନାୟକ କିଷାନ କଂଗ୍ରେସ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ଏହି କମିଟି ଭଙ୍ଗ ହେବା ପରେ ନୂତନ ଅଧ୍ୟକ୍ଷ ଭାବେ ଅଭୟ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।


**ZILLA SWASTHYA SAMITI, MALKANGIRI**

**RETENDER CALL NOTICE** E-173

No: 7067/2025 Date: 17/06/2025

Sealed retenders are invited from interested suppliers / firms for supply of the Food Baskets (Nutrition Kits) for TB Patients on annual rate contract basis to the C.D.M & P.H.O, Malkangiri. The details regarding specifications, terms and conditions are remain same as before (as 6398/2025) may be downloaded from district website **www.malkangiri.odisha.gov.in.** The bids in sealed envelope should reach the office of the undersigned by **24.06.2025** within Office hours by **5.30 P.M** along with all relevant documents. The tender will be opened on **25.06.2025 at 11.00 A.M** in presence of bidders or their authorized representatives. The undersigned reserves the right to reject any or all the tenders without assigning any reason thereof.

Sd/-
C.D.M & P.H.O-cum-District Mission Director
District Health Mission, Malkangiri

OIPR-10086/11/0016/2526

यूनियन बैंक Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର**
୧ମ ମହଲା, ବାଲାଜୀ ମିଟ୍ଟାଉନ, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪, ଜିଲ୍ଲା: ସମ୍ବଲପୁର, ଓଡ଼ିଶା

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ ଆମର **ସମ୍ପୃକ୍ତ ଶାଖା ପରିସରରେ ତା.୨୬.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ଋଣ ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

**ରାଉରକେଲା ମେନ୍ ରୋଡ୍ (୩୦୨୧୦), ପ୍ରଥମ ମହଲା, ରୋଜି ଶପିଙ୍ଗ୍ ସେଣ୍ଟର, ମେନ୍ ରୋଡ୍, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ-୭୬୯୦୦୧, ମୋ.: ୯୪୩୭୦୩୭୦୩୨୧**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|
| ୧. | ସାବିତ୍ରୀ ଦେବୀ, ମାର୍ଫତ: କ୍ୱାଲା ଇଞ୍ଜିନିୟରିଂ ୱାର୍କ, ଉଦିତନଗର, ରାଉରକେଲା-୧୨, ଉଦିତନଗର, ରାଉରକେଲା-୭୬୯୦୦୧ /୩୦୨୧୦୬୫୪୦୦୦୦୨୨୬ | ଟ.୨,୧୪,୧୮୬.୦୬ | ୪୩.୪୦ |
| ୨. | ସାବିତ୍ରୀ ଦେବୀ, ମାର୍ଫତ: କ୍ୱାଲା ଇଞ୍ଜିନିୟରିଂ ୱାର୍କ, ଉଦିତନଗର, ରାଉରକେଲା-୧୨, ଉଦିତନଗର, ରାଉରକେଲା-୭୬୯୦୦୧ / ୩୦୨୧୦୬୫୪୦୦୦୦୨୪୦ | ଟ.୭,୬୬,୮୨୪/- | ୧୪୧.୬୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୧,୦୦୦/-** ଅମାନତ ଆକାରରେ ଜମା ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାରଗୁଡ଼ିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯାଞ୍ଚ କରିପାରିବେ।
୩) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୪) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୫) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୬) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତ କରିପାରିବ।
୭) ସଫଳ ବିଡର ସମ୍ପୂର୍ଣ୍ଣ ବିଡ ପରିମାଣ ଏକାଥରେ ପ୍ରଦାନ କରିବେ ଏବଂ ଅଳଙ୍କାରଗୁଡ଼ିକୁ ତାଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱରେ ଗ୍ରହଣ କରିବେ ଏବଂ କୌଣସି କାରଣରୁ ଉକ୍ତ ବିଡରଙ୍କୁ ଆମ ବ୍ୟାଙ୍କ ତରଫରୁ କୌଣସି ସହାୟତା ପ୍ରଦାନ କରାଯିବ ନାହିଁ।
୮)ଯଦି ସଫଳ ବିଡର ବିଡ ପରିମାଣ ପ୍ରଦାନ କରିବେ ନାହିଁ ଏବଂ/କିମ୍ବା ଏପରି କିଛି କରିବେ ଯାହା ନୂତନ ନିଲାମ ବିକ୍ରୟକୁ ସ୍ଥଗିତ ରଖିବାର ଆବଶ୍ୟକତା ସୃଷ୍ଟି କରିପାରେ, ତେବେ ନିଲାମ ସମାପ୍ତ କରିବାରେ ତାଙ୍କର ତ୍ରୁଟି ଯୋଗୁଁ ହୋଇଥିବା କ୍ଷତି ନିମନ୍ତେ ସେ ବ୍ୟାଙ୍କକୁ କ୍ଷତିପୂରଣ ଦେବାକୁ ଦାୟୀ ରହିବେ।

**ସ୍ଥାନ: ସମ୍ବଲପୁର, ତାରିଖ:୧୭.୦୬.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**CHANGE OF NAME**

**I, KABITA MANJARI MAHAPATRA, W/o Sanjay Kumar Mahapatra do hereby declare that my name changed as Kabita Mahapatra instead of Kabita Manjari Mahapatra. I shall be known as KABITA MAHAPATRA for all future purposes.**

**AFFIDAVIT**

I, Prasanta Mohapatra, F/o.: Priyanka Mohapatra, resident of At- Plot No.: IVA -21/6, Unit-2, PO.: Ashok Nagar, P.S.: Kharavel Nagar, Bhubaneswar, Dist.: Khordha, PIN-751009, Odisha, declare by this affidavit No.: 1172, dated-17/06/2025, that now onwards I shall be known as PRASANTA KUMAR MOHAPATRA for all future purposes.

**LOST**

I **Shiba Charan Sahoo,** S/o- Late Shyam Prasad Sahoo, resident of Plot No. L/348, Dumduma Housing Board Colony, Bhubaneswar lost my original registered sale deed bearing ID No. 1121503674, Document No. 11121303595 dated 23.09.2015 for land in Mouza- U. Mundamuhan, Tahasil- Jatani, SR- Jatani, Khata No. 384/1077, Plot No. 530/1106/1172, Area: Ac. 0.037 dec. while traveling from Baramunda to Ruchika Market, Bhubaneswar on 05.06.2025. If anybody finds the same please contact Bharatpur police station or on the above mentioned address.

Shiba Charan Sahoo

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

By virtue of an affidavit sworn before Executive Magistrate: Papadahandi. on 17-06-2025. I Santosh Kumar Singh, residing At/Po/Ps: Papadahandi Dist: Nabarangpur, declare that I have changed my Son's name from Vinayak Singh to Binayak Kumar Singh. Henceforth he shall be known as **Binayak Kumar Singh** for all purposes.

**AFFIDAVIT**

I, T. Biswajeet, S/o.: Dev Kamal Ganguly, Residing at Plot No.: 879/32G, Sudha Niwas, CDA, Sector-6, P.S.: Markatnagar, Dist.: Cuttack, PIN-753014, Odisha. My Adhaar No.: 6344 2218 1017. declare by this affidavit No.: 16AA 614915 dtd 28.05.2025 that now onwards I shall be known as BISWAJEET GANGULY for all future purposes.

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

**CONTACT : 6371093914**

**AFFIDAVIT**

By virtue of an affidavit Sl. No. 1613, dtd. 10.06.2025 in the Executive Magistrate, Phulbani, Dist.- Kandhamal,I, Pravati Prusty, have changed my name from Prabhati Sahu to Pravati Prusty. Henceforth I shall be known as Pravati Prusty instead of Prabhati Sahu for all purposes.

**Sd/- Pravati Prusty**

**AFFIDAVIT**

I, Reena Mohapatra, M/o.: Priyanka Mohapatra, resident of At- Plot No.: IVA -21/6, Unit-2, PO.: Ashok Nagar, P.S.: Kharavel Nagar, Bhubaneswar, Dist.: Khordha, PIN-751009, Odisha, declare by this affidavit No.: 1173, dated-17/06/2025, that now onwards I shall be known as NIRUPAMA MOHAPATRA for all future purposes.

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ.17-KUR-TRD-OT-2025-26
କାର୍ଯ୍ୟର ନାମ : ପଲାସା (PSA) ଷ୍ଟେସନର DN ସାଇଡ୍‌ରେ ଉଚ୍ଚ ସ୍ତରୀୟ ପାସେଞ୍ଜର ପ୍ଲାଟଫର୍ମ ସହିତ ଏକ ଅତିରିକ୍ତ ଲାଇନର ବ୍ୟବସ୍ଥା ସମ୍ବନ୍ଧୀୟ OHE ରୂପାନ୍ତରଣ ଏବଂ ବିଦ୍ୟୁତୀକରଣ କାର୍ଯ୍ୟ ସମ୍ପାଦନ।
ବିଜ୍ଞାପିତ ମୂଲ୍ୟ : ₹ 4,22,82,227.96, EMD : ₹ 3,61,400/-, ଶେଷ ହେବା ଅବଧି : 180 ଦିନ।
(2) ଟେଣ୍ଡର ସଂ.18-KUR-TRD-OT-2025-26
କାର୍ଯ୍ୟର ନାମ : ମାଳତୀପାଟପୁର-ପୁରୀ ଷ୍ଟେସନ ମଧ୍ୟରେ ପୁରୀ କୋଣାର୍କ ରୋଡ୍‌ରେ ଲେଭେଲ କ୍ରସିଙ୍ଗ ନଂ. KP-42 (NH-316 ର କି.ମି. 60/200) ଠାରେ ରେଲୱେ ଓଭର ବ୍ରିଜ୍ (ROB) ର ନିର୍ମାଣ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟ ସମ୍ପାଦନ।
ବିଜ୍ଞାପିତ ମୂଲ୍ୟ : ₹ 11,25,083.57, EMD : ₹ 22,500/-, ଶେଷ ହେବା ଅବଧି : 180 ଦିନ।
ବିକ୍ରୀ ଆରମ୍ଭ ହେବା ତାରିଖ : ତା.19.06.2025ରିଖ (ଉଭୟ ଟେଣ୍ଡର ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.07.2025ରିଖ 1300 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ହେଲେ କୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-240/Q/25-26

**AFFIDAVIT**

By virtue of an affidavit sworn before Executive Magistrate: Papadahandi. on 17-06-2025. I Surendra Bisoyi, residing At: Niladriguda Po: Nakatiguda, Ps: Papadahandi, Dist: Nabarangpur, declare that I have changed my Daughter's name from Topashpini to Tapaswini Bisoyi. Henceforth she shall be known as **Tapaswini Bisoyi** for all purposes.

**AFFIDAVIT**

By virtue of an affidavit Sl. No. 5387, dtd. 04.06.2025 before the Executive Magistrate, Phulbani, Dist.- Kandhamal,I, Kanaki Digal, have changed my minor son's name from Bijayaprasad Behera to Bijaya Kumar Behera. Henceforth he will be known as Bijaya Kumar Behera for all purposes.

**Sd/- Kanaki Digal**

**AFFIDAVIT**

By virtue of an affidavit before the Executive Magistrate, Athmallik, I Rabi Bagha, S/o-Purnachandra Bagha, At-Ghodagadi, PO-Kandhapada, PS-Kiakata, SD-Athmallik, Dist-Angul do hereby declare that my correct name is Rabi Bagha which has been mentioned in Voter Card & ROR. But in my Aadhaar Card bearing No- 970958235002 wrongly mentioned as Rabindra Bagha instead of Rabi Bagha. Henceforth both the names are same & one person.

**AFFIDAVIT**

I Kartik Dey, S/o- Ram Chandra Dey, resident of Village- Taladi, Po- Kakhada, Ps-Bhograi, Dist-Balasore, Odisha, declared by affidavit before Executive Magistrate, Bhograi No. 1634/ dtd-13/05/2025 that My son name as Bijay Dey in his Birth Certificate, that wrongly mentioned as Bhola Dey in Adhar. Bijay Dey and Bhola Dey is one & same person.Hence my son shall be known as Bijay Dey for all future purpose.

### ନୂଆପଡ଼ା ଜିଲ୍ଲାରେ ଧାନ ସଂଗ୍ରହରେ ଅବ୍ୟବସ୍ଥା

# ଜିଲ୍ଲାପାଳଙ୍କୁ ଭେଟି ଅସନ୍ତୋଷ ଜଣାଇଲା ବିଜେଡି

ନୂଆପଡ଼ା, ୧୭ ।୬(ସମିସ)

ନୂଆପଡ଼ା ଜିଲ୍ଲାରେ ରବିଧାନ ସଂଗ୍ରହରେ ଅବ୍ୟବସ୍ଥା ଦେଖା ଦେଇଛି। ବର୍ଷା ଦିନ ପ୍ରବେଶ କରି ସାରିଲାଣି। ମଣ୍ଡି ଗୁଡିକରେ ଏବେ ବି ଖୋଲା ଆକାଶ ତଳେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ି ରହିଛି। ନାନା ବାହାନା କରି ମିଲର୍ସ ମଣ୍ଡିକୁ ଆସୁନାହାନ୍ତି। ଏଣୁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଲାଣି। ଏହାକୁ ନେଇ ବିଜେଡ଼ି ପ୍ରତିନିଧି ଦଳ ମଣ୍ଡି ପରିଦର୍ଶନ କରିଛନ୍ତି। ନୂଆପଡ଼ା ଜିଲ୍ଲାରେ ଧାନ ସଂଗ୍ରହରେ ଅଚଳାବସ୍ଥା ଜାରି ରହିଛି। ଏବେ ଜିଲ୍ଲାର ବିଭିନ୍ନ ମଣ୍ଡିରେ ୫୦ ହଜାରରୁ ଅଧିକ ବସ୍ତା ଧାନ ପଡ଼ିଛି। ୨ ଦିନ ହେବ ଜିଲ୍ଲାରେ ଝିପିଝିପି ବର୍ଷା ଲାଗି ରହିଛି। ଏଣୁ ଚାଷୀ ଆତଙ୍କିତ ହୋଇ ପଡ଼ିଛନ୍ତି। ଏହାକୁ ନେଇ ନୂଆପଡ଼ା ବିଧାୟକ ପ୍ରତିନିଧି ଜୟ ଢୋଲକିଆ ଓ ବିଜେଡ଼ି ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଶୀଙ୍କ ନେତୃତ୍ୱରେ ଏକ



ପ୍ରତିନିଧି ଦଳ ମଣ୍ଡି ପରିଦର୍ଶନ କରି ସ୍ଥିତି ରଖିଛନ୍ତି। ମଙ୍ଗଳବାର ଏମାନେ କୋମନା ବ୍ଲକର କୁରେଶ୍ୱର, ତରବୋଡ଼, ନୂଆପଡ଼ା ବ୍ଲକର ପଞ୍ଚମପୁର, ମୋଟା ନୂଆପଡ଼ା ଓ ସାରାବଙ୍ଗ ମଣ୍ଡି ପରିଦର୍ଶନ କରିଛନ୍ତି। ଏହାସହ ଉପସ୍ଥିତ ଚାଷୀଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ଶେଷରେ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ବିଜେଡ଼ି ରାଜ୍ୟ ସମ୍ପାଦକ ରାଜେଶ ନିଗମ, ଜିଲ୍ଲା ସାଧାରଣ ସମ୍ପାଦକ କାଳିଆ ପ୍ରଧାନ, ଉପସଭାପତି ଧନୀରାମ ସାହୁ, ପ୍ରମୋଦ ସାହୁ, ଜିଲ୍ଲା ସମ୍ପାଦକ ରବି ବାଗ, ବରିଷ୍ଠ ନେତା ଗଦାଧର ଗହୀର, ଚୁରନସିଂ ମାଝି, ଯୁବନେତା ଅଜୟ ଗହୀର ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମଗଡ଼ ଉପ ଜିଲ୍ଲାପାଳଙ୍କ ଜାମିନ ନାମଞ୍ଜୁର

ଭବାନୀପାଟଣା, ୧୭ ।୬ (ସମିସ): ଧର୍ମଗଡ଼ ଉପ ଜିଲ୍ଲାପାଳ ଧୀମାନ ଚକମା (ଆଇଏଏସ୍) ଜଣେ ବ୍ୟବସାୟୀଙ୍କଠାରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଇ ଧରାପଡ଼ିବା ଏବଂ ଜେଲ୍ ଯିବା ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଛି। ଏହି ଘଟଣାରେ ମଙ୍ଗଳବାର ଭିଜିଲାନ୍ସ କୋର୍ଟରେ ଜାମିନ ପାଇଁ ଆବେଦନ ହୋଇଥିଲା। ବିଚାରପତି କିନ୍ତୁ ଜାମିନ ନାମଞ୍ଜୁର କରିଛନ୍ତି। ଉପ ଜିଲ୍ଲାପାଳ ଉଚ୍ଚ ନ୍ୟାୟଳୟ ତଥା ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି ତାଙ୍କ ଆଇନଜୀବୀ



ଦିଲ୍ଲୀପ ସା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଭିଜିଲାନ୍ସ ପକ୍ଷରୁ ଏହି ମାମଲାର କେଶ୍ ଡାଇରୀ କୋର୍ଟରେ ଦାଖଲ ହୋଇନାହିଁ। ମୋବାଇଲ ବାର୍ତ୍ତାଳାପର ଭଏସ ଟେଷ୍ଟ ଭଳି ଗୁରୁତର କାର୍ଯ୍ୟ ମଧ ସରିନାହିଁ। ଭିଜିଲାନ୍ସ କୋର୍ଟର ବିଚାରପତି କେସ୍ ପରିଚାଳନା କରୁଥିବା ଆଇନଜୀବୀ ଶ୍ରୀ ସାଙ୍କ ଦ୍ୱାରା ଘଟଣାର ବିବରଣୀ ଶୁଣି ଜାମିନ ନାମଞ୍ଜୁର ଖାରଜ କରିଛନ୍ତି। ଏହି ଜାମିନ ଆବେଦନକୁ ନେଇ ସମସ୍ତଙ୍କ ମଧରେ ଉତ୍କଣ୍ଠା ବୃଦ୍ଧି ପାଇଛି। ପରବର୍ତ୍ତୀ ଶୁଣାଣି କେବେ ହେବ ସେ ନେଇ ତାରିଖ ଜଣାପଡ଼ିନାହିଁ।

# ମାରୱାଡ଼ି ଯୁବ ମଞ୍ଚ ପକ୍ଷରୁ ମେଗା ରକ୍ତଦାନ ଶିବିର

କେସିଙ୍ଗା, ୧୭ ।୬(ସମିସ):ସ୍ଥାନୀୟ ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ଥାନା ସମ୍ମୁଖରେ ଥିବା ଅଗ୍ରସେନ ଭବନରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ପୂର୍ବତନ ନଗରପାଳ ରାମ କୁମାର ଜୈନ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିକାଶ ଅଗ୍ରୱାଲ, ନିଖିଲେଶ ଅଗ୍ରୱାଲ, ସୁରଜ ଅଗ୍ରୱାଲ, ବିବେକ ଜୈନ, ଅଙ୍କିତ ଗୁପ୍ତା, ନିର୍ମଳ ଗୁପ୍ତା, ଆଲୋକ ଗୋଏଲ, ସୁରେଶ ଗୋଏଲ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



## କେସିଙ୍ଗା ଏନ୍‌ଏସିରେ ବିକାଶ ବାହନ ରଥର ପରିକ୍ରମା



କେସିଙ୍ଗା, ୧୭ ।୬(ସମିସ): କେସିଙ୍ଗା ଏନ୍‌ଏସିରେ ବିକାଶ ବାହନ ରଥ ପରିକ୍ରମା କରିଛି। ଅଧ୍ୟକ୍ଷ ନୃପରାଜ ଯାଦବ ଏନ୍‌ଏସି କାର୍ଯ୍ୟାଳୟଠାରେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଟାଉନ ନୋଡାଲ ଅଫିସର ନାରାୟଣ ମହାରଣା, ବିକାଶ ବାହନ ନୋଡାଲ ଅଫିସର ନାରାୟଣ ସେନ, ମୋହନ ସାହୁ, ନୃସିଂହ ଚରଣ ବେହେରା, ଦିବାକର ଜେନା, ଶ୍ରୀନିବାସ ଶ୍ରିନୁ, ଆକୁଳ ନାଏକ, ଗଦାଧର ସିଂଦେଓ, ରମାକାନ୍ତ ଜେନା, ଧରଣୀଧର ନାଏକଙ୍କ ସମେତ ସମସ୍ତ ୱାର୍ଡର କାଉନସିଲରଙ୍କ ସମେତ ଏନ୍‌ଏସିର ସମସ୍ତ କର୍ମଚାରୀ, ସ୍ୱଚ୍ଛସାଥୀ, ୱାର୍ଡ ସଂଯୋଜକ ଉପସ୍ଥିତ ଥିଲେ।

## ଶିଶୁ ଶ୍ରମିକ ସଚେତନତା ଶୋଭାଯାତ୍ରା




ନୂଆପଡ଼ା, ୧୭।୬(ସମିସ): ନୂଆପଡ଼ା ଜିଲ୍ଲା ମୁଖ୍ୟାଳୟରେ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶିଶୁ ଶ୍ରମିକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ନିଜ କାର୍ଯ୍ୟାଳୟରୁ ପତାକା ଦେଖାଇ ସଚେତନତା ରଥ ଓ ଶୋଭାଯାତ୍ରାର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ସରକାର ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶା କରିବାକୁ ସଂକଳ୍ପ ନେଇଛନ୍ତି। ଏହି କ୍ରମରେ ଶିଶୁ ଶ୍ରମିକଙ୍କୁ କୌଣସି କାମରେ ନିୟୋଜିତ କରାଯିବା ସମ୍ପର୍କରେ ସୂଚନା ମିଳିଲେ ତୁରନ୍ତ ପୁଲିସ, ପ୍ରଶାସନ, ଶ୍ରମ ବିଭାଗର ନଜରକୁ ଆଣିବାକୁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଜନସଚେତନତା ସୃଷ୍ଟି ନେଇ ନୂଆପଡ଼ା ଜିଲ୍ଲାର ସବୁ ପଞ୍ଚାୟତରେ ଏହି ରଥ ବୁଲିବ ବୋଲି କୁହାଯାଇଥିଲା। ଅତିରିକ୍ତ ଶ୍ରମ କମିଶନର ରବୀନ୍ଦ୍ର କୁମାର ବାର୍ଲାଙ୍କ ଦ୍ୱାରା ଆୟୋଜିତ ଏହି ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ପ୍ରମୁଖ ଯୋଗ ଦେଇଥିଲେ।

# ଚିତାରମା ଗ୍ରାମବାସୀଙ୍କୁ ଭେଟିଲେ ବିଜେପି ପ୍ରତିନିଧି ଦଳ

ସିନାପାଲି, ୧୭ ।୬(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ଆଦିବାସୀପ୍ରବଣ ଘାଟମାଲ ପଞ୍ଚାୟତର ଚିତାରମା ଗାଁରେ ବିଜେପି ପ୍ରତିନିଧି ଦଳ ପହଞ୍ଚିଛନ୍ତି। ଏହି ଗାଁରେ ଲାଗି ରହିଥିବା ଅନେକ ସମସ୍ୟାକୁ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ବିଜେପିର ଏକ ପ୍ରତିନିଧି ଦଳ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ସବୁ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ମଧ ଦେଇଛନ୍ତି।



ଚିତାରମା ଗାଁ ଲୋକେ ଅନେକ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ରହି ଦୁଃସ୍ଥ ଜୀବନ ଯାପନ କରୁଛନ୍ତି। ଗାଁ କୁ ବିକାଶ ଛୁଇଁ ପାରି ନ ଥିବା ବେଳେ ଆଜି ପର୍ଯ୍ୟନ୍ତ ଜଙ୍ଗଲି ଜୀବନ ବିତାଉଛନ୍ତି। ଗାଁରେ ବିଦ୍ୟୁତ୍ ସଂଯୋଗ ହୋଇ ପାରି ନ ଥିବା ବେଳେ ଅନ୍ଧାରୀ ଜୀବନ ବିତାଉଛନ୍ତି। ଗାଁଠାରୁ ମାତ୍ର ୨ କିଲୋମିଟର ଦୂରରେ ଥିବା ନଙ୍ଗଲଘାଟ ଓ ସିନ୍ଦୂରଶିଲ ଗ୍ରାମରେ କେବେ କେତେ ଦିନଠାରୁ ବିଦ୍ୟୁତ ସଂଯୋଗ ହୋଇ ସାରିଥିବା ବେଳେ ଏହି ଗାଁ ପ୍ରତି ପ୍ରଶାସନ

**'ସକାଳ' ପ୍ରଭାବ**

ଆଖି ବୁଜି ଦେଇଛି। ସେହିଭଳି ରାସ୍ତା, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ୟା ଭଳି ଅନେକ ମୌଳିକ ସୁବିଧାରୁ ବଞ୍ଚିତ ରହି ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଶେଷରେ ଖବର ପକାଶ ପରେ ବିଜେପିର ଚେତା ପଶିଛି। ପୂର୍ବତନ ଖଡିଆଳ ବିଧାୟକ ହିତେଶ ବଗର୍ତ୍ତି ନେତୃତ୍ୱରେ ସୁବ୍ରତ କୁମାର ଠାକୁର, ପ୍ରିୟ ରଞ୍ଜନ ମେହେର, ଶିବପ୍ରସାଦ ମୁଣ୍ଡ, ପ୍ରେମସିନ୍ଧୁ ହେର୍ଣା, ନରହରି ହଂସ, ପ୍ରତାପ ଗୁଆଲ, କୃତିବାସ ତେଜି ପ୍ରମୁଖ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ସବୁ ସମସ୍ୟା ସମାଧାନ କରିବା ପାଇଁ ଏହି ପ୍ରତିନିଧି ଦଳ ପ୍ରତିଶ୍ରୁତି ଦେଇଛନ୍ତି।

## ପଞ୍ଚାୟତସ୍ତରୀୟ ନବମ ଯାଦବ ମହାସଭା



ଲାଞ୍ଜିଗଡ଼, ୧୭ ।୬(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତସ୍ତରୀୟ ନବମ ଯାଦବ ମହାସଭା ବୈଠକ ଅନୁଷ୍ଠିତ ହୋଇଯାଇଛି। ମଧୁପୁରଠାରେ ଅନୁଷ୍ଠିତ ଏହି ବୈଠକରେ ଲାଞ୍ଜିଗଡ଼ ବ୍ଲକ ଯାଦବ ମହାସଭାର ସାଧାରଣ ସମ୍ପାଦକ ଧବଳେଶ୍ୱର ଠେଲା, କୋଷାଧ୍ୟକ୍ଷ ଲକ୍ଷ୍ମୀ ଚଣ୍ଡୀ, ରାଘବ ଗହୀର ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଉପସଭାପତି ଶୋଭାବନ ଛତରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ତୀର୍ଥ ଗହୀର ଓ ନୃପରାଜ ଛତର ପରିଚାଳନା କରିଥିଲେ। ଏହି ଅବସରରେ ଯାଦବ ମହାସଭା ଗୋବର୍ଦ୍ଧନପୁର ପଞ୍ଚାୟତସ୍ତରୀୟ କମିଟି ଗଠିତ ହୋଇଥିଲା। ଏଥିରେ ପଞ୍ଚାୟତ ସଭାପତି ଭାବେ ଶୋଭାବନ ଛତର, ଉପସଭାପତି ଭାବେ ନିତ୍ୟାନନ୍ଦ ଛତର, ସାଧାରଣ ସମ୍ପାଦକ ଭାବେ ନୃପରାଜ ଛତର, ସଂଗଠନ ସମ୍ପାଦକ ତୀର୍ଥ ଗହୀର, କୋଷାଧ୍ୟକ୍ଷ ଭାବେ ହୃଷିକେଶ ବଗର୍ତ୍ତିଙ୍କୁ ମନୋନୀତ କରାଯାଇଥିଲା। ସେହିପରି ପଞ୍ଚାୟତର ୯ ଖଣ୍ଡ ଗାଁ ପାଇଁ ୯ଟି ଗ୍ରାମ୍ୟ କମିଟି ଓ ଭାତ କମିଟି ଗଠନ କରାଯାଇଥିଲା।

# କବି ଚଣ୍ଡିଚରଣ ବିଶିଙ୍କ ଜୟନ୍ତୀ

ସିନାପାଲି, ୧୭ ।୬ (ସମିସ): ଓଡ଼ିଶା-ଛତିଶଗଡ଼ ସୀମାରେ ରହି ଜୀବନସାରା ସାହିତ୍ୟ ସାଧନା ମାଧ୍ୟମରେ ଓଡ଼ିଆ ଭାଷା ସୁରକ୍ଷା ଦିଗରେ ମହତ୍ୱପୂର୍ଣ୍ଣ ଅବଦାନ ଦେଇଥିବା କବି ଚଣ୍ଡିଚରଣ ବିଶିଙ୍କ ଜୟନ୍ତୀ



କବିଗ୍ରାମ ସିଙ୍ଗଝରରେ ମଙ୍ଗଳବାର ପାଳନ କରାଯାଇଛି। ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ସିଙ୍ଗଝର ହାଇସ୍କୁଲ ପରିସରରେ ଆୟୋଜିତ ଜୟନ୍ତୀରେ ସମିତିର ସଭାପତି ବୈଷ୍ଣବ ମେହେର ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ କହ୍ନେଇ ସିଂ ବାଗ, ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେର, କବିପୁତ୍ର ଉମାକାନ୍ତ ବିଶି, ପ୍ରଧାନଶିକ୍ଷକ ଭୁବନେଶ୍ୱର ମାଝୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥଲେ। ଆଲୋଚକ ଭାବେ ବରିଷ୍ଠ କବି ବିଜୟ ଯୋଷୀ ଓ ଯୁବକବି ପ୍ରଦ୍ୟୁମ୍ନ ସିଂହ ଚିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ। ଗୌତମ ମେହେର ସମସ୍ତଙ୍କୁ ସ୍ୱାଗତ କରିଥିଲେ। କଣ୍ଠଶିଳ୍ପୀ ନିକୁଞ୍ଜ ବିହାରୀ ସା କବିଙ୍କ ରଚିତ ସଙ୍ଗୀତ ଗାନ କରିଥିଲେ। ତରୁଣ ମେହେର, ରବୀନ୍ଦ୍ରନାଥ ଯୋଷୀ, ଲଳିତ ସୁନାରୀ, ପଙ୍କଜ ପାତ୍ର, ମୁରଲୀଧର ସା, ଗୌରଚନ୍ଦ୍ର ଦଣ୍ଡସେନା, ସତ୍ୟବ୍ରତ ଗହୀର, କ୍ଷମାନିଧି ନିଆଲ, ରାକେଶ ମିଶ୍ର, କନକ ବର୍ଦ୍ଧନ ସାହୁ, ବଂଶୀଧର ଜଗତ, କୁମୁଦବନ୍ଧୁ ଯୋଷୀ, ପ୍ରେମାନନ୍ଦ ମେହେର, ତ୍ରିନାଥ ମେହେର, ଡିସମ୍ବର ମେହେର, ଲୋଚନ ମେହେର, ହରେକୃଷ୍ଣ ମେହେର, ଶତ୍ରୁଘ୍ନ ପ୍ରଧାନ, ପ୍ରଣବ ଦଣ୍ଡସେନା, ଗିରିଶକାନ୍ତ ନିଆଲ, ହରେଶ ନାଏକ, ଅନୁପ ସିଂ ବୈଠାରୁ, ଅଘୁଆ ମାଝୀ, ଯତରାମ ନାୟକ, ମଧୁରାମ ନାଏକ, ଡମ୍ବରୁଧର ବୈଠାରୁ, କିଶୋର ଚନ୍ଦ୍ର ମାଝୀ, ତ୍ରିଲୋଚନ ସଲମା, ଶ୍ରାବଣୀ ବୈଠାରୁ, ମେଘା ବାରିକ, ନୀଳେନ୍ଦ୍ରୀ ନାଏକ, କଳ୍ପନା ନାଏକ, କ୍ଷୀରେଶ୍ୱରୀ ବୈଠାରୁ, ଜୟଶ୍ରୀ ରାଉତ, ରଶ୍ମି ରଞ୍ଜନ ସା, ମୋହନ ଦାସ ପ୍ରମୁଖ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ। ଶେଷରେ ପରେଶନାଥ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## କଳାହାଣ୍ଡି ଜିଲ୍ଲା ରେଳଯାତ୍ରୀ ସଂଘର ବୈଠକ



କେସିଙ୍ଗା, ୧୭ ।୬(ସମିସ): ସ୍ଥାନୀୟ ୟଙ୍ଗ ବ୍ଲଡ୍ ପବ୍ଲିକ ସ୍କୁଲ ପରିସରରେ କଳାହାଣ୍ଡି ଜିଲ୍ଲା ରେଳ ଯାତ୍ରୀ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଭାଷ ଜୈନ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଡମ୍ବରୁଧର ଭୋଇ ପୂର୍ବ ବୈଠକର ବିବରଣୀ ଦେଇଥିଲେ। ଡ. ହେମାସାଗର ସାହା କେସିଙ୍ଗା ରେଳ ଷ୍ଟେସନର ବିଭିନ୍ନ ସମସ୍ୟା ଉତ୍ଥାପନ କରିଥିଲେ। ରାମକୁମାର ଜୈନ, ଆନନ୍ଦ ଅଗ୍ରୱାଲ, ଯୁଗଳ କିଶୋର ଦୀପ, ରମାକାନ୍ତ ଜେନା, ରଞ୍ଜନ ବେହେରା, ବେଣୁଧର ମହଲା, ସୁରେଶ ଅଗ୍ରୱାଲ, ବିନୋଦ ଅଗ୍ରୱାଲ, ଜୟ ଭଗବାନ ଜୈନ, ସଦା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସର ସମ୍ବିଧାନ ବଞ୍ଚାଅ ଶୋଭାଯାତ୍ରା




ଭବାନୀପାଟଣା, ୧୭ ।୬(ସମିସ): ନର୍ଲାରେ କଂଗ୍ରେସ ପକ୍ଷରୁ ନିର୍ବାଚନ ମଣ୍ଡଳୀସ୍ତରୀୟ ସମ୍ବିଧାନ ବଞ୍ଚାଅ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନର୍ଲା ଚାରିଛକରୁ ବାହାରି ଏହା ନଗର ପରିକ୍ରମା କରିଥିଲା। ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ ଅଧ୍ୟକ୍ଷତା କରିଥିଲେ। ରାଜଗାଙ୍ଗପୁର ବିଧାୟକ ରାଜନ ଏକ୍କା, ଉତ୍ସବ ସାହୁ, ଦ୍ରୋପଦୀ ମାଝୀ, ମହମ୍ମଦ ସାଏବ, ନିରଜ ଶର୍ମା, ଦୀପୁ ପାତ୍ର, ରଜନୀ କୁମାର, ଅନି ବିଶ୍ୱାଳ, ଚିତ୍ତରଞ୍ଜନ ବାଗ, ରାଜୁ ମିଶ୍ର, ରୁଦ୍ର ପ୍ରତାପ ସିଂ, ସୁରେଶ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଚୁଳମଣି ଗୌଡିଆ ମଞ୍ଚ ପରିଚାଳନା କରିଥିଲେ।

### ମଙ୍ଗଳପୁର ଗ୍ରାମରେ ଜଳ କଷ୍ଟ

# ଶୋଷ ମେଣ୍ଟାଇ ପାରୁନି ସୌରଶକ୍ତି ଚାଳିତ ଜଳ ପ୍ରକଳ୍ପ

କୋକସରା, ୧୭ ।୬(ସମିସ)

ଖରା, ବର୍ଷା, ଶୀତ ବର୍ଷର ୧୨ ମାସ ସବୁବେଳେ ଗାଁରେ ଜଳ ସମସ୍ୟା ଦେଖା ଦେଇଥାଏ। ଏହା ଫଳରେ ଗାଁ ଲୋକେ ପାନୀୟ ଜଳ ଟିକକ ପାଇଁ ନିଇତି ଦୁର୍ଦ୍ଦଶା ଭୋଗୁଛନ୍ତି। ଏମିତିରେ ଗାଁରେ ଥିବା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ମଧ ଲୋକଙ୍କ ଶୋଷ ମେଣ୍ଟାଇ ପାରୁନାହିଁ। ଏମିତି ଏକ ଚିତ୍ର ଦେଖିବାକୁ ମିଳୁଛି କୋକସରା ବ୍ଲକ ମଙ୍ଗଳପୁର ଗ୍ରାମରେ। ଏହି ଗାଁରେ ପାଖାପାଖି ୫ ଶହ ଜନସଂଖ୍ୟା ରହିଛି। ଏମାନଙ୍କ ପାନୀୟ ଜଳ ବ୍ୟବହାର ନିମନ୍ତେ ୨ଟି ନଳକୂପ ସହ ଗୋଟିଏ ସୌର ଚାଳିତ ଜଳ ପ୍ରକଳ୍ପ ରହିଛି। ତନ୍ମଧ୍ୟରୁ ଗୋଟିଏ ନଳକୂପରୁ କେବେ କେମିତି ପାଣି ବାହୁଛି। ଗାଁ ବାହାରେ ଥିବା ଅନ୍ୟ ଏକ ନଳକୂପରେ ମଧ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁ ନାହିଁ। ଏମିତିକି ସୌର ଚାଳିତ ଜଳ ପ୍ରକଳ୍ପରୁ ମଧ ଠିକ୍ ହିସାବରେ



ପାଣି ଆସୁନାହିଁ। କିଛି ମାସ ଆଗରୁ ପାନୀୟ ଜଳ ପ୍ରକଳ୍ପରୁ ପାଇପ୍ ଯୋଗେ ମଙ୍ଗଳପୁର ବସ୍ତିକୁ ପାଣି ଯୋଗାଣ ହେଉଥିଲା; ହେଲେ ପାଇପ୍ ଲାଇନରେ ତ୍ରୁଟି କାରଣରୁ ଏବେ ଆଉ ପାଣି ଆସୁନାହିଁ। ଏହା ଫଳରେ ଗାଁରେ ଘୋର ଜଳ ସମସ୍ୟା ଦେଖାଦେଇଛି। ପୂର୍ବରୁ ଏହି ଗାଁରେ ପାନୀୟ ଜଳ ନିମନ୍ତେ ପ୍ରଶାସନ ପକ୍ଷରୁ ନଳକୂପ ଖୋଳିବା ପାଇଁ ଅନେକ ଚେଷ୍ଟା କରାଯାଇଛି; ହେଲେ ନଳକୂପ ଖନନ କଲେ ସଫଳ ହେଉ ନାହିଁ। ଏହା ପରଠାରୁ ଗାଁରେ ନଳକୂପ ଖୋଳିବା ପାଇଁ ପ୍ରଶାସନ ଚେଷ୍ଟା କରି ନାହିଁ କିମ୍ବା ପାନୀୟ ଜଳ ପାଇଁ କୌଣସି ବ୍ୟବସ୍ଥା କରିବାକୁ ଚେଷ୍ଟା କରା ଯାଇ ନ ଥିବା ଗ୍ରାମର ମଙ୍ଗରାଜ ନାଗ, ସତ୍ୟାନନ୍ଦ ନାଏକ, ଅଙ୍ଗଦ ନାଗ, ରିଖିରାମ ପୋଟା, ଇଶରାମ ନାଏକ, ବେଣୁଧର ନାଏକ, ସନୁରାମ ପୋଟା, ଶୁଭମ ନାଗ, କୈଳାଶ ନାଏକ, ରିଖିରାମ ନାଏକ ପ୍ରମୁଖ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଜଳ ସମସ୍ୟାକୁ ନେଇ ଗାଁ ଲୋକେ ବହୁବାର ପ୍ରଶାସନକୁ ଜଣାଇଛନ୍ତି; କିନ୍ତୁ ଏଥିପ୍ରତି ଦୃଷ୍ଟି ପଡୁନାହିଁ। ଲୋକେ ଜଳ ସମସ୍ୟା କଥା ପଚାରିଲେ ମେଗା ପାନୀୟ ଜଳ ପ୍ରକଳ୍ପକୁ ଆଳ ଦେଖାଇ ଜଳ ସମସ୍ୟା ଦୂର କରିବା ପାଇଁ ପ୍ରଶାସନ ଧ୍ୟାନ ଦେଉ ନାହିଁ। ଏହା ଫଳରେ ଗାଁରେ ବର୍ଷର ୧୨ ମାସ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଜଳ ସମସ୍ୟା ଦୂର କରିବାକୁ ଗାଁ ବାହାରେ ଆଉ ଏକ ଡିପ୍ ବୋରୱେଲ ଖୋଳି ପାଇପ୍ ଯୋଗେ ପାଣି ଯୋଗାଣ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ବର୍ତ୍ତମାନ ପରିସ୍ଥିତିରେ ଗାଁରେ ଥିବା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପକୁ ଠିକ୍ କରିବା ସହ ଶୀଘ୍ର ପାଇପ୍ ବିଛାଇ ଜଳ ଯୋଗାଣ କରିବା ପାଇଁ ଦାବି ହୋଇଛି। ଏ ନେଇ କୋକସରା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଯଶୋବନ୍ତି ଭୋଇଙ୍କୁ ପଚାରିବାରୁ ଗାଁରେ ପାଇପ୍ ନିଆଯାଇଛି। ଶୀଘ୍ର ପାଇପ୍ ବିଛାଇବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି। ସେହିପରେ ସାନପୋଡାଗୁଡା ସରପଞ୍ଚ ଜୟରାମ ନାଗଙ୍କୁ ପଚାରିବାରୁ ସେ ମଧ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ କହିଛନ୍ତି।

# ହାଇୱା ଧକ୍କାରେ ଭାଙ୍ଗିଲା ବିଦ୍ୟୁତ ଖୁଣ୍ଟ



ସୁନ୍ଦରଗଡ,୧୭।୬(ସମିସ): ସୋମବାର ରାତିରେ ଉଷ୍ଣା-ବଡବଙ୍ଗା ରାସ୍ତାର ଉଷ୍ଣା ଥାନା ଅନ୍ତର୍ଗତ ମୁଣ୍ଡାଗାଁ ନିକଟରେ ଏକ ଚୋରା ବାଲି ନେଇ ଯାଉଥିବା ହାଇଓା (ଓଡି୨୩-୦୦୦୮ ୯) ଧକ୍କାରେ ଏକ ୩୩ କେଭି ବିଦ୍ୟୁତ ଖୁଣ୍ଟ ଧସି ଯାଇଛି। ଗାଡିଟି ଭାରସାମ୍ୟ ହରାଇ ରାସ୍ତାରୁ କିଛି ଫୁଟ ଦୂରରେ ଥିବା ଏହି ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ବିଦ୍ୟୁତ୍ ବିଭ୍ରାଟ ଘଟିଥିଲା। ଏପରିକି ଅବନକେଲା ଗ୍ରାମରେ ଆଜି ସନ୍ଧ୍ୟାରେ ବିଦ୍ୟୁତ ପ୍ରଭାବ ସ୍ୱାଭାବିକ ହୋଇଥିଲା। ଖବରପାଇ ଉଷ୍ଣା ଥାନା ପୁଲିସ ଉକ୍ତ ଗାଡିକୁ ଜବତ କରିଛି। ଥାନା ପକ୍ଷରୁ ଖଣି ବିଭାଗକୁ ଖବର ଦିଆ ଯିବା ପରେ ଖଣି ବିଭାଗ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

# ୨ ବର୍ଷ ହେଲା ମିଳିନି ଅଣଧାନ ଚାଷର ପ୍ରୋତ୍ସାହନ ରାଶି

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ସୁନ୍ଦରଗଡ,୧୭।୬(ସମିସ)

୨ ବର୍ଷ ତଳେ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ନିଆଲିପାଲି ଗ୍ରାମ ପଞ୍ଚାୟତର ଚାଷୀମାନଙ୍କୁ ଅଣ ଧାନ ଚାଷ ପାଇଁ କୃଷି ବିଭାଗ ଓ ଉଦ୍ୟାନ କୃଷି ବିଭାଗ ବିଭିନ୍ନ ପ୍ରକାର ମଞ୍ଜି ଯୋଗାଇ ଦେଇଥିଲେ। କିନ୍ତୁ ଚାଷ ବାବଦକୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ନଥିବା ଅଭିଯୋଗ ହୋଇଛି। ନିଆଲିପାଲି ଗ୍ରାମ ପଞ୍ଚାୟତକୁ ପାର୍ବତୀ ଗିରି ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ ବିଲାଇଗଡ଼-୧ ରୁ ଜଳ ସେଚିତ ହେଉଛି। ଏଣୁ ଏହି ପଞ୍ଚାୟତରେ ପାରମ୍ପରିକ ଧାନ ଚାଷ ବ୍ୟତୀତ ଅଣ ଧାନ ଚାଷ ଦିଗରେ କୃଷି ବିଭାଗ ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଆଗ୍ରହୀ ଚାଷୀମାନଙ୍କୁ ବିଭିନ୍ନ ପ୍ରକାରର ମଞ୍ଜି ଯୋଗାଇ ଦିଆଯାଇଥିଲା। ଏହି ଚାଷରେ ନିୟୋଜିତ ଶ୍ରମିକମାନଙ୍କ ପାରଶ୍ରମିକ ବାବଦ ଓ ଚାଷୀମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏହାର ୨ ବର୍ଷ ପରେ ବି ଶ୍ରମିକ ମାନଙ୍କ ପାରିଶ୍ରମିକ ବାବଦ ଓ ପ୍ରୋତ୍ସାହନ ରାଶି କୌଣସି ଚାଷୀଙ୍କୁ ଡି .ବି.ଟି ମାଧ୍ୟମରେ ପ୍ରଦାନ କରାଯାଇ ନାହିଁ। ଏଣୁ ସଂପୃକ୍ତ ଚାଷୀମାନେ ଧାର କରଜ କରି ଚାଷ କାର୍ଯ୍ୟ ତୁଲାଇ ଥିଲେ। ଏନେଇ ସେମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁନଥିବାରୁ ଶେଷରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ସେମାନେ କହିଛନ୍ତି। ଏହି ସମୟରେ ମମତା ପଟେଲ, ଶଲେନ୍ଦ୍ର ମହାନନ୍ଦିଆ, ଜେନା ମଣି ନାଏକ, ବିନୋଦ ମୁଣ୍ଡା, ଅକ୍ଷୟ କୁମାର ନାଏକ, ଗୋକୁଳ ଚନ୍ଦ୍ର ବେହେରାଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ।

# ଫାଇଲେରିଆ ଓ ଡାଇରିଆ ନିରାକରଣ ସମନ୍ୱୟ ବୈଠକ




ସୁନ୍ଦରଗଡ,୧୭।୬(ସମିସ): ସୁନ୍ଦରଗଡ଼ ଜିଲ୍ଲାରେ ଫାଇଲେରିଆ ନିରାକରଣ ନିମନ୍ତେ ଆସନ୍ତା ଅଗଷ୍ଟ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲାପାଳ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସ୍ଥାନୀୟ ସଦଭାବନା ଭବନଠାରେ ଜିଲ୍ଲା ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଫାଇଲେରିଆ ନିରାକରଣ ନିମନ୍ତେ ପ୍ରତିଷେଧକ ବଟିକା ସେବନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ଉପରେ ମଧ୍ୟ ଜିଲ୍ଲାପାଳ ଆଲୋଚନା କରିଥିଲେ। ସେହିପରି ଡାଇରିଆ ନିରାକରଣ ନିମନ୍ତେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ମଧ୍ୟ ଜିଲ୍ଲାପାଳ ଶ୍ରୀ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଡାଇରିଆ ନିରାକରଣ ନିମନ୍ତେ 'ଷ୍ଟପ ଡାଇରିଆ ଅଭିଯାନ' ଜୁନ ୧୬ ରୁ ଆରମ୍ଭ ହୋଇ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବା ନେଇ ସୂଚାଯାଇଥିଲା। ଚଳିତ ବର୍ଷ 'ଡାଇରିଆକୁ କିପରି ରୋକିବା ଜାଣ, ସ୍ୱଚ୍ଛତା ସହ ଓଆର୍ଏସ୍ ଉପରେ ରଖିବା ଧ୍ୟାନ' ଶୀର୍ଷକ ରହିଥିବା କୁହାଯାଇଥିଲା। ବୈଠକରେ ଡାଇରିଆର କାରଣ ଏବଂ ନିରାକରଣ ଉପରେ ଆଲୋଚନା କରାଯାଇଥିଲା। ଅଙ୍ଗନବାଡ଼ି, ବିଦ୍ୟାଳୟ ମାନଙ୍କରେ ହାତ ଧୋଇବା ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରାଯିବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଗୁରୁ ପ୍ରସାଦ ମହାନ୍ତ, ଏଡିପିଏଚଓ (ଭିବିଡି) ଡା. ଭକ୍ତ ମୋହନ ସ୍ୱାଇଁ, ଡିପିଏଚଓ ଡା. ଶିବାଶିଷ ମହାରଣା, ଡିଏମଓ (ଏମଏସ) ଡ଼ା ପ୍ରଦୀପ କୁମାର ପ୍ରସାଦ, ଏଡିପିଏଚଓ (ଏଫ୍ଡବ୍ଲ୍ୟୁ) ଡ଼ା ଚୂଳବତି ସାହୁ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ସମ୍ବଲପୁରରୁ ଡ଼ା ଶ୍ୟାମ ବନ୍ଧୁ ରାଉତ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ଦୁର୍ଘଟଣାରେ ଆହତଙ୍କୁ ଡାକ୍ତରଖାନା ପହଞ୍ଚାଇଲେ ୨ ସାମ୍ବାଦିକ

ବାଲିଶଙ୍କରା,୧୭।୬(ସମିସ): ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ ଦେଓଭୁବନପୁର ପଞ୍ଚାୟତ ରଙ୍ଗପଡା ବଢେନ ଜଙ୍ଗଲରେ ବାଇକ୍ ଦୁର୍ଘଟଣାରେ ଆହତ ହୋଇଥିବା ବାଇକ ଆରୋହୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ପହଞ୍ଚାଇ ମାନବିକତା ଦେଖାଇଛନ୍ତି ୨ ସାମ୍ବାଦିକ। ସୂଚନାନୁଯାୟୀ, ସକାଳ ୧୦ଟା ସମୟରେ ବାଲିଶଙ୍କରାରୁ ତିଲେଇକାନୀ ଓ ଦେଓଭୁବନପୁର ପଞ୍ଚାୟତ କାର୍ଯ୍ୟାଳୟରେ ବିକାଶ ବାହନ ମେଳାର ଖବର ସଂଗ୍ରହ କରିବା ପାଇଁ ୨ ସାମ୍ବାଦିକ ପ୍ରଦୀପ କୁମାର ନନ୍ଦ ଓ ସତ ସେଠ ଯାଉଥିଲେ। ଏହି ସମୟରେ ରଙ୍ଗପଡା ବଢେନ ଜଙ୍ଗଲରେ ବାଇକ ଦୁର୍ଘଟଣାରେ ଆହତ ହୋଇ ଛତିଶଗଡ଼ ରାଜ୍ୟର ଅଁଇକେରା ଗ୍ରାମର ହରିପ୍ରସାଦ ପଡିଥିବା ଦେଖିବାକୁ ପାଇଥିଲେ। ଉଭୟ ସାମ୍ବାଦିକ ଘଟଣା ସ୍ଥଳରେ ଅଟକି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ମାତ୍ର ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ନିଜ ଗାଡ଼ିରେ କିଞ୍ଜିରକେଲା ଡାକ୍ତରଖାନାକୁ ଉଭୟ ସାମ୍ବାଦିକ ପ୍ରଦୀପ କୁମାର ନନ୍ଦ ଓ ସତ ସେଠ ନେଇ ଚିକିତ୍ସିତ କରାଇଥିଲେ। ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଆହତଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି। ଉଭୟ ସାମ୍ବାଦିକଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଦେଓଭୁବନପୁର ଓ ତିଲେଇକାନୀରେ ବିକଶିତ ବାହନ ମେଳା



ବାଲିଶଙ୍କର,୧୭।୬(ସମିସ): ବାଲିଶଙ୍କରା ବ୍ଲକ୍‌ର ଦେଓଭୁବନପୁର ଓ ତିଲେଇକାନୀ ପଞ୍ଚାୟତ ପରିସରରେ ବିକଶିତ ବାହନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିକଶିତ ବାହନ ମେଳାରେ ମୁଖ୍ୟଅତିଥି ରୂପେ ବାଲିଶଙ୍କରା ବ୍ଲକ୍ ଅଧକ୍ଷା କୁଞ୍ଜଲତା ଭିଡ୍ରିଆ ଯୋଗଦେଇଥିଲେ।

ଦେଓଭୁବନପୁର ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ପଟେଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ବିକଶିତ ବାହନ ମେଳାରେ ସମ୍ମାନିତ ଅତିଥି ରୂପେ ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ, ଜିପିଇଓ ପାସ୍କାଲ ଲାକଡା, ସରପଞ୍ଚ ସଞ୍ଜିବ କୁମାର ବାର୍ଲା, ସମିତି ସଭ୍ୟ ଅତୀନ ପ୍ରଧାନ, ଏଡିଓ ଭକ୍ତ ଭୂଷଣ ତିର୍କୀ ପ୍ରମୁଖ ଯୋଗଦେଇ ବିକଶିତ ବାହନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।

ସେହିପରି ତିଲେଇକାନୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଧ୍ୟ ତିଲେଇକାନୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ମୀନକେତନ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିକଶିତ ବାହନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ କୁଞ୍ଜଲତା ଭିଡ୍ରିଆ, ବିଡ଼ିଓ ଜ୍ୟୋତିର୍ମୟୀ ପ୍ରଧାନ, ଜିପିଇଓ ପାସ୍କାଲ ଲାକଡା, ସରପଞ୍ଚ ମାକ୍ସିମସ ବାର୍ଲା ପ୍ରମୁଖ ଯୋଗଦେଇଥିଲେ। ଜିପିଇଓ ପାସ୍କାଲ ଲାକଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଗୀମାଲ ଗ୍ରାମରେ ଜଳ ସଙ୍କଟ



ସୁନ୍ଦରଗଡ,୧୭।୬(ସମିସ): ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ଯୋଗୀମାଲ ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ପାନୀୟ ଜଳ ପାଇଁ ସରକାର ଏହି ଗ୍ରାମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିଥିଲେ ମଧ୍ୟ ଗ୍ରାମବାସୀ ପାଣି ପାଇଁ ହନ୍ତସନ୍ତ ହୋଇଛନ୍ତି। ଗତବର୍ଷ ଯୋଗିମାଲ ପଞ୍ଚାୟତ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ପାଇପ୍ ବିଛାଯାଇଛି। ହେଲେ ସଂପୃକ୍ତ ଠିକାଦର କେବଳ ପାଇପ ବିଛାଇ ଛାଡ଼ି ଦେଇଛନ୍ତି। ଗ୍ରାମରେ ସୋଲାର ପାନୀୟ ଜଳ ପ୍ରକଳ୍ପ ଥିଲେ ମଧ୍ୟ ତାହା କାମରେ ଆସୁନି। କିଛି ଦିନ ତଳେ ଅଚଳ ହୋଇ ପଡିଥିବା ସିଆନପଡାର ନଳକୂପକୁ ମଧ୍ୟ ମରାମତି କରାଯାଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ନଳକୂପ ଉପରେ ୧୨ ଟି ପରିବାର ନିର୍ଭର କରି ଆସୁଛନ୍ତି। ଏନେଇ ସେମାନେ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ପ୍ରାକୃତିକ କୃଷି ତାଲିମ ଉଦ୍‌ଘାଟିତ




ସୁନ୍ଦରଗଡ,୧୭।୬(ସମିସ): ରାଣୀବଗିଚା ସ୍ଥିତ କୃଷି ତାଲିମ ଓ ଦକ୍ଷତା ବୃଦ୍ଧି କେନ୍ଦ୍ରରେ ଓଡିଶା ବିଧାନ ସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଦ୍ୱାରା ପ୍ରାକୃତିକ କୃଷି ଉପରେ ଗୋଷ୍ଠୀ ସମ୍ବଳ କର୍ମକର୍ତ୍ତାଙ୍କ ୫ ଦିନିଆ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉପ ବାଚସ୍ପତି ଶ୍ରୀ ଭୋଇ ଜିଲ୍ଲାରେ ପ୍ରାକୃତିକ କୃଷିର ଅପାର ସୁଯୋଗ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲ୍ଲାକୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡ଼ଃ ଲକ୍ଷ୍ମିପ୍ରୀୟା ପ୍ରଧାନ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ କୁମାର ପାଣିଗ୍ରାହୀ, ଉପଉଦ୍ୟାନ କୃଷି ନିର୍ଦ୍ଦେଶକ ସୁକାନ୍ତ ନାଏକ, ସୁନ୍ଦରଗଡ଼ କୃଷି ଜିଲ୍ଲା ଅଧିକାରୀ ରଜତ କୁମାର ମିଶ୍ର, କୃଷି ବିଭାଗର ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ପ୍ରଧାନ, ମୃତିକା ବୈଜ୍ଞାନିକ ଡ଼ଃ ମନୋଜ କୁମାର ଜେନା, ବିଶେଷଜ୍ଞ ଡ଼ଃ ଦ୍ୱିବେନ୍ଦୁ ମଣ୍ଡଳ, ବ୍ଲକ କୃଷି ଅଧିକାରୀ ସଙ୍ଘମିତ୍ରା ସାହୁ ପ୍ରମୁଖ ଯୋଗଦେଇଥିଲେ।

ଏହି ତାଲିମ ଶିବିରଟି ଭାରତ ସରକାରଙ୍କ ଜାତୀୟ ପ୍ରାକୃତିକ କୃଷି ମିଶନର ଆର୍ôଥକ ସହାୟତାରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ବଡ଼ଗାଁ ଓ କୁତ୍ରା ବ୍ଲକର ୪୦ ଜଣ ଗୋଷ୍ଠୀ ସମ୍ବଳ କର୍ମକର୍ତ୍ତା, କୃଷିସଖୀ ଯୋଗ ଦେଇ ତାଲିମ ଗ୍ରହଣ କରୁଛନ୍ତି । ଏହି ପ୍ରାକୃତିକ କୃଷିରେ ତାଲିମପ୍ରାପ୍ତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, କୃଷି ଅଧିକାରୀ, ଅଗ୍ରଣୀଚାଷୀଙ୍କ ଦ୍ୱାରା ଏହି ତାଲିମ ପ୍ରଦାନ କରାଯିବ।

# ନିଟ୍‌ରେ ଉତ୍ତୀର୍ଣ୍ଣ ମଳୟଙ୍କୁ ସମ୍ବର୍ଦ୍ଧନା



ସୁନ୍ଦରଗଡ,୧୭।୬(ସମିସ): ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍ ରେ ସଫଳତା ହାସଲ କରିଥିବା ବଡ଼ଗାଁର ମଳୟ ରଞ୍ଜନ ବେଉରାଙ୍କୁ ଗ୍ରାମବାସୀ ସମ୍ବର୍ଦ୍ଧିତ କରିଛନ୍ତି। ମଳୟ ସର୍ବଭାରତୀୟସ୍ତରରେ ୧୧୩୧୪ ର୍‌ୟାଙ୍କରେ ରହି ସରକାରୀ ମେଡିକାଲ କଲେଜରେ ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତାଙ୍କର ଏହି ସଫଳତା ପାଇଁ ବଡ଼ଗାଁ ଜିଲ୍ଲା ପରିଷଦ ସଭ୍ୟ ଅମୀୟ ପ୍ରଧାନ, ସରପଞ୍ଚ ସୁନ୍ଦର ସାମୁଏଲ ସଏ, ବଡ଼ଗାଁ ବ୍ରାହ୍ମଣ ସମାଜ ସଭାପତି ପରମାନନ୍ଦ ପାଣିଗ୍ରାହୀ, ତୁଳାରାମ ହୋତା, ତୁଳାରାମ ପୃସେଟ, କେଶବ କରସେଲ, ସୌରଭ ପଣ୍ଡା, ସାହେବଲାଲ ସିଂ ପ୍ରମୁଖ ତାଙ୍କ ବାସ ଭବନକୁ ଯାଇ ସମ୍ବର୍ଦ୍ଧିତ କରିଛନ୍ତି।

ମଳୟ ତାଙ୍କ ଏହି ସଫଳତାର ଶ୍ରେୟ ମା' ଅନୁସୟା ବେଉରା, ଅଜା ମଦନ ମୋହନ ସାହୁ ଓ ଜେଜେ ମା' ରାଇମନି ସାହୁଙ୍କୁ ଦେଇଥିବା ବେଳେ ସେ ଜଣେ ଭଲ ଡାକ୍ତର ହୋଇ ଗ୍ରାମାଞ୍ଚଳର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

# ବ୍ଲକ୍‌ସ୍ତରୀୟ ବିଜେପି କର୍ମୀ ସମ୍ମିଳନୀ

ବାଲିଶଙ୍କରା,୧୭।୬(ସମିସ): ବାଲିଶଙ୍କରା ମଣ୍ଡଳ ଓ ତିଲଡେଗା ମଣ୍ଡଳର ବୁଥ୍‌ସ୍ତରୀୟ କର୍ମକର୍ତ୍ତାଙ୍କୁ ନେଇ ବାଲିଶଙ୍କରା କଲ୍ୟାଣ ମଣ୍ଡପରେ ବିଜେପି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାଂସଦ ପ୍ରତିନିଧି ଉଚ୍ଛବ ତନ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ରୂପେ ତଳସରା ବିଧାୟକ ପ୍ରତିନିଧି ଅମୀର କୁମାର ନାଏକ ଯୋଗଦେଇଥିଲେ।

ରାଜ୍ୟରେ ବଜେପି ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ ଉପରେ ଜନସାଧାରଣଙ୍କୁ ସଚେତନ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ପାଇଁ ସମସ୍ତ କର୍ମୀମାନଙ୍କୁ ଶପଥ ପାଠ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ରୂପେ ତିଲଡେଗା ମଣ୍ଡଳ ସଭାପତି ରିଙ୍କୁ ଦାସ, ବାଲିଶଙ୍କରା ମଣ୍ଡଳ ସଭାପତି ଜସନ୍ତି ଏକ୍କା, ରବି ଚନ୍ଦ୍ର ପଟେଲ, ବନମାଳୀ ବାରସତିଆ, ସୁରେନ୍ଦ୍ର ସାହୁ, ତୁମୁଲିଆ ସରପଞ୍ଚ ଦେବଲାଲ ଲାକଡା, ତଳସରା ସରପଞ୍ଚ ତ୍ରିଲୋଚନ ପ୍ରଧାନ, ରାମପୁର ପଞ୍ଚାୟତ ସମିତିସଭ୍ୟ ପ୍ରମୋଦ ମିଞ୍ଜ, ବୁଧୁରାମ ଓରାମ, ନନ୍ଦନ ସିଂ, ଅର୍ଜୁନ ରଣା ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମରେ ସମସ୍ତ କର୍ମୀମାନେ ଯୋଗଦେବାକୁ ସାଂସଦ ପ୍ରତିନିଧି କହିଥିଲେ। ବାଲିଶଙ୍କରା ମଣ୍ଡଳ ସଭାପତି ଜସନ୍ତି ଏକ୍କା ଧନ୍ୟବାଦ ଦେଇଥିଲେ।

# ଏମ୍‌ସିଏଲ୍ ଜିଏମଙ୍କୁ ଭେଟିଲେ ଓଏସ୍‌ଏସ୍‌ଇୟୁ ସଂଘ କର୍ମକର୍ତ୍ତା



ସୁନ୍ଦରଗଡ,୧୭।୬(ସମିସ): ହେମଗିରି ବ୍ଲକ୍ ଓଏସଏସଇୟୁ ସିକ୍ୟୁରିଟି ସଂଘର ସଭାପତି ସୁଶିଲ ବାଗଙ୍କ ନେତୃତ୍ୱରେ ନୂତନ କର୍ମକର୍ତ୍ତା ବସୁନ୍ଧରା ଏମ୍‌ସିଏଲ୍‌ର ସାଧାରଣ ପରିଚାଳକ ପି.ଭି ରେଡ୍ଡିଙ୍କ ସହିତ ମଙ୍ଗଳବାର ସାକ୍ଷାତ କରି ଆଲୋଚନା କରିଛନ୍ତି।

ଏହି ଅବସରରେ ସେମାନେ ଏମ୍‌ସିଏଲ୍ ବସୁନ୍ଧରାରେ କାର୍ଯ୍ୟରତ ସୁରକ୍ଷା କର୍ମୀମାନଙ୍କ ସମସ୍ୟା ସମ୍ପର୍କରେ ସାଧାରଣ ପରିଚାଳକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ନରେଶ କୁଆ, ରାଜ୍ୟସ୍ତରୀୟ ସମ୍ପାଦକ ଅନିଲ ଯାଦବ, ସମ୍ପାଦକ କପିଳେଶ୍ୱର ପଟ୍ଟନାୟକ, କାର୍ଯ୍ୟରତ ସଭାପତି ନିମାଇ କୁସୁମ, ସିକିରିୟୁଟି ଇନଚାର୍ଜ ବିହାରି ଲାଲ ନାଏକ, ବିରଞ୍ଚି ମାଝି, କଲ୍ୟାଣୀ ଝରା, ଯଶୋଦା ଖରସେଲ ପ୍ରମୁଖ ଉପସ୍ଥିତ ଥିଲେ। ଓଏସଏସଇୟୁ ସିକିରିୟୁଟି ସଂଘର ସଭାପତି ଶ୍ରୀ ବାଗଙ୍କୁ ବିଭିନ୍ନ ବିଭାଗରୁ ସ୍ୱାଗତ କରାଯାଇଥିଲା।

# ସାପ କାମୁଡ଼ାରେ ଯୁବକ ମୃତ

ସୁନ୍ଦରଗଡ,୧୭।୬(ସମିସ): ଲେଫ୍ରିପଡା ଥାନା ଡୁମାବାହାଲ ଗ୍ରାମର ଜନୈକ ଯୁବକଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ସୋମବାର ରାତି ପ୍ରାୟ ୯ଟା ସମୟରେ ଗ୍ରାମର ଶ୍ରଦ୍ଧାକର ନାଏକ (୪୭) ଶୌଚ ହେବାକୁ ଯାଇଥିବା ବେଳେ ଏକ ବିଷଧର ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତେବେ ସେଠାରେ ରାତି ପ୍ରାୟ ୧ଟା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା।

ପୁଲିସ ଆଜି ଡାକ୍ତରଖାନାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପୋଖରୀ କାମ ବିଳମ୍ବକୁ ନେଇ ଅସନ୍ତୋଷ | ୪ ମାସ ହେଲା କାମ ବନ୍ଦ

ଶଗଡ଼ା, ୧୭।୬( ସମିସ):



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲସାଗୋରା ପଞ୍ଚାୟତ ପରା ଗ୍ରାମରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଗତ ବର୍ଷଠାରୁ ପୋଖରୀ କାମ ଆରମ୍ଭ ହୋଇଛି। ଏ ପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଅନ୍ୟପଟେ ପୋଖରୀ କାର୍ଯ୍ୟ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଖରୀ କୂଳରେ ପଥର ପ୍ୟାଚିଂ କାମରେ ଅନିୟମିତତା ହେଉଥିବା ବେଳେ ଏହା ଉପର ରାସ୍ତା ପର୍ଯ୍ୟନ୍ତ କରା ଯାଉନାହିଁ। ଏହା ଫଳରେ ସାମାନ୍ୟ ବର୍ଷାରେ ଅନେକ ସ୍ଥାନରେ ମାଟି ଦବି ଯିବା ସହ ରାସ୍ତା ଧୋଇ ହୋଇ ଯାଉଛି। ଏହା ଫଳରେ କାମର ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅନ୍ୟପଟେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁଁ ଏଭଳି ନିମ୍ନମାନର କାମ ହେଉଥିବା ବେଳେ ନିର୍ଦ୍ଧାରିତ ସମୟରେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ବର୍ତ୍ତମାନ ବର୍ଷା ଦିନ ଆରମ୍ଭ ହେଉଥିବାରୁ ଲୋକେ ପୋଖରୀକୁ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବର୍ଷା ହେଲେ ଗାଡ଼ିରେ ଯିବା ମଧ୍ୟ କଷ୍ଟକର ହୋଇ ପଡୁଛି। ଏହି ରାସ୍ତାରେ ଅନେକ ଗାଡି ଦବି ଯାଇଥିବା ଲୋକେ କହିଛନ୍ତି। ଅସମ୍ପୂର୍ଣ୍ଣ କାର୍ଯ୍ୟ ଖୁବ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଘଟଣା ସମ୍ପର୍କରେ କଣ୍ଟାମାଳ ଏସଡ଼ିଓ ଧରଣୀଧର କିଷାନଙ୍କୁ ପଚାରିବାରୁ କାମ ଠିକ୍ ଚାଲିଥିବା କହିଥିଲେ।

# ବାଇକ୍ ଦୁର୍ଘଟଣାରେ ଚାଳକ ଗୁରୁତର

ଥୁଆମୂଳ ରାମପୁର, ୧୭।୬(ସମିସ): ଥୁଆମୂଳ ରାମପୁର ବ୍ଲକ ଗୁଣପୁରଠାରୁ ରାୟଗଡ଼ା ଜିଲ୍ଲା କାଶୀପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ସିଆଳିପଦରର ଏକ ବୁଲାଣି ନିକଟରେ ଗୋଟିଏ ବାଇକ୍ ଦୁର୍ଘଟଣା ହୋଇଛି। ଏଥିରେ ସିଆଳିପଦର ଗ୍ରାମର ମୋହନ ମାଝୀଙ୍କ ପୁଅ ନରସିଂହ ମାଝୀ (୨୪) ଗୁରୁତର ହୋଇଛନ୍ତି। ନିଜ ବାଇକ୍‌ରେ କମଳାଗୁଡାଠାରୁ ସେ ଗାଁକୁ ଫେରୁଥିବା ବେଳେ ବୁଲାଣିରେ ଭାରସାମ୍ୟ ହରାଇ ପଡ଼ି ଯାଇଥିଲେ। ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

# ହିତାଧିକାରୀ ଚୟନରେ ଅନିୟମିତତା

ଶଗଡ଼ା, ୧୭।୬(ସମିସ): ଜଳଛାୟା ପ୍ରକଳ୍ପ ଅଧୀନରେ ଥିବା ଜଳଛାୟା କମିଟିରେ ବିଭିନ୍ନ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ଶଙ୍କରପୁର, ସୌରୀପାଲି ଓ ରୁଗୁଡ଼ିପାଲି ଗ୍ରାମକୁ ନେଇ ମା' ମାହେଶ୍ୱରୀ ଜଳଛାୟା କମିଟିର ପିଏସଏମଇ ଯୋଜନାରେ ତାଲିକାଭୁକ୍ତ ଥିବା ହିତାଧିକାରୀଙ୍କ ନାମ ବ୍ୟତୀତ ଆହୁରି ଅନେକ ଯୋଗ୍ୟ ହିତାଧିକାରୀ ବାଦ ପଡ଼ିଛନ୍ତି।

ଏହାର ତଦନ୍ତ କରି ଯୋଗ୍ୟ ହିତାଧିକାରଙ୍କୁ ତାଲିକାରେ ସାମିଲ କରିବାକୁ ନେଇ କଣ୍ଟାମାଳରେ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି।

# ଗାଈକୁ ଧକ୍କା ଦେଇ ବାଇକ୍ ଆରୋହୀ ମୃତ

ବୀରମହାରାଜପୁର/ସୁବଳୟା, ୧୭।୬ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନାଏକତାଲ ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତା ଉପରେ ମଙ୍ଗଳବାର ରାତିରେ ଏକ ଗାଈକୁ ଧକ୍କା ଦେଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉଲୁଣ୍ଡା ଥାନା କଳାପଥର ପଞ୍ଚାୟତ ଜାମପାଲି ଗ୍ରାମର ସତ୍ୟ ମେହେର (୨୮)। ଘରକୁ ଫେରୁଥିବା ସମୟରେ ଏକତାଲ ଗ୍ରାମ ରାସ୍ତାରେ ଏକ ଗାଈକୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୀରମହରାଜପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୮୨
- ୟୁରୋ ୯୯.୮୯ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୦୦୦ (ଭୁବନେଶ୍ୱର)
- ରୁପା : ୧,୧୧,୭୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୫୮୩.୦୦
- ନିଫ୍ଟି ୨୪,୮୫୩.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

ଟ୍ରମ୍ପଙ୍କ ଘୋଷଣା

# ଔଷଧ ଉପରେ ବି ଲଗାଇବେ ଶୁଳ୍କ

ନୂଆଦିଲ୍ଲୀ,୧୭।୬(ଏଜେନ୍ସି)



ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଔଷଧ ସାମଗ୍ରୀ ଉପରେ ଶୁଳ୍କ ଲାଗୁ କରିବାକୁ ଯାଉଛନ୍ତି। ଟ୍ରମ୍ପଙ୍କ ଏହି ଘୋଷଣା ପରେ ଭାରତୀୟ ଫାର୍ମା କମ୍ପାନୀଗୁଡ଼ିକର ସେୟାର ମଙ୍ଗଳବାର ୪% ପର୍ଯ୍ୟନ୍ତ ହ୍ରାସ ପାଇଛି। ଟ୍ରମ୍ପ କହିଛନ୍ତି ଯେ ସେ ଖୁବ୍ ଶୀଘ୍ର ଔଷଧ ଆମଦାନୀ ଉପରେ ଭାରି ଶୁଳ୍କ ଲାଗୁ କରିବାକୁ ଯାଉଛନ୍ତି। ଏହି ବିବୃତ୍ତି ପରେ ନିଫ୍ଟି ଫାର୍ମା ସୂଚକାଙ୍କ ୨% ହ୍ରାସ ପାଇ ୨୧,୭୦୦ ପଏଣ୍ଟ ସ୍ତରରେ ପହଞ୍ଚିଛି।

ଭାରତ ପ୍ରତିବର୍ଷ ୧୦ ବିଲିୟନ ଡଲାର (ପ୍ରାୟ ୮୬,୭୦୦ କୋଟି ଟଙ୍କା) ମୂଲ୍ୟର ଔଷଧ ଆମେରିକାକୁ ରପ୍ତାନି କରିଥାଏ, ଯାହା ଆମେରିକାର ମୋଟ ଔଷଧ ଆମଦାନୀର ୬%। ପୂର୍ବରୁ ଏପ୍ରିଲରେ ଟ୍ରମ୍ପ ଫାର୍ମା ଉପରେ ଶୁଳ୍କ ଲାଗୁ ବିଷୟରେ କହିଥିଲେ, କିନ୍ତୁ ପରେ ଏହାକୁ ୯୦ଦିନ ପାଇଁ ସ୍ଥଗିତ ରଖିଥିଲେ। ଏବେ ପୁଣି ଶୁଳ୍କ ହେଉଥିବା ନେଇ ବିବୃତ୍ତି ଦେବା ବଜାରରେ ଅନିଶ୍ଚିତତା ବୃଦ୍ଧି କରିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଯଦି ଔଷଧ ଶୁଳ୍କ ଲଗାଯାଏ, ତେବେ ଏହା ଭାରତୀୟ ଔଷଧ କମ୍ପାନୀଗୁଡ଼ିକର ଆୟ ଉପରେ ବଡ଼ ପ୍ରଭାବ ପକାଇପାରେ। କାରଣ ସେମାନଙ୍କ ଆୟର ଏକ ବଡ଼ ଅଂଶ ଆମେରିକାରୁ ଆସିଥାଏ। ଟ୍ରମ୍ପଙ୍କ ଔଷଧ ସାମଗ୍ରୀ ଉପରେ ଶୁଳ୍କ ଲାଗୁ ପରେ ଗ୍ରାନୁଏଲ୍ସ ଇଣ୍ଡିଆ, ଲୁପିନ୍, ନାଟ୍‌କୋଫାର୍ମ ଏବଂ ଅରବିନ୍ଦ ଫାର୍ମାର ସେୟାର ମୂଲ୍ୟରେ ସର୍ବାଧିକ ୪% ହ୍ରାସ ପାଇଛି। ଲୌରସ୍ ଲ୍ୟାବ୍ସ ଏବଂ ଡକ୍ଟର ରେଡ୍ଡିଜ୍ ଲ୍ୟାବ୍ସର ସେୟାର ମଧ୍ୟ ୩% ରୁ ଅଧିକ ହ୍ରାସ ପାଇଛି। ସନ୍ ଫାର୍ମା, ସିପ୍ଲା, ଗ୍ଲେନମାର୍କ ଏବଂ ନାଟକୋ ଫାର୍ମା ଭଳି ବଡ଼ ନାମ ମଧ୍ୟ ୨-୨.୬% ହ୍ରାସ ପାଇଛି। ଟ୍ରମ୍ପ କହିଛନ୍ତି ଯେ ବିଦେଶୀ ଦେଶ, ବିଶେଷ କରି ଭାରତ ଏବଂ ଚୀନରୁ ଆସୁଥିବା ଶସ୍ତା ଔଷଧ ଯୋଗୁଁ ଆମେରିକା ଔଷଧ ଶିଳ୍ପ ଦୁର୍ବଳ ହେଉଛି। ତାଙ୍କର ଲକ୍ଷ୍ୟ ହେଉଛି ବିଦେଶୀ କମ୍ପାନୀଗୁଡ଼ିକ ଆମେରିକାରେ ସେମାନଙ୍କର କାରଖାନା ସ୍ଥାପନ କରନ୍ତୁ, ଯାହା ଦ୍ୱାରା ଚାକିରି ବୃଦ୍ଧି ପାଇବ ଏବଂ ଔଷଧ ଉତ୍ପାଦନ ସ୍ୱାବଲମ୍ବୀ ହେବ। କିନ୍ତୁ ଟ୍ରମ୍ପ ପୂର୍ବରୁ ବୟାନ ଦେଇଛନ୍ତି ଯେ ସେ ଏତେ ଉଚ୍ଚ ଶୁଳ୍କ ଲାଗୁ କରିବେ ଯେ କମ୍ପାନୀଗୁଡ଼ିକ ପାଇଁ ଆମେରିକାରେ ୟୁନିଟ୍ ସ୍ଥାପନ କରିବା ଶସ୍ତା ହେବ। କିଛି ରିପୋର୍ଟରେ ଅନୁମାନ କରାଯାଇଛି ଯେ ଏହି ଶୁଳ୍କ ୧୦% ରୁ ୨୫% ମଧ୍ୟରେ ହୋଇପାରେ। ତଥାପି, ଏ ନେଇ ସରକାରୀ ଘୋଷଣାକୁ ଅପେକ୍ଷା କରାଯାଇଛି।

**ଖସିଲା ଫାର୍ମା କମ୍ପାନୀ ସେୟାର**

**କ୍ଷତି ସହିବେ ଭାରତୀୟ ଔଷଧ କମ୍ପାନୀ**

ସୂଚନାଯୋଗ୍ୟ ଯେ, ଭାରତ ଆମେରିକାକୁ ଏକ ବଡ଼ ଔଷଧ ଯୋଗାଣକାରୀ। ଏଠାରୁ ଶସ୍ତା ଜେନେରିକ୍ ଔଷଧ ଆମେରିକାକୁ ଯାଏ, ଯାହା ସେଠାକାର ଲୋକଙ୍କୁ ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇଥାଏ। ଯଦି ଶୁଳ୍କ ଲାଗୁ ହୁଏ, ତେବେ ଏହି ଔଷଧର ମୂଲ୍ୟ ବୃଦ୍ଧି ପାଇବ। ଏତାଛଡା ଫାର୍ମା କମ୍ପାନୀଙ୍କ ବିକ୍ରି ହ୍ରାସ ମଧ୍ୟ ପାଇବ। ଏଥିଯୋଗୁ ସନ୍ ଫାର୍ମା, ଡକ୍ଟର ରେଡ୍ଡିଜ୍ ଏବଂ ଅରବିନ୍ଦ ଫାର୍ମା ଭଳି ଭାରତୀୟ କମ୍ପାନୀଗୁଡ଼ିକ ମଧ୍ୟ ପ୍ରଭାବିତ ହେବେ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହା ଏହି କମ୍ପାନୀଗୁଡ଼ିକର ସେୟାରରେ ଆହୁରି ହ୍ରାସ ଘଟାଇପାରେ। ହେଲେ ଭାରତ ସରକାର ଏହି ପ୍ରସଙ୍ଗରେ ସତର୍କ। ରିପୋର୍ଟ ଅନୁଯାୟୀ, ଭାରତ ବାଣିଜ୍ୟ ଚୁକ୍ତି ପୂର୍ବରୁ ଆମେରିକାଠାରୁ ପ୍ରତିଶ୍ରୁତି ମାଗିଛି ଯେ କୌଣସି ନୂତନ ଶୁଳ୍କ ଲାଗୁ କରାଯିବନାହିଁ। ଜୁଲାଇ ୯ ସୁଦ୍ଧା ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ପ୍ରୟାସ କରାଯାଉଛି, ଯାହା ଦ୍ୱାରା ଭାରତର ଔଷଧ ଶିଳ୍ପକୁ କ୍ଷତିରୁ ରକ୍ଷା ପାଇପାରିବ। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ମଧ୍ୟ ଟ୍ରମ୍ପଙ୍କ ଅନିଶ୍ଚିତ ମନୋଭାବକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଆହୁରିମଧ୍ୟ ଯଦି ଔଷଧ ଉପରେ ଶୁଳ୍କ ଲଗାଯାଏ, ତେବେ ଆମେରିକାରେ ଔଷଧର ମୂଲ୍ୟ ବୃଦ୍ଧି ଘଟାଇବ। ଏହା ସେଠାକାର ରୋଗୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ଭାରତରେ ଔଷଧ କମ୍ପାନୀଗୁଡ଼ିକ ମଧ୍ୟ କ୍ଷତି ସହିପାରନ୍ତି, ଯାହା ରପ୍ତାନି ହ୍ରାସ କରିପାରେ। ଯଦି ଭାରତ ଏବଂ ଆମେରିକା ମଧ୍ୟରେ ସଠିକ୍ ଚୁକ୍ତି ହୁଏ, ତେବେ ଏହି ପ୍ରଭାବ ହ୍ରାସ ହୋଇପାରେ।

## ସ୍ଥାୟୀ ଜମା ସୁଧ ହାର କମାଇଲା ଷ୍ଟେଟ୍ ବ୍ୟାଙ୍କ

ନୂଆଦିଲ୍ଲୀ,୧୭।୬(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ରେପୋ ହାର ୦.୫୦ ପ୍ରତିଶତ ହ୍ରାସ କରିବା ପରେ, ବ୍ୟାଙ୍କଗୁଡ଼ିକ ଏବେ ଋଣ ଏବଂ ସ୍ଥାୟୀ ଜମା ବା ଏଫଡି ଉପରେ ସୁଧ ହାର ହ୍ରାସ କରୁଛନ୍ତି। ଦେଶର ସବୁଠାରୁ ବଡ଼ ବ୍ୟାଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ମଧ୍ୟ ଏବେ ଏଫଡି ଉପରେ ସୁଧ ହାର ହ୍ରାସ କରିଛି। ବ୍ୟାଙ୍କ ଏହାର ସମସ୍ତ ଏଫଡି ଉପରେ ସୁଧ ହାରକୁ ୦.୧୫ ପ୍ରତିଶତରୁ ୦.୨୫ ପ୍ରତିଶତ ହ୍ରାସ କରିଛି। କେବଳ ଏତିକି ନୁହେଁ, ବ୍ୟାଙ୍କ ଏହାର ୪୪୪ ଦିନର ସ୍ୱତନ୍ତ୍ର ଏଫ୍‌ଡି, ଅମୃତ ବୃଷ୍ଟି ଉପରେ ମଧ୍ୟ ୦.୨୫ ପ୍ରତିଶତ ସୁଧ ହ୍ରାସ କରିଛି। ଏସବିଆଇର ନୂତନ ସୁଧ ହାର ଚଳିତମାସ ୧୫ ତାରିଖରୁ ଲାଗୁ ହୋଇଛି। ଏସବିଆଇ ଏପ୍ରିଲ ଏବଂ ୨୦୨୫ ମେ' ମାସରେ ମଧ୍ୟ ଏଫଡି ସୁଧ ହାର ହ୍ରାସ କରିଥିଲା। ୨୦୨୫ ମେ' ୧୬ ରେ ବ୍ୟାଙ୍କ ଏଫଡି ହାରରେ ୨୦ ବେସିସ୍ ପଏଣ୍ଟ ଅର୍ଥାତ୍ ସମସ୍ତ ଅବଧି ପାଇଁ ୦.୨୦ ପ୍ରତିଶତ ହ୍ରାସ କରିଥିଲା। ଏବେ ମାତ୍ର ଗୋଟିଏ ମାସ ପରେ ବ୍ୟାଙ୍କ ସୁଧ ହାରରେ ୦.୨୫ ପ୍ରତିଶତ ହ୍ରାସ କରିଛି। ବିଶେଷ କଥା ହେଉଛି ଏଥର ଅମୃତ ବୃଷ୍ଟି ଉପରେ ସୁଧ ମଧ୍ୟ ହ୍ରାସ କରାଯାଇଛି। ଅମୃତ ବୃଷ୍ଟି ଏଫଡି ଯୋଜନା ହେଉଛି ୪୪୪ ଦିନର ଏକ ସ୍ୱତନ୍ତ୍ର ଏଫ୍‌ଡି। ବ୍ୟାଙ୍କ ଏହା ଉପରେ ସୁଧ ହରକୁ ୬.୮୫ ପ୍ରତିଶତରୁ ୬.୬୦ ପ୍ରତିଶତକୁ ହ୍ରାସ କରିଛି। ଅପରପକ୍ଷେ ଏହି ଏଫଡି ଉପରେ ବ୍ୟାଙ୍କ ବରିଷ୍ଠ ନାଗରିକମାନଙ୍କୁ ୭.୧୦ ପ୍ରତିଶତ ସୁଧ ମିଳିବ। ସୂଚନାଯୋଗ୍ୟ ଏସବିଆଇ ୭ ଦିନରୁ ୧୦ ବର୍ଷ ପର୍ଯ୍ୟନ୍ତ ଏଫଡି ପ୍ରଦାନ କରୁଛି। ବ୍ୟାଙ୍କ ୫ ରୁ ୧୦ ଦିନର ଏଫଡି ଉପରେ ବରିଷ୍ଠ ନାଗରିକମାନଙ୍କୁ ସର୍ବାଧିକ ସୁଧ ଦେଉଛି। ଏହି ଏଫଡି ଉପରେ ସୁଧ ୭.୩୦ ପ୍ରତିଶତ। ଏଥର ଏସବିଆଇ ଏହାର ସମସ୍ତ ଅବଧିର ଏଫଡି ଉପରେ ସୁଧକୁ ୦.୧୫ ପ୍ରତିଶତରୁ ୦.୨୫ ପ୍ରତିଶତକୁ ହ୍ରାସ କରିଛି।



## ଅଜିମ୍ ପ୍ରେମ୍‌ଜୀ ହେଲ୍‌ଥ ଇକ୍ୱିଟି ଫେଲୋସିପ୍

ଭୁବନେଶ୍ୱର,୧୭।୬(ସମିସ): ଅଜିମ ପ୍ରେମଜୀ ଫାଉଣ୍ଡେସନ ସ୍ନାତକୋତର ଡାକ୍ତର (ପିଜି) ମାନଙ୍କ ନିମନ୍ତେ ୧୮ ମାସର ନିମଗ୍ନକାରୀ ଶିକ୍ଷଣ ଅଭିଜ୍ଞତା ହାସଲ କରିବାକୁ 'ଅଜିମ ପ୍ରେମଜୀ ହେଲ୍‌ଥ ଇକ୍ୱିଟି ଫେଲୋସିପ' ପ୍ରଦାନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫେଲୋସିପ ଅଜିମ ପ୍ରେମଜୀ ଫାଉଣ୍ଡେସନ ଏବଂ ଦେଶର ବିଭିନ୍ନ ଭାଗରେ ଅବସ୍ଥିତ ୧୧ଟି ସମ୍ମାନଜନକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଏକ ସମ୍ମିଳିତ ପ୍ରୟାସ ହୋଇଛି। ଏହି କାର୍ଯ୍ୟକ୍ରମର ଅଂଶ ଭାବରେ ଫେଲୋମାନଙ୍କୁ ଗ୍ରାମାଞ୍ଚଳରେ ରୋଗୀମାନଙ୍କ ସହିତ ଫଳପ୍ରଦ ଭାବରେ କାମ କରିବାର ଅନୁଭବ ସହିତ ଶିଖିବାର ସୁଯୋଗ ମିଳିବ। ବରିଷ୍ଠ ଡାକ୍ତରମାନଙ୍କ ଦ୍ୱାରା ବହୁବିଧ ରୋଗ ଚିକିତ୍ସା ଓ ମାର୍ଗଦର୍ଶନ ସେମାନଙ୍କୁ ସଫଳ ଚିକିତ୍ସା କୌଶଳ ଏବଂ ଗୋଷ୍ଠୀ ଅନୁଭୂତି ହାସଲ କରିବାରେ ଏହା ସୁଯୋଗ ପ୍ରଦାନ କରିବ। ଏହି ଫେଲୋସିପରେ ଯୋଗଦାନ କରି ଫେଲୋମାନେ ସ୍ୱାସ୍ଥ୍ୟସେବା ଯୋଗାଣର ସମ୍ମୁଖ ଭାଗରେ କାର୍ଯ୍ୟ କରିବାର କ୍ଷେତ୍ରସ୍ତରୀୟ ବହୁମୂଲ୍ୟ ଅନୁଭୂତି ଲାଭ କରିବେ। ସ୍ୱାସ୍ଥ୍ୟ ସୁବିଧାଗୁଡିକ ଆବଶ୍ୟକତା ମୁତାବକ ଉପଲବ୍ଧ କରାଇବା ଏବଂ ଲୋକଙ୍କ ନିକଟରେ ପହଞ୍ଚାଇବା ରାସ୍ତାରେ ରହୁଥିବା ଚାଲେଞ୍ଜଗୁଡିକୁ ବୁଝିପାରିବେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଆସିବାକୁ ଥିବା ବହୁବିଧ ଚାଲେଞ୍ଜର ମୁକାବିଲା ଓ ସମାଧାନ ଶିଖିବା ଅବସରରେ ଏହି କ୍ଷେତ୍ରର ଅନୁଭବୀ ଲୋକ ଏବଂ ଜନସମୁଦାୟଙ୍କ ସହିତ ମିଳିତ ଭାବରେ କାମ କରିବା ଶିକ୍ଷାଲାଭ କରିପାରିବେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ଥାୟୀ ପରିବର୍ତ୍ତନ ଆଣିବା ନିମନ୍ତେ କାର୍ଯ୍ୟ କରୁଥିବା ଲୋକଙ୍କ ସହିତ ଯୋଡିହେବେ।

## ଦେଶର ବୃହତ୍ ଅଟୋମୋବାଇଲ ଗତିଶକ୍ତି ମଲ୍ଟି-ମୋଡାଲ କାର୍ଗୋ ଟର୍ମିନାଲ ଉଦ୍‌ଘାଟିତ

ନୂଆଦିଲ୍ଲୀ,୧୭।୬(ଏଜେନ୍ସି): କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ହରିୟାଣାର ମାନେସରରେ ଥିବା ମାରୁତି ସୁଜୁକୀ ଇଣ୍ଡିଆ ଲିମିଟେଡଠାରେ ଦେଶରେ ବୃହତ୍ତମ ଅଟୋମୋବାଇଲ ଗତି ଶକ୍ତି ମଲଟି-ମୋଡାଲ କାର୍ଗୋ ଟର୍ମିନାଲର ଉଦଘାଟନ କରିଛନ୍ତି। ମାନେସରରେ ଥିବା ପ୍ଲାଣ୍ଟଟି ପାଟଲି ରେଳ ଷ୍ଟେସନ ସହିତ ୧୦ କିଲୋମିଟର ଡେଡିକେଟେଡ୍ ରେଳ ଲିଙ୍କ୍ ମାଧ୍ୟମରେ ସଂଯୁକ୍ତ, ଯାହା ହରିୟାଣା ରେଳ ଭିତ୍ତିଭୂମି ବିକାଶ ନିଗମ (ଏଚଆରଆଇଡିସି) ଦ୍ୱାରା ବିକଶିତ ୧୨୧.୭ କିଲୋମିଟର ଲମ୍ବ ହରିୟାଣା ଅର୍ବିଟାଲ୍ ରେଳ କରିଡରର ଏକ ଅଂଶ। ଏହି ୧୦ କିଲୋମିଟର ଲିଙ୍କ୍ ନିର୍ମାଣରେ ୮୦୦ କୋଟି ଟଙ୍କା ନିବେଶ ହୋଇଥିଲା, ଯେଉଁଥିରେ ଏଚଆରଆଇଡିସି ୬୮୪ କୋଟି ଟଙ୍କାର ଅବଦାନ ଦେଇଥିଲା ଏବଂ ବାକି ପରିମାଣ ମାରୁତି ସୁଜୁକି ଦ୍ୱାରା ଯୋଗାଇ ଦିଆଯାଇଥିଲା।

# ଭୁବନେଶ୍ୱରରେ ରେକର୍ଡ ଭାଙ୍ଗିଲା ରୁପା ଦର

ନୂଆଦିଲ୍ଲୀ,୧୭।୬(ଏଜେନ୍ସି)




ଦେଶରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଓ ରୁପା ଦର। ମାତ୍ର କିଛି ଦିନର ବ୍ୟବଧାନ ପରେ ଦେଶରେ ସୁନା ଓ ରୁପା ଦର ପୁଣି ଥରେ ବଢ଼ିଛି। ସୁନା ଦର ୧୦ ଗ୍ରାମ ପିଛା ୧ ଲକ୍ଷ ଟଙ୍କା ଉପରକୁ ଉଠିଥିବାବେଳେ ରୁପା ମୂଲ୍ୟ ମଧ୍ୟ ଲକ୍ଷେ ଟଙ୍କା ଉପରକୁ ଯାଇ ନୂଆ ରେକର୍ଡ କରିଛି। ଏଥିରେ ସୁନା ମୂଲ୍ୟକୁ ରୁପା ଦର ଟପିଯାଇଛି। ଯାହାଫଳରେ ଆଜି ଘରୋଇ ବଜାରରେ ରୁପା କିଲୋ ପିଛା ୧.୦୭ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ ଦିଲ୍ଲୀ ଦରକୁ ଟପିଯାଇଛି। ସହରରେ ରୁପା କିଲୋ ପିଛା ୧.୧୧ ଲକ୍ଷ ଟଙ୍କାରେ ପହଞ୍ଚି ଏକ ନୂଆ ରେକର୍ଡ ପ୍ରତିଷ୍ଠା ହୋଇଛି।

ମଙ୍ଗଳବାର ଘରୋଇ ବଜାରରେ ପୁଣି ଥରେ ରୁପା ମୂଲ୍ୟରେ ବୃଦ୍ଧି ଘଟିଛି। ଭୁବନେଶ୍ୱରରେ ଆଜି ରୁପା କିଲୋ ପିଛା ୧,୧୧,୭୦୦ ଟଙ୍କା ଛୁଇଁଛି। ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୨,୦୦୦ ଟଙ୍କା ରହିଥିବାବେଳେ ୨୪ କ୍ୟାରେଟ୍ ସୁନା ଦର ୧,୦୦,୩୬୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ଆଜି ଗୋଟିଏ ଦିନରେ ରୁପା କିଲୋ ପିଛା ୨୪୦୦ ଟଙ୍କା ବୃଦ୍ଧି ପାଇ ୧,୦୭,୪୨୫ ଟଙ୍କାରେ ପହଞ୍ଚିଛି। ଏହି ସମୟରେ ୯୯.୯ ପ୍ରତିଶତ ଶୁଦ୍ଧ ବା ୨୪ କ୍ୟାରେଟ୍ ସୁନା ମୂଲ୍ୟରେ ୧୨୦୦ ଟଙ୍କା ହ୍ରାସ ପାଇ ୧୦ ଗ୍ରାମ ପିଛା ୧୦୦,୧୭୦ ଟଙ୍କା ହୋଇଛି। ଦୃଢ଼ ବିଶ୍ୱ ସଙ୍କେତ ମଧ୍ୟରେ ଦିଲ୍ଲୀରେ ରୁପା ମୂଲ୍ୟ ପୁଣି ଥରେ ଶୀର୍ଷ ସ୍ତର ଛୁଇଁଛି। ରୁପା ମୂଲ୍ୟ ୧.୧୧ ଲକ୍ଷ ଟଙ୍କା ପ୍ରତି କିଲୋଗ୍ରାମରେ ପହଞ୍ଚିବା ଏକ ନୂତନ ରେକର୍ଡ ବୋଲି ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ପକ୍ଷରୁ କୁହାଯାଇଛି। କେଡିଆ ଆଡଭାଇଜରୀର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଭୂ-ରାଜନୈତିକ ଉତ୍ତେଜନା ଜାରି ରହିଛି। ଇସ୍ରାଏଲ ଏବଂ ଇରାନ ମଧ୍ୟରେ ମଧ୍ୟ ଯୁଦ୍ଧ ଆରମ୍ଭ ହୋଇଛି। ଏହା ସୁନାକୁ ସମର୍ଥନ କରୁଛି। ଏହା ସୁନାର ଚାହିଦା ବୃଦ୍ଧି କରୁଛି। ଏପରି ପରିସ୍ଥିତିରେ, ଏହି ବର୍ଷ ପ୍ରତି ୧୦ ଗ୍ରାମ ସୁନା ଦର ୧ ଲକ୍ଷ ୩ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ସେହି ସମୟରେ, ଏହି ବର୍ଷ ରୁପା ୧ ଲକ୍ଷ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଅପରପକ୍ଷେ ଗତ ବର୍ଷ ଅର୍ଥାତ୍ ୨୦୨୪ ରେ ସୁନା ୧୨,୮୧୦ ଟଙ୍କା ମହଙ୍ଗା ହୋଇଥିଲା।

**କିଲୋ ୧,୧୧,୭୦୦ ଟଙ୍କା**

## ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଗ୍ରୀଷ୍ମ ଶିବିର ଏବଂ ସ୍କୁଲ ପ୍ରସ୍ତୁତି ମେଳା

ଭୁବନେଶ୍ୱର,୧୭।୬(ସମିସ): ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ, ପ୍ରଥମ ଶିକ୍ଷା ଫାଉଣ୍ଡେସନ ସହିତ ମିଳିତ ଭାବରେ ଏହାର ଫ୍ଲାଗ୍‌ଶିପ୍ ଗୋଷ୍ଠୀ ବିକାଶ ପଦକ୍ଷେପ ଅନ୍ତର୍ଗତ ହମାରା ଗାଁଓ ପ୍ରକଳ୍ପ ଅଧୀନରେ ଘିଚାମୁରାର ଗୁମକର୍ମାଠାରେ ଗ୍ରୀଷ୍ମ ଶିବିର ଏବଂ ସ୍କୁଲ ପ୍ରସ୍ତୁତି ମେଳା ଉଦଘାଟନ କରିଛି। ଏହି କାର୍ଯ୍ୟକ୍ରମ ୫ଟି ଗ୍ରାମ ପଞ୍ଚାୟତରେ ବିସ୍ତାରିତ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପ୍ଲାଣ୍ଟର ୨୦ଟି ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ପିଲାମାନଙ୍କ ପାଇଁ ଏକ ଆକର୍ଷଣୀୟ ଗ୍ରୀଷ୍ମ ଶିକ୍ଷା ଅଭିଜ୍ଞତାର ଆରମ୍ଭ। ଏହି ପଦକ୍ଷେପକୁ ଘିଚାମୁରା - ସରପଞ୍ଚ ରାଜୀବ କିଷାନ ଏବଂ ରେଙ୍ଗାଲିର ବ୍ଲକ ଶିକ୍ଷା କାର୍ଯ୍ୟାଳୟର ପ୍ରତିନିଧିମାନଙ୍କ ସହିତ ଲାଇଡା, ଲପଙ୍ଗା ଏବଂ କତାରବାଗା କ୍ଲଷ୍ଟର ସିଆର୍‌ସିସିମାନଙ୍କର ଉପସ୍ଥିତିରେ ବିଶାଳ ରାଜ, ମୁଖ୍ୟ ସିଏସ୍‌ଆର୍ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ - ସମ୍ବଲପୁର; ଝାରସୁଗୁଡା ଦ୍ୱାରା ଆନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଶିକ୍ଷାକୁ ବୃଦ୍ଧି କରିବା ପାଇଁ ଦୁଇଟି ପ୍ରମୁଖ ଉପାଦାନ ରହିଛି। ଚତୁର୍ଥରୁ ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଡିଜାଇନ୍ ହୋଇଥିବା ଗ୍ରୀଷ୍ମକାଳୀନ ଶିବିର, ତାଲିମପ୍ରାପ୍ତ ସମ୍ପ୍ରଦାୟ ସ୍ୱେଚ୍ଛାସେବକଙ୍କ ଦ୍ୱାରା ପରିଚାଳିତ ମଜାଦାର, କାର୍ଯ୍ୟକଳାପ-ଭିତ୍ତିକ ଅଧିବେଶନ ମାଧ୍ୟମରେ ମୌଳିକ ଶିକ୍ଷା ଗଠନ ଉପରେ ଧ୍ୟାନ ଦିଆଯାଇଛି।




ଏହି ସମୟରେ, ସ୍କୁଲ୍ ପ୍ରସ୍ତୁତି ମେଳା ଶ୍ରେଣୀ ୧ ଏବଂ ୨ ର ନୂତନ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ଲକ୍ଷ୍ୟ କରେ, ସେମାନଙ୍କର ଶିକ୍ଷଣ ସ୍ତର ମୂଲ୍ୟାଙ୍କନ କରେ ଏବଂ ସେମାନଙ୍କ ମା'ମାନଙ୍କୁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ ହୋଇଥିବା ସ୍କୁଲ୍ ପ୍ରସ୍ତୁତି ପୁସ୍ତକ ସହିତ ସଜ୍ଜିତ କରେ। ଏହି କାର୍ଯ୍ୟକ୍ରମ ସମୟରେ, ୨୦ ଟି ଗ୍ରାମରୁ ସମସ୍ତ ମନୋନୀତ ଏବଂ ପ୍ରଶିକ୍ଷିତ ସ୍ୱେଚ୍ଛାସେବକଙ୍କୁ ଶିକ୍ଷଣ କିଟ୍ ବଣ୍ଟନ କରାଯାଇଥିଲା। ଏହି ସ୍ୱେଚ୍ଛାସେବକମାନେ ସେମାନଙ୍କ ସମ୍ପ୍ରଦାୟର ପିଲାମାନଙ୍କ ସହିତ ନିୟମିତ ଅଧିବେଶନଗୁଡ଼ିକୁ ସହଜ କରିବେ। ସ୍କୁଲ୍ ପ୍ରସ୍ତୁତି ମେଳା ପାଇଁ, ପିଲାଙ୍କ ଶିକ୍ଷଣ ସ୍ତରକୁ ବୁଝିବା ପାଇଁ ଏକ ପ୍ରାରମ୍ଭିକ ମୂଲ୍ୟାଙ୍କନ କରାଯିବ, ତା'ପରେ ଗ୍ରୀଷ୍ମ ଶେଷରେ ପ୍ରଗତି ମାପିବା ପାଇଁ ଆଉ ଏକ ପର୍ଯ୍ୟାୟ କରାଯିବ।

ସର୍ଭେ ରିପୋର୍ଟ

## ଆଗାମୀ ୫ ବର୍ଷରେ ଆର୍ଥିକ ଲକ୍ଷ୍ୟ ହାସଲ କରିନେବେ ନିମ୍ନ ମଧ୍ୟବିତ୍ତ ପରିବାର

ନୂଆଦିଲ୍ଲୀ,୧୭।୬(ଏଜେନ୍ସି): ରୋଜଗାର ବଢୁଥିବାରୁ ଭାରତୀୟ ନିମ୍ନମଧ୍ୟବିତ୍ତଙ୍କ ଆତ୍ମବିଶ୍ୱାସ ବଢୁଥିବା ଏକ ସର୍ଭେ ରିପୋର୍ଟରୁ ସାମ୍ନାକୁ ଆସିଛି। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଭାରତର ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକ ସେମାନଙ୍କର ପ୍ରମୁଖ ଆର୍ଥିକ ଲକ୍ଷ୍ୟଗୁଡିକୁ ହାସଲ କରିନେବେ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ହୋମ୍ କ୍ରେଡିଟ୍ ଇଣ୍ଡିଆର ସର୍ଭେର ତୃତୀୟ ସଂସ୍କରଣ, ଦି ଗ୍ରେଟ୍ ଇଣ୍ଡିଆନ୍ ୱାଲେଟ୍ ୨୦୨୫ରେ ସର୍ଭେ ରିପୋର୍ଟରେ ଏହି ତଥ୍ୟ ସାମ୍ନାକୁ ଆସିଛି। ସର୍ଭେରେ କମ୍ପାନୀର ଫାଇନାନ୍ସ ୱେଲବିଙ୍ଗ ଇଣ୍ଡେକ୍ସରେ ପ୍ରାୟ ୭୩ ପ୍ରତିଶତ ଉତ୍ତରଦାତା ସେମାନଙ୍କର ବର୍ଦ୍ଧିତ ରୋଜଗାର ନେଇ ଆଶାବାଦୀ ଥିବା ଦର୍ଶାଯାଇଛି। ଏହି ସର୍ଭେ ସୂଚକାଙ୍କରେ "ଭବିଷ୍ୟତର ଆଶା" କ୍ୟାଟେଗୋରୀରେ ୫୯ ସ୍କୋର ରହିଛି। ତେଣୁ ଲୋକେ ଭବିଷ୍ୟତର ଉତ୍ତମ ପ୍ରଦର୍ଶନ ନେଇ ଆଶାବାଦୀ ଥିବା ଜଣାପଡିଛି। ମହଙ୍ଗା ବଜାରରେ ବି ଗ୍ରାହକଙ୍କ ବିଶ୍ୱାସ ଭାଙ୍ଗି ନାହିଁ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ପରିବାରର ଆୟ ବୃଦ୍ଧି ପାଇବା ହେତୁ ଲୋକମାନେ ଅଧିକ ସକାରାତ୍ମକ ଅନୁଭବ କରୁଛନ୍ତି। ଚଳିତ ବର୍ଷ ୫୭ ପ୍ରତିଶତ ଉତ୍ତରଦାତା କହିଛନ୍ତି ଯେ ସେମାନଙ୍କ ପରିବାର ଅଧିକ ରୋଜଗାର କରିଛନ୍ତି। ୨୦୨୪ ମସିହାରେ ଏହି ସଂଖ୍ୟା ମାତ୍ର ୫୨ ପ୍ରତିଶତ ଥିଲା।

ଏ ନେଇ ହୋମ୍ କ୍ରେଡିଟ୍ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ ଆଶିଷ ତିୱାରୀ କହିଛନ୍ତି, ଯେତେବେଳେ ଆମେ ୨୦୨୩ରେ 'ଦି ଗ୍ରେଟ୍ ଇଣ୍ଡିଆନ୍ ୱାଲେଟ୍ ଷ୍ଟଡି' ଆରମ୍ଭ କରିଥିଲୁ, ଆମେ ଭାରତର ଆର୍ଥିକ ସ୍ପନ୍ଦନକୁ ବୁଝିବାକୁ ଚେଷ୍ଟା କରିଥିଲୁ। ଆମେ ଯାହା ପାଇଲୁ ତାହା ହେଲା ଏହି ଦେଶ ହେଉଛି ଏକ ନୀରବ ବିପ୍ଳବୀଙ୍କ ଦେଶ। କାରଣ ଏଠି ଲକ୍ଷ ଲକ୍ଷ ପରିବାର ପ୍ରତିବନ୍ଧକକୁ ପଦକ୍ଷେପରେ ଓ ଆହ୍ୱାନକୁ ସୁଯୋଗରେ ପରିଣତ କରୁଛନ୍ତି। ଆଶିଷ ଆହୁରି କହିଛନ୍ତି "ଏହି ବର୍ଷର ଫଳାଫଳ କିଛି ଅସାଧାରଣ ପ୍ରକାଶ କରୁଛି: ଆର୍ଥିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ, ଭାରତର ନିମ୍ନ ମଧ୍ୟବିତ୍ତ ବର୍ଗ ପୂର୍ବ ଅପେକ୍ଷା ଅଧିକ ଆଶାବାଦୀ, ଅଧିକ ଡିଜିଟାଲ୍ ଏବଂ ଅଧିକ ଦୃଢ଼। ଗ୍ରେଟ୍ ଇଣ୍ଡିଆନ୍ ୱାଲେଟ୍ ୨୦୨୫' ଫେବୃଆରୀ ଏବଂ ଏପ୍ରିଲ ୨୦୨୫ ମଧ୍ୟରେ ୧୭ ଟି ସ୍ଥାନରେ କରାଯାଇଥିଲା।

## ୨୧୨ ପଏଣ୍ଟ ଉଠିଲା ସେନ୍‌ସେକ୍ସ

ମୁମ୍ବଇ,୧୭।୬(ଏଜେନ୍ସି): ଭାରତୀୟ ସେୟାର ବଜାର ମଙ୍ଗଳବାର ହ୍ରାସ ସହ ବନ୍ଦ ହୋଇଛି। ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଉତ୍ତେଜନା ନିବେଶକଙ୍କ ଚିନ୍ତା ବଢାଇଛି। ଯେଉଁଥିପାଇଁ ବଜାରରେ ବିକ୍ରି ଦେଖିବାକୁ ମିଳିଛି। କାରବାର ଶେଷରେ ସେନସେକ୍ସ ୨୧୨.୮୫ ଅଙ୍କ ବା ୦.୨୬ ପ୍ରତିଶତ ହ୍ରାସ ପାଇ ୮,୧୪,୫୮୩.୩୦ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ, ନିଫ୍ଟି ୯୩.୧୦ ଅଙ୍କ ବା ୦.୩୭ ପ୍ରତିଶତ ଖସି ୨୪,୮୫୩.୪୦ ସ୍ତରରେ ବନ୍ଦ ହୋଇଛି। ଆଇଟି ସେୟାରକୁ ଛାଡ଼ି ଅନ୍ୟ ସବୁ ସମସ୍ତ ସେକ୍ଟୋରାଲ ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି। ସବୁଠୁ ଅଧିକ ହ୍ରାସ ଫାର୍ମା ଓ ହେଲ୍ଥକେୟାର ସେୟାରରେ ଦେଖିବାକୁ ମିଳୁଛି। ଫାର୍ମା ଆମଦାନୀ ଉପରେ ଟାରିଫ୍ ଲଗାଇବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘୋଷଣା ପରେ ଏହି ହ୍ରାସ ଦେଖିବାକୁ ମିଳିଛି। ଏହା ବ୍ୟତୀତ ମେଟାଲ, ବ୍ୟାଙ୍କିଂ ଓ ଅଟୋ ଇଣ୍ଡେକ୍ସ ବି ଅଧା ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଇଣ୍ଡେକ୍ସରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ନିଫ୍ଟି ମିଡ୍‌କ୍ୟାପ୍ ୧୦୦ ଓ ନିଫ୍ଟି ସ୍ମଲ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ପ୍ରାୟ ୦.୭ ପ୍ରତିଶତ ଯାଏ ହ୍ରାସ ପାଇ ବନ୍ଦ ହୋଇଛି। ବିଶେଷଜ୍ଞଙ୍କ ମତରେ ପଶ୍ଚିମ ଏସିଆର ସ୍ଥିତି ନସୁଧୁରିବା ଯାଏ ବଜାର ଦୁର୍ବଳ ରହିବ। ଅନ୍ୟପଟେ ଆମେରିକୀୟ ଫେଡେରାଲ୍ ରିଜର୍ଭ ବୈଠକର ପରିଣାମକୁ ବି ନିବେଶକ ଅପେକ୍ଷା କରିଛନ୍ତି। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ ମାର୍କେଟ୍ କ୍ୟାପ୍ ଆଜି ଜୁନ୍ ୧୭ରେ ହ୍ରାସ ପାଇ ୪୪୭.୭୯ ଲକ୍ଷ କୋଟି ଟଙ୍କା ହୋଇଛି। ଯାହା ପୂର୍ବ କାରବାର ଦିନ ଅର୍ଥାତ୍ ସୋମବାର ୪୫୦.୫୨ ଲକ୍ଷ କୋଟି ଟଙ୍କା ଥିଲା।

ନୂଆ ସାପ୍ତାହିକ ଏକ୍ସପାଏରୀକୁ ସେବିର ମଞ୍ଜୁରି

# ଏନ୍‌ଏସ୍‌ଇକୁ ମଙ୍ଗଳବାର, ବିଏସ୍‌ଇକୁ ଗୁରୁବାର

ନୂଆଦିଲ୍ଲୀ,୧୭।୬(ଏଜେନ୍ସି)




ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜକୁ ମଙ୍ଗଳବାର ଓ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଗୁରୁବାର ଡେରିଭେଟୋରି ଏକ୍ସପାଏରୀ ପାଇଁ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି)ଠାରୁ ମଞ୍ଜୁରି ମିଳିଛି।

ଏ ସମ୍ପର୍କରେ ଏନ୍‌ଏସ୍‌ଇର ଚିଫ୍ ବିଜେନସ୍ ଅଫିସର ଶ୍ରୀରାମ କୃଷ୍ଣନ କହିଛନ୍ତି, ଯଦି ଆପଣ ଏହାକୁ ଓଲଟାଇ ଦେଖିବେ ଓ ଏନ୍‌ଏସ୍‌ଇ ଏକ୍ସପାଏରୀ ମଙ୍ଗଳବାର ସ୍ଥିର ହୋଇଛି, ତେବେ ଏହା ଆମ ପାଇଁ ବଡ଼ ପଜିଟିଭ। ମାର୍କେଟ୍ ଇକୋ ସିଷ୍ଟମ୍ ଏହା ହିଁ ଡିମାଣ୍ଡ କରୁଥିଲା। ପୂର୍ବରୁ ଆମକୁ ଏଥିପାଇଁ ସକାରାତ୍ମକ ମତାମତ ମିଳିସାରିଛି। ସେ କହିଛନ୍ତି, 'ଆମ ପାଖରେ ସୁଯୋଗ ଥିଲା, ତଥାପି ଆମେ କେବେ ବି ଆମର ଏକ୍ସପାଏରୀ ଦିନ ପରିବର୍ତ୍ତନ କରିନଥିଲୁ। ଯେତେବେଳେ ଅନ୍ୟ ଏକ୍ସଚେଞ୍ଜ ଶୁକ୍ରବାରରୁ ମଙ୍ଗଳବାର ଶିଫ୍ଟ କରିଥିଲେ, ସେତେବେଳେ ଆମେ କୌଣସି ପରିବର୍ତ୍ତନ କରିନଥିଲୁ।

ପ୍ରଥମେ ଆମେ ସୋମବାର ଉପରେ ବିଚାର କରିଥିଲୁ, କିନ୍ତୁ ଫିଡବ୍ୟାକ୍ ପରେ ମଙ୍ଗଳବାର ବାଛିଲୁ। ଏବେ ଏହାକୁ ମଞ୍ଜୁରି ମିଳିଛି। ଗ୍ଲୋବାଲ ବ୍ରୋକରେଜ୍ ଫାର୍ମା ଗୋଲ୍ଡମ୍ୟାନ୍ ସାକ୍ସ ନିଜ ରିପୋର୍ଟରେ କହିଛି, ସେବିର ଏହି ନିଷ୍ପତ୍ତି ବିଏସଇ ପାଇଁ ଏକ 'ବାଇନରୀ ଇଭେଣ୍ଟ' ହୋଇପାରେ। ଏଥିରେ ଲାଭ ସୀମିତ କିନ୍ତୁ ବଡ଼ କ୍ଷତି ହୋଇପାରେ। ବ୍ରୋକରେଜ୍ ଫାର୍ମା ବିଏସ୍‌ଇରେ ନ୍ୟୁଟ୍ରଲ୍ ରେଟିଂ ବଜାୟ ରଖିଛି। ଗୋଲ୍ଡମ୍ୟାନ ସାକ୍ସ ଅନୁସାରେ, ଯଦି ବିଏସ୍‌ଇ ନିଜର ମଙ୍ଗଳବାର ଏକ୍ସପାଏରୀ ବଜାୟ ରଖେ, ତେବେ ଏହାର ମାର୍କେଟ୍ ଅଂଶଧନ ପ୍ରାୟ ସ୍ଥିର ରହିଥାନ୍ତା। କିନ୍ତୁ ଏବେ ଗୁରୁବାରକୁ ଶିଫ୍ଟ ହେବା କାରଣରୁ ଏହାକୁ ପ୍ରାୟ ୩ ପ୍ରତିଶତ ମାର୍କେଟ୍ ସେୟାର ହରାଇବାକୁ ପଡ଼ିପାରେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ। ଘରକୁ ଅତିଥିଙ୍କ ଆଗମନ ହେବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ପରିବାରର ସହଯୋଗ ମିଳିବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଦିନଟି ଯନ୍ତ୍ରଣାଦାୟକ ରହିପାରେ। କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ। ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ। କୌଣସି କାମ ସମସ୍ୟା ସୃଷ୍ଟି କରିବ। ଧାର କରଜରୁ ନିବୃତ୍ତ ରହିବେ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିବେ। ବନ୍ଧୁଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ଆଲୋଚନା କରନ୍ତୁ ନାହିଁ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଘର କିମ୍ବା ଜାଗାବାଡ଼ି କିଣିବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ। ଅଫିସ୍‌ରେ ପରିଶ୍ରମ ଅନୁସାରେ ଫଳ ମିଳିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଆୟ ଓ ବ୍ୟୟ ସମାନ ରହିବ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର। ଚାକିରିଆଙ୍କୁ ଶୁଭ ଖବର ମିଳିପାରେ। ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଉଧାର ଅର୍ଥ ଫେରି ପାଇପାରନ୍ତି। ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହୋଇପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟରେ ପରିବର୍ତ୍ତନ ଆସିପାରେ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ। ପାରିବାରିକ ସମସ୍ୟା ଦୂର ହେବ। ସଙ୍ଗୀତପ୍ରତି ରୁଚି ବଢ଼ିବ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ। ଘରେ ଭୋଜିଭାତର ଆୟୋଜନ କରିବେ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରିଶ୍ରମର ଉଚିତ ଫଳ ମିଳିବ।

## ଆଜିର ଇତିହାସ

- ୧୮୧୫- ୱାଟର୍ ଲୁ ଯୁଦ୍ଧରେ ନେପୋଲିଅନ୍ ବୋନାପାର୍ଟଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା।
- ୧୮୩୭- ସ୍ପେନ୍ ନୂଆ ସମ୍ବିଧାନ ଆପଣାଇଲା।
- ୧୯୫୬- ହିନ୍ଦୁ ଉତ୍ତରାଧିକାର ଅଧିନିୟମ ପାରିତ ହେଲା।
- ୨୦୦୯- ନାସା ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ ପାଇଁ ଏକ ବିଶେଷ ଯାନକୁ ପ୍ରେରିତ କଲା।
- ୨୦୧୩- ଇରାକ୍‌ର ରାଜଧାନୀ ବାଗଦାଦ୍‌ରେ ଆତ୍ମଘାତୀ ଆକ୍ରମଣରେ ୩୧ଜଣଙ୍କ ପ୍ରାଣହାନି।

## ଭାରତରୁ ବ୍ରିଟେନ ଗଲା ବୁଲେଟ୍
## ଖର୍ଚ୍ଚ ସାଢ଼େ ଚାରି ଲକ୍ଷ



ଗୋଟିଏ ଭାରତୀୟ ପରିବାର ଫର୍ଣ୍ଣିଚର ଓ ରୟାଲ ଏନଫିଲ୍ଡ ବୁଲେଟ୍‌କୁ ଭାରତରୁ ବ୍ରିଟେନକୁ ଆଣିଛନ୍ତି। ଏ ଲାଗି ସେମାନେ ସାଢ଼େ ଚାରିଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହି ପରିବାର ବ୍ରିଟେନରେ ରୁହନ୍ତି। ଭିଡିଓରେ କୁହାଯାଇଛି, ଭାରତରେ ଫର୍ଣ୍ଣିଚର ଉନ୍ନତମାନର ହୋଇଥାଏ। ତେଣୁ ଫର୍ଣ୍ଣିଚର ସବୁକୁ ପଞ୍ଜାବର କରତାପୁରରୁ ଇଂଲଣ୍ଡ ଅଣାଯାଇଛି। ଅନ୍ୟପଟେ ଭିଡିଓରେ ଦେଖିବାକୁ ମିଳିଛି ଯେ, ଗୋଟିଏ ବଡ଼ ଟ୍ରକ୍‌ରେ ଫର୍ଣ୍ଣିଚର ଏବଂ ମୋଟରସାଇକଲ ବ୍ରିଟେନ ସ୍ଥିତ ୱଲଭରହାମ୍ପଟନ ସ୍ଥିତ ଘରକୁ ଅନଲୋଡ୍ କରାଯାଉଛି। ଏଥିରେ ପଞ୍ଜାବ ନମ୍ବର ପ୍ଲେଟ୍ ଥିବା କଳା ରଙ୍ଗ ବୁଲେଟ୍ ଦେଖିବାକୁ ମିଳିଛି। ତେବେ ୪୦ ଦିନର ଯାତ୍ରା ପରେ ଭାରତରୁ ସମସ୍ତ ଜିନିଷ ବ୍ରିଟେନରେ ପହଞ୍ଚିଛି। ବୁଲେଟ୍ ସମେତ ଟ୍ରକ୍‌ରେ ସୋଫା, ଖଟ, ଚୌକି, ଡାଇନିଂ ଟେବୁଲ ଭଳି ଅନ୍ୟାନ୍ୟ ଜିନିଷ ସାମିଲ ଅଛି। ତେବେ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଭାରତରୁ ଏସବୁ ଜିନିଷ ବ୍ରିଟେନ ପଠାଇବା ଲାଗି ସାଢେ ଚାରି ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ଅନ୍ୟପଟେ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## 'ରାମାୟଣ'ରେ କାମ କରିବାକୁ ମନା କରିଥିଲେ ପ୍ରିୟଙ୍କା



ନୀତେଶ ତିୱାରୀଙ୍କ 'ରାମାୟଣ'କୁ ନେଇ ନିୟମିତ ଖବର ଆସୁଛି। ପୌରାଣିକ କାହାଣୀକୁ ନେଇ ଏଭଳି ଏକ ବିଗ୍ ବଜେଟ୍‌ର ଫିଲ୍ମ ନିର୍ମାଣ କରାଯାଉଥିବାରୁ ଉତ୍ତର ଠୁ ଆରମ୍ଭ କରି ଦକ୍ଷିଣ ଭାରତୀୟ ଦର୍ଶକେ ଏହାର ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ଏଥିରେ ବଲିଉଡ୍‌ର ଏକାଧିକ କଳାକାର କାମ କରୁଛନ୍ତି। 'ରାମାୟଣ'ରେ ରାମ ଭୂମିକାରେ ରଣବୀର କପୁର, ସୀତା ଭୂମିକାରେ ସାଇ ପଲ୍ଲବୀ ଓ ରାବଣ ଭୂମିକାରେ ଯଶ୍ ନଜର ଆସିବେ। ଏଥିରେ ରକୁଲ୍ ପ୍ରୀତ ସିଂହ ସୂର୍ପଣ୍ଣଖା ଭୂମିକାରେ ଅଭିନୟ କରୁଛନ୍ତି। ରକୁଲ୍‌ଙ୍କ ପୂର୍ବରୁ ଏହି ଭୂମିକା ପ୍ରିୟଙ୍କା ଚୋପ୍ରାଙ୍କୁ ଅଫର୍ ହୋଇଥିଲା। କିନ୍ତୁ ପ୍ରିୟଙ୍କା ଅନେକ ଆନ୍ତର୍ଜାତୀୟ ସ୍ତରୀୟ ପ୍ରୋଜେକ୍ଟରେ ବ୍ୟସ୍ତ ଥିବାରୁ ସେ ଏହି ଫିଲ୍ମ ପାଇଁ ସମୟ ବାହାର କରିପାରି ନ ଥିଲେ। ଏହାପରେ ରକୁଲ୍‌ଙ୍କୁ ଏହି ଅଫର୍ ମିଳିଥିଲା। ସେ ମଧ୍ୟ ଏହି ଭୂମିକାରେ ପୂରାପୂରି ଫିଟ୍ ହୋଇ ଯାଇଥିଲେ। ତେବେ ପ୍ରିୟଙ୍କାଙ୍କୁ ହିନ୍ଦୀ ଫିଲ୍ମରେ ଦେଖିବା ପାଇଁ ଭାରତୀୟ ଦର୍ଶକେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ସେ ଶେଷ ଥର ପାଇଁ 'ସ୍କାଏ ଇଜ୍ ପିଙ୍କ୍' ଫିଲ୍ମରେ ନଜର ଆସିଥିଲେ।

## ହୋଟେଲ ରୁମ୍‌ରେ ଘଣ୍ଟା ନଥାଏ

ସାଧାରଣତଃ ହୋଟେଲରେ ରହିବାବେଳେ ଲୋକଙ୍କ ନଜର ସବୁବେଳେ ରୁମ୍, ବାଥରୁମ୍, ଟିଭି ଉପରେ ରହିଥାଏ। ଯେଭଳି ରହିବାରେ କୌଣସି ସମସ୍ୟା ହେବ ନାହିଁ। ହେଲେ ଅଧିକାଂଶ ହୋଟେଲ ରୁମ୍‌ର କାନ୍ଥ କି ଟେବୁଲରେ ଘଣ୍ଟା ଦେଖିବାକୁ ମିଳି ନ ଥାଏ। ଏହା ଉପରେ ଅନେକେ ସେତେ ବେଶି ଗୁରୁତ୍ୱ ଦେଇ ନ ଥାନ୍ତି। ତେବେ ହୋଟେଲ ରୁମ୍‌ରେ ଘଣ୍ଟା ନ ରହିବା ପଛରେ ଠୋସ୍ କାରଣ ଅଛି। ହୋଟେଲ ଗ୍ରାହକଙ୍କୁ ଆରାମ ଓ ଶାନ୍ତିପୂର୍ଣ୍ଣ ଅନୁଭୂତି ଦେବାକୁ ଘଣ୍ଟା ରଖି ନ ଥାଏ। ଯଦ୍ୱାରା ଗ୍ରାହକ ହୋଟେଲରେ ନିଜର ବ୍ୟସ୍ତପୂର୍ଣ୍ଣ ଜୀବନ ଓ କର୍ମଚାପକୁ କିଛି ସମୟ ପାଇଁ ଭୁଲାଇ ଦେଇ ପାରିବେ। ହୋଟେଲ ରୁମ୍‌ରେ ଘଣ୍ଟା ନ ଥିଲେ, ବାରମ୍ବାର ସମୟ ଦେଖିବାକୁ ପଡ଼ି ନ ଥାଏ। ଏହାଦ୍ୱାରା କେଉଁ ସମୟରେ କେଉଁ କାମ କରିବା ଦରକାର, ତାହା ଉପରେ ଲୋକଙ୍କ ନଜର ରହେ ନାହିଁ। ସେହିପରି ସମୟ ସହିତ ବାନ୍ଧି ହୋଇ ନ ରହିବା ଦ୍ୱାରା ଜଣେ ଅଧିକ ସମୟ ଶୋଇଥାଏ, ଧୀରେ ଧୀରେ କୌଣସି କାମ ପାଇଁ ନିଜକୁ ପ୍ରସ୍ତୁତ କରିଥାଏ ଏବଂ ପ୍ରତିଟି ମୁହୂର୍ତ୍ତର ଆନନ୍ଦ ନିଏ। ସମୟର ଚାପ ନ ରହିବା ଦ୍ୱାରା ଲୋକେ ହୋଟେଲରେ ବେଶି ସମୟ ରହନ୍ତି। ସ୍ପା ଏବଂ ସୁଇମିଂ ପୁଲ୍ ଭଳି ହୋଟେଲର ସେବାକୁ ମନଭରି ଉପଭୋଗ କରନ୍ତି। ଅବଶ୍ୟ ଏବେ କିଛି ହୋଟେଲରେ ଆଲାର୍ମ କିମ୍ବା ଡିଜିଟାଲ ଘଣ୍ଟା ଦେଖିବାକୁ ମିଳୁଛି। ହେଲେ ହୋଟେଲ ରୁମ୍‌ରେ ଲୋକଙ୍କୁ ପାରମ୍ପରିକ ଭାବେ ଘଣ୍ଟାଠୁ ଦୂରେଇ ରଖାଯାଏ। ଅବଶ୍ୟ ଲୋକେ ମୋବାଇଲ, ସ୍ମାର୍ଟୱାଚ୍ ବ୍ୟବହାର କରିଥାନ୍ତି। ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ହୋଟେଲ ରୁମ୍‌ରେ ଘଣ୍ଟା ନ ରହିବାର ଅର୍ଥ ଲୋକଙ୍କୁ ଆରାମ ସହ ହୋଟେଲ ବ୍ୟବସାୟ ବୃଦ୍ଧି କରିବାର ଏହା ଏକ ରଣନୀତି।



# ସମ୍ଭାବନା



## ଭଲ ଲାଗୁନି କି ଅଫିସ୍ ପରିବେଶ

**ଅଫିସ୍ ହେଉଛି ଏମିତି ଏକ ସ୍ଥାନ, ଯେଉଁଠି କର୍ମଜୀବୀଙ୍କ ଅଧିକାଂଶ ସମୟ ବିତିଥାଏ। ହେଲେ ବେଳେ ବେଳେ ଅଫିସ୍ ପରିବେଶ ଏଭଳି ହୋଇଯାଏ ଯେ, କାମ କରିବାକୁ ଇଚ୍ଛା ହୁଏ ନାହିଁ। ଅଫିସ୍ ଜେଲ୍ ଭଳି ମନେ ହୁଏ। ଅବଶ୍ୟ ଏହା ପଛର କାରଣ ଅନେକ କିଛି ହୋଇପାରେ।**



ଅଫିସ୍ ପରିବେଶରେ ଏ ପ୍ରକାର ସମସ୍ୟା କାହିଁକି ଆସେ ଏହାକୁ ନେଇ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ? କମ୍ପାନି ନିଯୁକ୍ତି ଦେବା ବେଳେ କେବଳ ପ୍ରାର୍ଥୀଙ୍କ ଯୋଗ୍ୟତା ଉପରେ ଧ୍ୟାନ ଦିଏ। ହେଲେ ବ୍ୟକ୍ତିତ୍ୱ ଉପରେ ଗୁରୁତ୍ୱ ଦେଇ ନ ଥାଏ। ତେବେ ନିଯୁକ୍ତିଦାତାଙ୍କୁ ନିଯୁକ୍ତି ସମୟରେ ଉଭୟ ଯୋଗ୍ୟତା ଏବଂ ବ୍ୟକ୍ତିତ୍ୱ ଉପରେ ଗୁରୁତ୍ୱ ଦେବା ଜରୁରି। ସେହିପରି ଅଫିସ୍‌ରେ କିଛି କର୍ମଚାରୀ ଏଭଳି ଥାନ୍ତି, ଯେଉଁମାନେ ମାନସିକ ସ୍ତରରେ ଅସୁସ୍ଥ ହୋଇଥାନ୍ତି। ଏହା ସାମ୍ନାକୁ ଜଣାପଡ଼ି ନ ଥାଏ। ପରବର୍ତ୍ତୀ ସମୟରେ ସେମାନଙ୍କ ବ୍ୟବହାର, ଆଚରଣ ଅନ୍ୟ ସହକର୍ମୀ ଏବଂ ସଦସ୍ୟଙ୍କ ପାଇଁ ଏଭଳି ଥାଏ, ଯାହାକି ଅସହନୀୟ ହୋଇଥାଏ। ଏହାବାଦ୍ ଏଭଳି ସ୍ୱଭାବ ଦେଖାଉଥିବା କର୍ମଚାରୀଙ୍କ ଆଚରଣ ବି ଅଲଗା ହୋଇଥାଏ। ସେମାନେ ଆବଶ୍ୟକତାଠୁ ଅଧିକ ରାଗନ୍ତି, କାହାକୁ ଭୟ କରନ୍ତି ନାହିଁ। ଏପରିକି ହିଂସା ଓ ଅପରାଧ କରିବା ପରେ ଅନୁତାପ କରି ନ ଥାନ୍ତି ଏବଂ ଅନ୍ୟର ଦୁଃଖକୁ ବୁଝି ନ ଥାନ୍ତି। ଏଭଳି ପରିବେଶରେ କର୍ମଚାରୀମାନେ କାମ କରିବାକୁ ଆଗ୍ରହ ପ୍ରକାଶ କରି ନ ଥାନ୍ତି। ଯାହାକି ଅଫିସ୍ ପାଇଁ ସମସ୍ୟା ସୃଷ୍ଟି କରିଥାଏ। ଏ ସଂକ୍ରାନ୍ତରେ ସପ୍ଲାଏ ଚେନ୍ ମ୍ୟାନେଜମେଣ୍ଟରେ କାମ କରୁଥିବା ୨୬୧ କର୍ମଚାରୀଙ୍କ ଉପରେ ଗବେଷଣା କରାଯାଇଥିଲା। ଏଥିରୁ ଜଣାପଡ଼ିଲା ୨୧ ପ୍ରତିଶତ କର୍ମଚାରୀଙ୍କ ମଧ୍ୟରେ ସହାନୁଭୂତିର ଅଭାବ, ସ୍ୱାର୍ଥବାଦର ଲକ୍ଷଣ ଥିଲା। ଏହି ଲକ୍ଷଣ କାର୍ଯ୍ୟାଳୟରେ ଭଲ ବ୍ୟବହାର ପ୍ରଦର୍ଶନ ନ କରିବା, ଅସ୍ୱାସ୍ଥ୍ୟକର ପରିବେଶ, ଖରାପ କାମ କରିବା ପରିବେଶ ଯୋଗୁଁ ହୋଇପାରେ। ଏନେଇ ଗବେଷକମାନେ ଏକ ଟୁଲ୍ ବିକଶିତ କରିଛନ୍ତି। ଯଦ୍ୱାରା ମନୋରୋଗୀ ଲୋକଙ୍କୁ ଚିହ୍ନଟ କରାଯାଇ ପାରିବ।

## ଅଜବ କୋର୍ସ

**ଆଜିକାଲି ଏମିତି ପାଠ୍ୟକ୍ରମ ଆସୁଛି, ଯାହାକି ପାରମ୍ପରିକ ଶିକ୍ଷାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏପରି କିଛି ପାଠ୍ୟକ୍ରମ ସମ୍ପର୍କରେ...**



- କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ହ୍ୟାରି ପଟରକୁ ନେଇ ଏକ କୋର୍ସ ଅଛି। ଏଠାରେ ହ୍ୟାରି ପଟର ସୁପରଫ୍ୟାନ୍ସ ହଗବଟସର ଯାଦୁଗର ଦୁନିଆକୁ ସମର୍ପିତ କୋର୍ସରେ ନାମ ଲେଖାଇପାରିବେ। ଏହି ବିଷୟ ସମ୍ପୂର୍ଣ୍ଣ ଅଲଗା ଓ ରୋମାଞ୍ଚକର ଲାଗେ।
- ବ୍ରିଟିଶ କଲେଜ ଅଫ୍ କୋନାଇନ ଷ୍ଟଡିଜ୍ କୁକୁର ପ୍ରେମୀଙ୍କ ଲାଗି କହିଲେ କିଛି ଭୁଲ୍ ହେବନି। କୁକୁରଙ୍କୁ ବୁଲାଇବା ଲାଗି ପ୍ରଫେସନାଲ କୋର୍ସ ଅଛି।
- ମାସାଚୁସେଟସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ଷ୍ଟ୍ରିଟ୍ ଫାଇଟିଂ ମ୍ୟାଥ୍‌ମେଟିକ୍ସ ନାମର କୋର୍ସ ଅଛି। ଏଥିରେ ମ୍ୟାଥ୍‌ମେଟିକାଲ ଆଇଡିଆକୁ ସୁଧାରିବାକୁ ଶିଖାଯାଏ।
- ସାଉଥ୍ କ୍ୟାରିଲୋନା ୟୁନିଭର୍ସିଟିରେ ସମାଜଶାସ୍ତ୍ରର ଏକ କୋର୍ସ ଅଛି। ଏହା ପପ୍ ଷ୍ଟାର୍ ଲେଡି ଗାଗାଙ୍କ ଜୀବନ ଏବଂ ତାଙ୍କ ପ୍ରସିଦ୍ଧି ଉପରେ ଆଧାରିତ।
- ପେନ୍ ୟୁନିର୍ଭର୍ସିଟି ଟର୍ଫଗ୍ରାସ ସାଇନ୍ସରେ ଗ୍ରାଜୁଏସନ ଡିଗ୍ରୀ ପ୍ରଦାନ କରେ। ଏଥିରେ ଘାସ ଓ ବଗିଚାର ଦେଖାଶୁଣା କରିବା ବାବଦରେ ଶିକ୍ଷା ପ୍ରଦାନ କରାଯାଏ।
- ଲିଭରପୁଲ୍ ହୋପ୍ ୟୁନିର୍ଭର୍ସିଟି ଦ ବିଟଲସ, ପପୁଲାର ମ୍ୟୁଜିକ୍ ଆଣ୍ଡ ସୋସାଇଟି ନାମକ କୋର୍ସ ରହିଛି। ଏଥିରେ ବିଦ୍ୟାର୍ଥୀଙ୍କୁ ସଂଗୀତ ଏବଂ ସଂସ୍କୃତି ଉପରେ ବ୍ୟାଣ୍ଡ ପ୍ରଭାବ ପଡ଼ା ଉପରେ ସୁଯୋଗ ପ୍ରଦାନ କରେ।

## ପ୍ରତିଶ୍ରୁତି ରକ୍ଷା କରୁ ନ ଥିଲେ...



ଯେଉଁ ଲୋକ ପ୍ରତିଶ୍ରୁତି ଠାରୁ ପଳାୟନ କରନ୍ତି, ସେମାନଙ୍କଠାରେ କିଛି ସ୍ୱତନ୍ତ୍ର ଅଭ୍ୟାସ ବା ଲକ୍ଷଣ ଥାଏ। ଏଭଳି ଲୋକ ସମ୍ପର୍କ ଏବଂ ଦାୟିତ୍ୱବୋଧରୁ ରକ୍ଷା ପାଇବାକୁ ଚାହାଁନ୍ତି। ସାଧାରଣତଃ ଭବିଷ୍ୟତ ଯୋଜନା ଯେଭଳି ବିବାହ, ଏକାଠି ରହିବା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ସଙ୍କୋଚ କରିଥାନ୍ତି। ଏଭଳି ଲୋକ ସବୁବେଳେ ଏକଥା ଭାବନ୍ତି ଯେ, ସେମାନଙ୍କ ପାଇଁ ସବୁ ଭଲ ବିକଳ୍ପ ଅଛି। ତେଣୁ ଗୋଟିଏ ସମ୍ପର୍କରେ ସେମାନେ ବାନ୍ଧି ହୋଇ ରହି ନ ଥାନ୍ତି। ସେମାନଙ୍କର ଗୋଟିଏ ସମ୍ପର୍କରେ ଶୀଘ୍ର ମୋହଭଙ୍ଗ ହୁଏ ଏବଂ ନୂଆର ସନ୍ଧାନରେ ରହନ୍ତି। ଛୋଟ ଛୋଟ କଥାରେ ଅଯଥାରେ ଝଗଡ଼ା କରନ୍ତି। ସେମାନେ ନିଜ ଜୀବନସାଥୀ ଏବଂ ସାଙ୍ଗସାଥୀଙ୍କ ସହ ଭାବନାତ୍ମକ ସ୍ତରରେ ଯୋଡ଼ି ହୋଇ ରହିବା ପାଇଁ ଇଚ୍ଛା କରନ୍ତିନି। ସେମାନଙ୍କୁ ନିଜ ଭାବନାକୁ ବ୍ୟକ୍ତ କରିବା କଷ୍ଟ ହୁଏ। ଏଭଳି ଲୋକଙ୍କ କଥା ସବୁବେଳେ ଅସ୍ପଷ୍ଟ ହୋଇଥାଏ। କୌଣସି କଥାକୁ ସିଧାସଳଖ ନ କହି ବୁଲେଇ ବଙ୍କେଇ କହିଥାନ୍ତି। ସମ୍ପର୍କକୁ କେଉଁ ଆଡକୁ ନେବେ ସେ କଥା ସ୍ପଷ୍ଟ ଭାବେ କିଛି କହି ନ ଥାନ୍ତି।

## ଆପଲ୍‌ର ନୂଆ ଫିଚର୍

ଆଇଫୋନ୍ ବ୍ୟବହାରକାରୀଙ୍କ ଲାଗି ଆପଲ ଏକ ନୂଆ ଫିଚର୍ ଆଣିଛି। ଏଥିରୁ ଏକଥା ଜଣାପଡ଼ିବ ଯେ, ଆଇଫୋନ୍ ୮୦ ପ୍ରତିଶତ ଚାର୍ଜ ହେବା ପାଇଁ କେତେ ସମୟ ଲାଗିବ। ଏହି ତଥ୍ୟ ହୋମ୍‌ସ୍କ୍ରିନ୍ ଉପରେ ହିଁ ଦେଖାଇବ। ଏହା ଆଇଓଏସ୍ ୨୬ ଅପଡେଟ୍‌ର ଅଂଶ। ଆଇଓଏସ୍ ୨୬ ସହିତ ଏକ ନୂଆ ଇଣ୍ଟେଲିଜେଣ୍ଟ ବ୍ୟାଟେରି ସେଭର୍ ମୋଡ୍ ଆସୁଛି। ଏହାର ନାଁ ଆଡପଟିଭ୍ ପାୱାର। ଏହି ମୋଡକୁ ଆଇଫୋନ୍ ବ୍ୟବହାରକାରୀଙ୍କୁ ଫୋନ୍‌ରେ ଚାଲୁ କରିବାକୁ ହେବ। ଏହା ସାହାଯ୍ୟରେ ବ୍ୟବହାରକାରୀ ବ୍ୟାଟେରିର ବ୍ୟବହାର ଏବଂ ପ୍ୟାଟର୍ଣ୍ଣକୁ ବୁଝିପାରିବେ। ଏହି ନୂଆ ପାୱାର ମୋଡ୍ ବ୍ୟବହାରକାରୀଙ୍କୁ ଏକଥା କହିବ ଆଇଫୋନ୍ ୮୦ ପ୍ରତିଶତ ଚାର୍ଜ ହେବାରେ କେତେ ସମୟ ଲାଗିବ। ଏଥିରୁ ଏକଥା ଜଣାପଡ଼ିବ, ଫୋନ୍‌କୁ ଚାର୍ଜିଂରେ କେତେ ସମୟ ରଖିବାକୁ ହେବ। ସେହିପରି କେଉଁ ଆପ୍ ସାମାନ୍ୟଠୁ ଅଧିକ ବ୍ୟାଟେରି ବ୍ୟବହାର କରୁଛି ଏବଂ ଅଚାନକ ପରିବର୍ତ୍ତନର କାରଣ କହିବ।

# ୧୮ ବର୍ଷ ହେଲା ଇଂଲଣ୍ଡରେ ସିରିଜ୍ ଜିତିନି ଭାରତ

ଲଣ୍ଡନ,୧୭।୬ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ କିଏ ଜିତିବ ତାହା ଏବେଠାରୁ କହିବା କଷ୍ଟକର। କିନ୍ତୁ ଘରୋଇ ମାଟିରେ ଖେଳୁଥିବା ଇଂଲଣ୍ଡ ଏହି ସିରିଜ୍ ଜିତିବ ବୋଲି ପୂର୍ବାନୁମାନ କରାଯାଉଛି। ଟେଷ୍ଟ କ୍ରିକେଟରେ ଭାରତ ୧୯୩୨ରେ ପ୍ରଥମେ ଇଂଲଣ୍ଡ ସହ ଇଂଲଣ୍ଡରେ ଖେଳିଥିଲା। ଏହି ମ୍ୟାଚ୍ ପରେ ଭାରତକୁ ଇଂଲଣ୍ଡରେ ପ୍ରଥମ ଟେଷ୍ଟ ଜିତିବାକୁ ୪ ଦଶନ୍ଧିରେ ୨୨ଟି ଟେଷ୍ଟ ଖେଳିବାକୁ ପଡ଼ିଥିଲା। ଶେଷରେ ଅଜିତ ୱାଡେକରଙ୍କ ନେତୃତ୍ୱରେ ଓଭାଲରେ ୧୯୭୧ରେ ଖେଳାଯାଇଥିବା ଟେଷ୍ଟରେ ଭାରତ ବିଜୟୀ ହୋଇଥିଲା। ଭାରତ ଏହି ଟେଷ୍ଟକୁ ୪ ୱିକେଟରେ ଜିତିଥିଲା ଓ ୧-୦ରେ ପ୍ରଥମ ସିରିଜ୍ କବ୍‌ଜା କରିଥିଲା। ଏହାପରେ ଇଂଲଣ୍ଡ ମାଟିରେ ଦ୍ୱିତୀୟଥର ସିରିଜ୍ ଜିତିବାକୁ ଦଳକୁ ୧୫ ବର୍ଷ ଲାଗି ଯାଇଥିଲା। ୧୯୮୬ରେ କପିଳ ଦେବଙ୍କ ନେତୃତ୍ୱରେ ଭାରତ ଏହି ସିରିଜ୍‌କୁ ୨-୦ରେ ଜିତିନେଇଥିଲା। ତୃତୀୟ ସିରିଜ୍ ଜିତିବାକୁ ଭାରତକୁ ୨୦୦୭ ଯାଏ ଅପେକ୍ଷା କରିବାକୁ ପଡ଼ିଥିଲା। ରାହୁଲ ଦ୍ରାବିଡ଼ଙ୍କ ନେତୃତ୍ୱରେ ଭାରତ ଶେଷଥର ଇଂଲଣ୍ଡକୁ ଇଂଲଣ୍ଡ ମାଟିରେ ସିରିଜ୍ ହରାଇଥିଲା। ଶେଷ ସିରିଜ୍ ବିଜୟ ପରଠାରୁ ଇଂଲଣ୍ଡ ମାଟିରେ ଭାରତ ଦୟନୀୟ ପ୍ରଦର୍ଶନ କରିଛି। ୨୦୧୧ରେ ୦-୪, ୨୦୧୪ରେ ୧-୩, ୨୦୧୮ରେ ୧-୪ରେ ଟେଷ୍ଟ ସିରିଜ୍ ହାରିଥିଲା। ଏହା ପରେ ଶେଷଥର ୨୦୨୧-୨୨ରେ ମୁକାବିଲା ହୋଇଥିଲା। କରୋନା ପ୍ରଭାବିତ ସମୟରେ ଦୁଇଟି ଦଫାରେ ଖେଳାଯାଇଥିବା ଏହି ସିରିଜ୍ ୨-୨ରେ ଅମିମାଂସିତ ରହିଥିଲା। ଇଂଲଣ୍ଡରେ ଭାରତ ଏଯାଏ ସର୍ବାଧିକ ୬୭ଟି ଟେଷ୍ଟ ମ୍ୟାଚ୍ ଖେଳିଛି। କିନ୍ତୁ ଦଳ ମାତ୍ର ୯ଟି ଟେଷ୍ଟରେ ବିଜୟୀ ହୋଇ ପାରିଛି। ଏବେ ଦଳରେ ବରିଷ୍ଠ ଖେଳାଳିଙ୍କର ଅନୁପସ୍ଥିତି ରହିଛି। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଏହି ସିରିଜ୍‌କୁ କବ୍‌ଜା କରିବ ବୋଲି କେହି ପୂର୍ବାନୁମାନ କରୁଥିଲେ ମଧ୍ୟ ଏଥିଲାଗି ଯେ ଅନେକ କଷ୍ଟସ୍ୱୀକାର କରିବାକୁ ହେବ ଏହା ନିଃସନ୍ଦେହରେ କୁହାଯାଇପାରେ।

# 'ବିରାଟ, ରୋହିତଙ୍କ ବିନା ମଧ୍ୟ ଭାରତ ଏକ ବିପଜ୍ଜନକ ଦଳ'

ଲଣ୍ଡନ,୧୭।୬ (ଏଜେନ୍ସି): ଜୁନ୍ ୨୦ରୁ ଭାରତ ସହ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ନେଇ ଅନେକ ପୂର୍ବାନୁମାନ କରାଯାଉଛି। ଏହି ସିରିଜ୍‌ରେ ଭାରତର ଦୁଇ ଅଭିଜ୍ଞ ତଥା ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଖେଳୁ ନାହାନ୍ତି। ସେମାନଙ୍କ ଅନୁପସ୍ଥିତିରେ ଭାରତର ବ୍ୟାଟିଂ କିଛିଟା ଦୁର୍ବଳ ହୋଇଛି। କିନ୍ତୁ ଏବେ ମଧ୍ୟ ଇଂଲଣ୍ଡ ଲାଗି ଭାରତ ଏକ ବିପଜ୍ଜନକ ଦଳ ବୋଲି ଘରୋଇ ଦଳର ଅଫ୍ ସ୍ପିନର ଗ୍ରେମ୍ ସ୍ୱାନ୍ କହିଛନ୍ତି। ସ୍ୱାନଙ୍କ ମତରେ ଭାରତ ଗସ୍ତରେ ଆମେ ଯାଇଥିବା ୨ଟି ଯାକ ଟେଷ୍ଟ ସିରିଜ୍‌ରେ ଶୋଚନୀୟ ପରାଜୟ ବରଣ କରିଥିଲୁ। ଏବେ ଆମେ ଘରୋଇ ମାଟିରେ ଖେଳୁଛୁ। ମୁଁ ଆଶା କରୁଛି ଆମ ନିକଟରେ ଯେପରି ବୋଲିଂ ବାହିନୀ ଅଛନ୍ତି, ସେମାନେ ଭାରତର ବ୍ୟାଟିଂକୁ ଧୂଳିସାତ କରିବାକୁ ଦକ୍ଷତା ରଖିଛନ୍ତି। ଏହି ସିରିଜ୍‌କୁ ଇଂଲଣ୍ଡ ସହଜରେ ଜିତିବା ଉଚିତ ବୋଲି ସ୍ୱାନ୍ କହିଛନ୍ତି। ଇଂଲଣ୍ଡ ସପକ୍ଷରେ ଏହି ସିରିଜ୍ ୪-୧ ହେବା ଉଚିତ ବୋଲି ସେ କହନ୍ତି।

● ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ

# ନାଜମୁଲ-ମୁସଫିକରଙ୍କ ରେକର୍ଡ ପାର୍ଟନରସିପ୍




ଗଲ୍,୧୭।୬ (ଏଜେନ୍ସି): ଅଧିନାୟକ ନାଜମୋଲ ହୋସେନ୍ ସାଣ୍ଟୋ ଓ ମୁସଫିକର ରହିମ ଚତୁର୍ଥ ୱିକେଟ ଯୋଡ଼ିରୁ ରେକର୍ଡ ୨୪୭ ରନ ସଂଗୃହୀତ ହେବା ଫଳରେ ଏଠାରେ ଆରମ୍ଭ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ବାଂଲାଦେଶ ମଜଭୁତ ସ୍ଥିତିରେ ପହଞ୍ଚିଛି। ଗଲ୍‌ରେ ଖେଳାଯାଇଥିବା ଏହି ଟେଷ୍ଟରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୪୫ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହା ପରେ ନାଜମୋଲ ୧୩୬ ଓ ମୁସ୍‌ଫିକର ୧୦୫ ରନ୍ କରି ଅପରାଜିତ ଶତକ ହାସଲ କରିବା ସହ ଚତୁର୍ଥ ୱିକେଟରେ ନିଜ ଦେଶ ପକ୍ଷରୁ ସର୍ବାଧିକ ଭାଗୀଦାରି କରିବା ଫଳରେ ଦଳ ପ୍ରଥମ ଦିନ ଖେଳ ଶେଷ ବେଳକୁ ୩ ୱିକେଟରେ ୨୯୨ ରନ୍ କରି ଭଲ ସ୍ଥିତିରେ ରହିଛି। ଶ୍ରୀଲଙ୍କା ପକ୍ଷରୁ ତାରିନ୍ଦୁ ରତନାୟକେ ୨ଟି ୱିକେଟ ପାଇଛନ୍ତି।

## ଆଉ ୨ ଦିନ ପରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ

# ଭାରତୀୟ ଦଳରେ ହର୍ଷିତ ସାମିଲ

ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି)



ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଆଉ ମାତ୍ର ୨ ଦିନ ବାକି ରହିଛି। ଜୁନ ୨୦ରୁ ଲିଡ୍ସରେ ଏହି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ଏଥିଲାଗି ଯୁବ ଅଧିନାୟକ ଶୁବମାନ ଗିଲ୍‌ଙ୍କ ନେତୃତ୍ୱରେ ଭ୍ରମଣକାରୀ ଭାରତୀୟ ଦଳ ଗତ ଦୁଇ ସପ୍ତାହ ହେବ ଇଂଲଣ୍ଡରେ ଜୋର୍‌ଦାର ଅଭ୍ୟାସ ଜାରି ରଖିଛି। ସଦ୍ୟ ରିପୋର୍ଟ ମୁତାବକ, ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ଇଂଲଣ୍ଡରେ ଦଳ ସହ ରହିବାକୁ ବିସିସିଆଇ ପକ୍ଷରୁ କୁହାଯାଇଛି। ପୂର୍ବରୁ ମେ ୨୪ରେ ଘୋଷିତ ୧୮ ଜଣିଆ ଦଳରେ ହର୍ଷିତଙ୍କ ନାମ ନ ଥିଲା। ହର୍ଷିତ କିନ୍ତୁ ଭାରତ-ଏ ଦଳ ସହ ଇଂଲଣ୍ଡ ଗସ୍ତରେ ରହିଥିଲେ। ସେଠାରେ ଭାରତ-ଏ ଘରୋଇ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିସାରିଛି। କିନ୍ତୁ ୨୩ ବର୍ଷୀୟ ହର୍ଷିତଙ୍କୁ ସ୍ୱଦେଶ ଫେରିବା ପରିବର୍ତ୍ତେ ଭାରତୀୟ ଟେଷ୍ଟ ଦଳ ସହ ରହିବାକୁ ବିସିସିଆଇ ପକ୍ଷରୁ କୁହାଯାଇଛି। ଫଳରେ ଭାରତୀୟ ଟେଷ୍ଟ ସଦସ୍ୟଙ୍କ ସଂଖ୍ୟା ୧୮ ରୁ ୧୯କୁ ବଢ଼ିଯାଇଛି। ତେବେ ବସିସିଆଇ ତାଙ୍କୁ ଅନ୍‌ଅଫିସିଆଲ୍ ସଦସ୍ୟ ଭାବେ ଦଳରେ ସାମିଲ କରିଛି। ଭାରତୀୟ ଦଳର କିଛି ସଦସ୍ୟ ସାମାନ୍ୟ ଆହତ ଥିବାରୁ ହର୍ଷିତଙ୍କୁ ବ୍ୟାକ୍‌ଅପ୍ ଭାବେ ଇଂଲଣ୍ଡରେ ରହିବାକୁ କୁହାଯାଇଥିବା ଜଣାପଡ଼ିଛି। ଇଂଲଣ୍ଡ ଲାୟନ୍ସ ବିପକ୍ଷ ପ୍ରଥମ ଅନଅଫିସିଆଲ୍ ଟେଷ୍ଟରେ ରାଣା ୯୯ ରନ ବ୍ୟୟରେ ଗୋଟିଏ ୱିକେଟ୍ ନେଇ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

ପୂର୍ବରୁ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳରେ ୫ଜଣ ଦ୍ରୁତ ବୋଲିଂ ସ୍ପେଶାଲିଷ୍ଟ ରହିଥିଲେ। ସେମାନେ ହେଲେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶଦୀପ୍ ଓ ଅର୍ଶଦୀପ୍ ସିଂହ। ସେହିଭଳି ଶାର୍ଦ୍ଦୁଳ ଠାକୁର ଓ ନୀତୀଶ ରେଡ୍ଡୀଙ୍କ ରୂପେ ଦୁଇଜଣ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଦଳରେ ସ୍ଥାନ ପାଇଛନ୍ତି। ତେବେ ରାଣା ବ୍ୟାକ୍‌ଅପ୍ ଭାବେ ଦଳ ସହ ରହିବେ। ହର୍ଷିତ ଭାରତ ପାଇଁ ୨ଟି ଟେଷ୍ଟ ଖେଳି ୪ଟି ୱିକେଟ୍ ନେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୭ ପରେ ଭାରତ ପ୍ରଥମଥର ଲାଗି ଇଂଲଣ୍ଡ ମାଟିରେ ଟେଷ୍ଟ ସିରିଜ ଜିତିବାକୁ ଲକ୍ଷ୍ୟ ରଖିଛି।

## ■ ସିରିଜ ବିଜୟୀ ଅଧିନାୟକଙ୍କୁ ମିଳିବ 'ପଟୌଦୀ ପଦକ'

ଭାରତ ଓ ଘରୋଇ ଇଂଲଣ୍ଡ ମଧ୍ୟରେ ଆଗାମୀ ଟେଷ୍ଟ ସିରିଜରେ ଯେଉଁ ଦଳ ବିଜୟୀ ହେବ ସେହି ଦଳର ଅଧିନାୟକଙ୍କୁ 'ପଟୌଦୀ ପଦକ' ପ୍ରଦାନ କରାଯିବ। ପଟୌଦୀ ଐତିହ୍ୟକୁ ବଜାୟ ତଥା ଅକ୍ଷୁଣ୍ଣ ରଖିବା ଲାଗି ଏହା ଏକ ବ୍ୟକ୍ତିଗତ ସମ୍ମାନ ହେବ। ଦୁଇ ଅଂଶଗ୍ରହଣକାରୀ ଦେଶର କ୍ରିକେଟ୍ ବୋର୍ଡ ବିସିସିଆଇ ଓ ଇସିବି ପକ୍ଷରୁ 'ପଟୌଦୀ ପଦକ' ପ୍ରଦାନ ନେଇ ସମ୍ପ୍ରତି ପ୍ରକାଶ ପାଇଛି। ପ୍ରକାଶଯୋଗ୍ୟ, ପୂର୍ବରୁ ଇଂଲଣ୍ଡ ମାଟିରେ ଭାରତ ଯେଉଁ ଟେଷ୍ଟ ସିରିଜ ଖେଳିଥାଏ ତାହା ପୂର୍ବତନ କ୍ରିକେଟର୍ ଏମ୍‌ଏକେ ପଟୌଦୀଙ୍କ ସମ୍ମାନାର୍ଥେ 'ପଟୌଦୀ ଟ୍ରଫି' ନାମରେ ନାମିତ ଥିଲା। ଏଥର କିନ୍ତୁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପାରମ୍ପରିକ ପଟୌଦୀ ଟ୍ରଫିର ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲା। ଆଗାମୀ ସିରିଜର ନାମ 'ଆଣ୍ଡରସନ-ତେନ୍ଦୁଲକର ଟ୍ରଫି' ନାମରେ ନାମିତ କରାଯାଇଥିଲା। କିନ୍ତୁ କିମ୍ବଦନ୍ତୀ କ୍ରିକେଟର୍ ସଚିନ ତେନ୍ଦୁଲକର ଏହି ସିରିଜରେ ପଟୌଦୀ ଐତିହ୍ୟକୁ ଅକ୍ଷୁଣ୍ଣ ରଖିବା ଲାଗି ଉଭୟ ବିସିସିଆଇ ଓ ଇସିବିକୁ ବ୍ୟକ୍ତିଗତ ଭାବେ ଅନୁରୋଧ କରିଥିଲେ। ଶେଷରେ ସଚିନଙ୍କ କଥା ରକ୍ଷା କରି 'ପଟୌଦୀ ପଦକ' ଭାବେ ଏକ ନୂଆ ବ୍ୟକ୍ତିଗତ ସମ୍ମାନ ସିରିଜ ବିଜୟୀ ଦଳର ଅଧିନାୟକଙ୍କୁ ପ୍ରଦାନ କରାଯିବ।



## 'ଦଳର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନେତୃତ୍ୱ ନେବାକୁ ମନା କରିଥିଲି'

ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଶେଷରେ ଭାରତୀୟ ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ନ ହେବାକୁ ନେଇ ମୁହଁ ଖୋଲିଛନ୍ତି। କାର୍ଯ୍ୟଭାରକୁ ନଜରରେ ରଖି ଇଂଲଣ୍ଡ ଗସ୍ତରେ ଦଳର ନେତୃତ୍ୱ ନେବା ଲାଗି ମିଳିଥିବା ଅଫରକୁ ପ୍ରତ୍ୟାଖାନ କରିଥିଲି ବୋଲି ବୁମ୍‌ରା ଏକ ସାକ୍ଷାତ୍‌କାର ଅବସରରେ ଏହା କହିଛନ୍ତି। ବୁମ୍‌ରା ନେତୃତ୍ୱ ନେବାକୁ ମନା କରିବା ପରେ ଯୁବ ବ୍ୟାଟର୍ ଶୁବମନ ଗିଲ୍‌ଙ୍କୁ ଇଂଲଣ୍ଡ ଗସ୍ତରେ ଭାରତୀୟ ଦଳର ଅଧିନାୟକ ନିଯୁକ୍ତ କରାଯାଇଥିଲା। ଇଂଲଣ୍ଡରେ ସ୍କାଏ ସ୍ପୋର୍ଟ୍ସକୁ ଦେଇଥିବା ଏହି ସାକ୍ଷାତ୍‌କାରେ ବୁମ୍‌ରା କହିଛନ୍ତି, 'ରୋହିତ୍ ଓ ବିରାଟଙ୍କ ଅବସର ଘୋଷଣା ପୂର୍ବରୁ ଆଇପିଏଲ୍ ମଝିରେ ମୁଁ ବିସିସିଆଇ ସହିତ ମୋର କାର୍ଯ୍ୟଭାର ନେଇ ଆଲୋଚନା କରିଥିଲି। ମୋ ଅଣ୍ଟାଜନିତ ସମସ୍ୟାର ଯତ୍ନ ନେଉଥିବା ଲୋକଙ୍କ ସହ ଆଲୋଚନା କରିଥିଲି। ଶେଷରେ ନିଷ୍ପତ୍ତି ନେଇଥିଲୁ ଅଣ୍ଟାଜନିତ ସମସ୍ୟାକୁ ନେଇ ଆମକୁ ସତର୍କ ରହିବାକୁ ପଡ଼ିବ। ଏହାପରେ ବିସିସିଆଇକୁ ଜଣାଇ ଦେଇଥିଲି ଇଂଲଣ୍ଡ ଗସ୍ତରେ ସମସ୍ତ ୫ଟି ଯାକ ଟେଷ୍ଟ ମ୍ୟାଚ୍ ଖେଳିପାରିବି ନାହିଁ। ତେଣୁ ମୋତେ ଦଳର ନେତୃତ୍ୱ ଲାଗି ଏକ ବିକଳ୍ପ ଭାବେ ନ ରଖାଯାଉ। ବିସିସିଆଇ ମୋତେ ଅଧିନାୟକ ଭାବେ ଇଂଲଣ୍ଡରେ ଦେଖିବାକୁ ଚାହୁଁଥିଲା। କିନ୍ତୁ ମୋତେ ଶେଷରେ ଏହାକୁ ପ୍ରତ୍ୟାଖାନ କରିବାକୁ ପଡ଼ିଥିଲା। କାରଣ ୫ଟି ଟେଷ୍ଟରୁ ତିନୋଟିରେ ଜଣେ ଏବଂ ଆଉ ୨ଟି ମ୍ୟାଚରେ ଅନ୍ୟଜଣେ ନେତୃତ୍ୱ ନେଉ ତାହା ଦଳ ପାଇଁ ଭଲ ଲକ୍ଷଣ ନୁହେଁ। ଯେଉଁଥି ପାଇଁ ମୁଁ ଅଧିନାୟକ ଭାର ସମ୍ଭାଳିବାକୁ ମନା କରିଥିଲି' ବୋଲି ବୁମ୍‌ରା କହିଛନ୍ତି।

● ଆଜିଠୁ ପୁରୁଷ ହକି ମାଷ୍ଟର୍ସ କପ୍

# ପୁଡୁଚେରୀ ବିପକ୍ଷରୁ ଓଡ଼ିଶାର ଅଭିଯାନ

ଚେନ୍ନଇ, ୧୭।୬ (ଏଜେନ୍ସି): ହକି ଇଣ୍ଡିଆ ଆନୁକୂଲ୍ୟରେ ବୁଧବାରଠାରୁ ଏଠାରେ ପୁରୁଷ ହକି ମାଷ୍ଟର୍ସ କପ୍‌ର ପ୍ରଥମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ପଞ୍ଜାବ ଓ ପୁଡୁଚେରୀ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଖେଳାଯିବ। ସେହିଭଳି ଓଡ଼ିଶା ଦଳ ଗୁରୁବାର ପୁଡୁଚେରୀ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଅବସରପ୍ରାପ୍ତ ହକି ଖେଳାଳିଙ୍କୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ଦେଶର ୧୧ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପୁଲ୍-ବି'ରେ ପଞ୍ଜାବ ଓ ପୁଡୁଚେରୀ ସହ ଓଡ଼ିଶା ସ୍ଥାନ ପାଇଛି। ସେହିଭଳି ପୁଲ୍-ଏ'ରେ ଆନ୍ଧ୍ର ପ୍ରଦେଶ, ତାମିଲନାଡୁ ଓ କେରଳ, ପୁଲ-ସି'ରେ ଚଣ୍ଡିଗଡ଼, ମହାରାଷ୍ଟ୍ର ଓ ମଣିପୁର ଏବଂ ପୁଲ୍-ଡି'ରେ ହରିୟାଣା ଓ କର୍ଣ୍ଣାଟକ ରହିଛନ୍ତି। ଓଡ଼ିଶା ଏହାର ଶେଷ ପୁଲ୍ ମ୍ୟାଚରେ ଜୁନ ୨୦ରେ ପଞ୍ଜାବକୁ ଭେଟିବ। ପ୍ରତି ପୁଲ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲ ଖେଳିବେ। ଜୁନ ୨୩ ଓ ୨୪ରେ କ୍ୱାର୍ଟର ଫାଇନାଲ, ୨୫ରେ ସେମିଫାଇନାଲ ଓ ଫାଇନାଲ ଓ ୩ୟ/୪ର୍ଥ ସ୍ଥାନ ପାଇଁ ମ୍ୟାଚ୍ ଖେଳାଯିବ। ୪୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇପାରିବେ।

# ୬ ବର୍ଷ ପରେ ଶୀର୍ଷକୁ ଫେରିଲେ ମନ୍ଧାନା

ଦୁବାଇ, ୧୭।୬ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ଦୀର୍ଘ ୬ ବର୍ଷର ବ୍ୟବଧାନ ପରେ ଆଇସିସି ଦିନିକିଆ ର୍‌ୟାଙ୍କିଂର ଶୀର୍ଷ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସଦ୍ୟ ପ୍ରକାଶିତ ଆଇସିସି ଦିନିକିଆ ମାନ୍ୟତାର ବ୍ୟାଟିଂ ତାଲିକାରେ ମନ୍ଧାନା ଗୋଟିଏ ପାହାଚ ଉପରକୁ ଉଠି ୭୨୭ ରେଟିଂ ପଏଣ୍ଟ ସହ ଏକ ନମ୍ବର ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ୱଲଭାର୍ଡଟ ୧୯ ରେଟିଂ ପଏଣ୍ଟ ହରାଇ ଶୀର୍ଷ ମାନ୍ୟତା ହରାଇଛନ୍ତି। ବର୍ତ୍ତମାନ ଲୌରା ଓ ଇଂଲଣ୍ଡ ଅଧିନାୟିକା ନାତାଲୀ ସ୍କିଭର-ବ୍ରଣ୍ଟ ୭୧୯ ରେଟିଂ ପଏଣ୍ଟ ସହ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମନ୍ଧାନା ଶେଷଥର ଲାଗି ୨୦୧୯ରେ ଆଇସିସି ଦିନିକିଆ ମାନ୍ୟତାର ଶୀର୍ଷ ସ୍ଥାନରେ ରହିଥିଲେ। ସଦ୍ୟ ତାଲିକାର ଟପ୍-୧୦ରେ ଅନ୍ୟ କୌଣସି ଭାରତୀୟ ବ୍ୟାଟର୍ ରହି ନ ଥିବାବେଳେ ଜେମିମା ରୋଡ୍ରିଗ୍ସେଜ ଓ ହରମନପ୍ରୀତ୍ କୌର ଯଥାକ୍ରମେ ୧୫ତମ ଓ ୧୬ତମ ସ୍ଥାନରେ ରହିଛନ୍ତି। ପୂର୍ବରୁ ପୁରୁଷ ବିଭାଗରେ ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ମଧ୍ୟ ଦିନିକିଆ ମାନ୍ୟତାରେ ଏକ ନମ୍ବର ସ୍ଥାନ ଅଧିକାର କରିଥିଲେ।

# ଏସୀୟ ରୌପ୍ୟ ବିଜୟିନୀ ଶ୍ରାବଣୀଙ୍କୁ ସମ୍ବର୍ଦ୍ଧନା

କଟକ,୧୭।୬(ସମିସ): କୋରିଆର ଗୁମିରେ ଆୟୋଜିତ ୨୬ତମ ଏସିଆନ ଆଥଲେଟିକ ଚାମ୍ପିଅନସିପ୍‌ରେ ରୌପ୍ୟ ବିଜୟୀ ଓଡ଼ିଆ ଧାବିକା ଶ୍ରାବଣୀ ନନ୍ଦଙ୍କୁ ଓଡ଼ିଶା ଆଥଲେଟିକ ସଂଘ(ଓଏଏ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ୪୦୦ମିଟର ରିଲେ ଦୌଡ଼ରେ ଶ୍ରାବଣୀ ଏହି ସଫଳତା ପାଇଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଂଘ ପକ୍ଷରୁ ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଶ ଗେଟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓଏଏ ଅଧ୍ୟକ୍ଷ ଆଶୀର୍ବାଦ ବେହେରା ଉପଢୌକନ ସହ ୫୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଶିକ୍ଷକ ଅରୁଣ ଦାସ, ନୀଳମାଧବ ରାଓ ଉପସ୍ଥିତ ଥିଲେ। ଓଏଏର କାର୍ଯ୍ୟକାରୀ ସମ୍ପାଦକ ଅଭିଜିତ ପାଲ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

# କ୍ୱାର୍ଟରଫାଇନାଲ ଘୁଞ୍ଚିଲା ଗୋଟିଏ ଦିନ

କଟକ,୧୭।୬(ସମିସ): ଲଗାଣ ବର୍ଷା ଯୋଗୁଁ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ଟି ଯାକ କ୍ୱାର୍ଟରଫାଇନାଲ ମ୍ୟାଚ୍ ବାତିଲ ହୋଇଛି। ବୁଧବାର ମ୍ୟାଚ୍ ପୁନଃ ଆୟୋଜନ ନିମନ୍ତେ ଓଡିଶା କ୍ରିକେଟ ଆସୋସିଏସନ ପକ୍ଷରୁ ସ୍ଥିର ହୋଇଥିବା ସତ୍ତ୍ୱେ ପାରିପାର୍ଶ୍ୱିକ ପରିସ୍ଥିତି ଉପରେ ନିର୍ଭର କରିବ। କଟକରେ ବର୍ଷା ଜାରି ରହିଥିବା ବେଳେ ବିଭିନ୍ନ ଗ୍ରାଉଣ୍ଡରେ ପାଣି ଜମା ହୋଇ ରହିଛି। ପ୍ରକାଶଯୋଗ୍ୟ, ଟୁର୍ଣ୍ଣାମେଣ୍ଟର ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ଖେଳାଯାଇଥାନ୍ତା। ରେଭେନ୍ସା ଗ୍ରାଉଣ୍ଡ-୨ରେ ଝାରସୁଗୁଡ଼ା ଓ ଭୁବନେଶ୍ୱର-ଏ, ବିଡାନାସୀ ଗ୍ରାଉଣ୍ଡରେ କଟକ-ବି ଓ ଭୁବନେଶ୍ୱର-ବି, ନିମପୁର ଗ୍ରାଉଣ୍ଡରେ କଟକ-ଏ ଓ ଖୋର୍ଦ୍ଧା ଏବଂ ଖୋର୍ଦ୍ଧା ଗ୍ରାଉଣ୍ଡରେ ସୁନ୍ଦରଗଡ ଏବଂ କେନ୍ଦ୍ରାପଡା ମଧ୍ୟରେ ମୁକାବିଲା ହୋଇଥାନ୍ତା। ଆସନ୍ତାକାଲି ଏହି ମ୍ୟାଚ୍ ଆୟୋଜନର ସମ୍ଭାବନା ରହିଛି।

କ୍ରିକେଟ୍ ଇତିହାସରେ ପ୍ରଥମ

# ତୃତୀୟ ସୁପର୍ ଓଭରରେ ଜିତିଲା ନେଦରଲାଣ୍ଡସ

ଗ୍ଲାସଗୋ, ୧୭।୬ (ଏଜେନ୍ସି)




ପୁରୁଷ ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ଗୋଟିଏ ଟି-୨୦ ମ୍ୟାଚ୍ ଟାଇ ରହିବା ପରେ ତୃତୀୟ ସୁପର୍ ଓଭରରେ ଶେଷରେ ମ୍ୟାଚ୍‌ର ଫଳାଫଳ ବାହାରିଛି। ସ୍କଟଲାଣ୍ଡରେ ଚାଲିଥିବା ଟି-୨୦ ତ୍ରିରାଷ୍ଟ୍ରୀୟ ସିରିଜରେ ଖେଳାଯାଇଥିବା ଏହି ହାଇଡ୍ରାମା ମୁକାବିଲାରେ ଶେଷରେ ନେପାଳକୁ ହରାଇଛି ନେଦରଲାଣ୍ଡସ। ମ୍ୟାଚ୍ ଟାଇ ରହିବା ପରେ ପ୍ରଥମ ଓ ଦ୍ୱିତୀୟ ସୁପର୍ ଓଭର ମଧ୍ୟ ଟାଇ ରହିଥିଲା।

ତ୍ରି-ରାଷ୍ଟ୍ରୀୟ ସିରିଜର ଏହି ଦ୍ୱିତୀୟ ମ୍ୟାଚ୍‌ରେ ନେପାଳ ବିପକ୍ଷରେ ନେଦରଲାଣ୍ଡସ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ୍‌ରେ ୧୫୨ ରନ କରିଥିଲା। ଜବାବରେ ଅଧିନାୟକ ରୋହିତ୍ ପୌଡେଲଙ୍କ ୪୮ ରନ ବଳରେ ନେପାଳ ୮ ୱିକେଟ୍‌ରେ ସମାନ ୧୫୨ ରନ କରିଥିଲା। ଫଳରେ ମ୍ୟାଚ୍ ଟାଇ ରହିଥିଲା। ଏହାପରେ ପ୍ରଥମ ସୁପର୍ ଓଭର ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ପ୍ରତିପକ୍ଷ ଡାନିଏଲ୍ ଡୋରାମଙ୍କ ଓଭରରୁ ୧୯ ରନ ସଂଗ୍ରହ କରିଥିଲା। ଜବାବରେ ନେଦରଲାଣ୍ଡସ ଓପନର୍ ମାକ୍ସ ଓ'ଡୋଡ୍ ୨ ଛକା ଓ ଗୋଟିଏ ଚୌକା ସହ ସମାନ ୧୯ ରନ ସଂଗ୍ରହ କରିବା ଫଳରେ ପ୍ରଥମ ସୁପର୍ ଓଭର ମଧ୍ୟ ଟାଇରେ ସମାପ୍ତ ହୋଇଥିଲା। ଫଳାଫଳ ପାଇଁ ଦ୍ୱିତୀୟ ସୁପର୍ ଓଭର ଖେଳାଯାଇଥିଲା। ଏଥର କିନ୍ତୁ ନେଦରଲାଣ୍ଡସ ପ୍ରଥମେ ବ୍ୟାଟିଂ କରି ୧୮ ରନ କରିଥିଲା। ଜବାବରେ ନେପାଳ ପାଇଁ ଓପନର୍ ରୋହିତ ଓ ଦୀପେନ୍ଦ୍ର ସିଂ ଧୂଆଁଧାର ବ୍ୟାଟିଂ କରି ୬ ବଲ୍‌ରେ ୧୮ ରନ କରି ପୁନର୍ବାର ମ୍ୟାଚ୍‌କୁ ଟାଇ ରଖିଥିଲେ। ଶେଷରେ ୩ୟ ସୁପର୍ ଓଭର ଆୟୋଜିତ ହୋଇଥିଲା। ଏଥିରେ କିନ୍ତୁ ପ୍ରଥମେ ବ୍ୟାଟିଂ କରିଥିବା ନେପାଳ କୌଣସି ରନ ସଂଗ୍ରହ କରିବା ପୂର୍ବରୁ ପ୍ରଥମ ୪ଟି ବଲ୍‌ରେ ଦୁଇ ବ୍ୟାଟର୍‌ଙ୍କୁ ହରାଇଥିଲା। ଫଳରେ ନେଦରଲାଣ୍ଡସ ସାମ୍ନାରେ ମାତ୍ର ୧ ରନ ଲକ୍ଷ୍ୟ ରହିଥିଲା। ଦଳ ଏହାକୁ ପ୍ରଥମ ବଲ୍‌ରେ ହାସଲ କରିନେଇଥିଲା।

### ସଂକ୍ଷିପ୍ତ ସ୍କୋର

ନେଦରଲାଣ୍ଡସ- ୧୫୨/୭, ୨୦ ଓଭର
ନେପାଳ- ୧୫୨/୮, ୨୦ ଓଭର

**ପ୍ରଥମ ସୁପର୍ ଓଭର**
ନେପାଳ- ୧୯/୧, ୧ ଓଭର
ନେଦରଲାଣ୍ଡସ- ୧୯/୦

**ଦ୍ୱିତୀୟ ସୁପର ଓଭର**
ନେଦରଲାଣ୍ଡସ- ୧୭/୧, ୧ ଓଭର
ନେପାଳ- ୧୭/୦, ୧ ଓଭର

**ତୃତୀୟ ସୁପର ଓଭର**
ନେପାଳ- ୦/୨, ୦.୪ ଓଭର
ନେଦରଲାଣ୍ଡସ- ୬/୦, ୦.୧ ଓଭର

## ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍

# ଭାରତ ଖେଳିବ ୬ ସିରିଜ୍, ୧୮ ଟେଷ୍ଟ



ଦୁବାଇ,୧୭।୬ (ଏଜେନ୍ସି): ଗଲ୍‌ରେ ଆଜି ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ହେବା ସହ ୨୦୨୫-୨୭ ସାଇକଲର ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଆରମ୍ଭ ହୋଇଯାଇଛି। ଆଜି ମଧ୍ୟ ଆଇସିସି ପକ୍ଷରୁ ଟେଷ୍ଟ ଚାମ୍ପିଅନସିପ୍‌ର ବିସ୍ତୃତ ଖେଳସୂଚୀ ଘୋଷଣା କରାଯାଇଛି। ଏହି ଖେଳସୂଚୀ ଅନୁଯାୟୀ ଭାରତ ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ୬ଟି ସିରିଜ୍ ଓ ୧୮ଟି ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଜୁନ୍ ୨୦ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ଏବଂ ୨୦୨୭ ଜାନୁୟାରୀରୁ ଘରୋଇ ମାଟିରେ ଅଷ୍ଟ୍ରେଲିଆ ସହ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ୍ ୫ ମ୍ୟାଚ୍ ବିଶିଷ୍ଟ ହେବ। ଇଂଲଣ୍ଡ ସହ ବିଦେଶ ମାଟିରେ ଖେଳି ଏହି ସାଇକଲ୍‌ରେ ଅଭିଯାନ ଆରମ୍ଭ କରିବ। ଏହା ପରେ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ସହ ୨ଟି ଲେଖାଏଁ ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବ। ୨୦୨୬ ଅକ୍ଟୋବର ଓ ନଭେମ୍ବରରେ ଏହି ମ୍ୟାଚ୍ ଖେଳାଯିବ। ଏହା ପରେ ଆଉ ୨ଟି ସିରିଜ୍ ଭାରତ ବାହାରେ ଖେଳିବ। ଏହା ମଧ୍ୟରୁ ୨୦୨୬ ଅଗଷ୍ଟରେ ଶ୍ରୀଲଙ୍କା ସହ ଓ ଅକ୍ଟୋବରରେ ନ୍ୟୁଜିଲାଣ୍ଡ ସହ ବିଦେଶ ମାଟିରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ସୂଚନା ଯୋଗ୍ୟ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ଭାରତ ପ୍ରଥମ ୨ଟି ସଂସ୍କରଣରେ ଫାଇନାଲ ଖେଳିଥିଲା। ଏହି ଦୁଇଟି ସଂସ୍କରଣରେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଥିଲେ। କିନ୍ତୁ ତୃତୀୟ ସଂସ୍କରଣରେ ଫାଇନାଲ ଯାଇ ପାରି ନ ଥିଲା। ଏଥିରେ ଅଷ୍ଟ୍ରେଲିଆକୁ ହରାଇ ଦକ୍ଷିଣ ଆଫ୍ରିକା ତୃତୀୟ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।

**ଭାରତର ଖେଳସୂଚୀ**

| ଟେଷ୍ଟ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଖେଳ ଆରମ୍ଭ |
|---|---|---|---|
| ୫ | ଇଂଲଣ୍ଡ | ଇଂଲଣ୍ଡ | ଜୁନ୍ ୨୦୨୫ |
| ୨ | ୱେଷ୍ଟଇଣ୍ଡିଜ୍ | ଭାରତ | ଅକ୍ଟୋବର ୨୦୨୬ |
| ୨ | ଦକ୍ଷିଣ ଆଫ୍ରିକା | ଭାରତ | ନଭେମ୍ବର ୨୦୨୬ |
| ୨ | ଶ୍ରୀଲଙ୍କା | ଶ୍ରୀଲଙ୍କା | ଅଗଷ୍ଟ ୨୦୨୬ |
| ୨ | ନ୍ୟୁଜିଲାଣ୍ଡ | ନ୍ୟୁଜିଲାଣ୍ଡ | ଅକ୍ଟୋବର ୨୦୨୬ |
| ୫ | ଅଷ୍ଟ୍ରେଲିଆ | ଅଷ୍ଟ୍ରେଲିଆ | ଜାନୁଆରୀ ୨୦୨୭ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS